
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୧ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 JANUARY 2025
Vol.No. 36 ■ No.20 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଭୟାଙ୍କୁ ମିଳିଲା ନ୍ୟାୟ

## ମଲା ଯାଏଁ ସଜା କାଟିବ ଜେଲରେ ସୈତାନ ସଞ୍ଜୟ




କୋଲକାତା, ୨୦/୧ : ବହୁଚର୍ଚ୍ଚିତ କୋଲକାତା ଆର.ଜି କର ହସ୍ପିଟାଲର ଟ୍ରେନିଂ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ ଆଜୀବନ କାରାଦଣ୍ଡାଦେଶ । ଦଣ୍ଡାଦେଶ ଶୁଣାଇଛନ୍ତି ସିଆଲଦା କୋର୍ଟ । ଅଭିଯୁକ୍ତ ସଞ୍ଜୟକୁ ଆଜୀବନ ଦଣ୍ଡାଦେଶ ସହ ୫୦ହଜାର ଟଙ୍କାର ଜୋରିମାନା ଲଗାଇଛନ୍ତି କୋର୍ଟ। ଏହି ମାମଲାରେ ପୀଡ଼ିତା ଡାକ୍ତରଙ୍କ ପରିବାର ଓ ସିବିଆଇ ଫାଶୀ ଦଣ୍ଡାଦେଶ ପାଇଁ ଆବେଦନ କରିଥିଲେ। ହେଲେ କୋର୍ଟ ଫାଶୀ ବଦଳରେ ଆଜୀବନ ଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ପୀଡ଼ିତାଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ମୁହଁରୁ ପାଦ ଚାରିଆଡେ କ୍ଷତ ଚିହ୍ନ, ଯୌନାଙ୍ଗରୁ ରକ୍ତ ବାହାରୁଥିଲା । ଗାଲ, ଓଠରେ କାମୁଡିବାର ଚିହ୍ନ । ସେ ଘଟଣା ଦେଖିଲେ ଆପଣଙ୍କ ଦେହ ବି ଥରି ଉଠିବ । ଆଉ ଲୋମ ଟାଙ୍କୁରି ଉଠିବ । ସତରେ ଜଣେ ଏମିତି କେମିତି କରିପାରିବ ? ପୋଷ୍ଟମର୍ଟମ ପରେ ଡାକ୍ତର ବି ଚମକି ପଡିଥିଲେ ପିଡିତାଙ୍କ ଅବସ୍ଥା ଦେଖି । ମୁହଁରେ କପଡା ପୂରାଇ ପୀଡିତାଙ୍କ ସହ ହୋଇଥିଲା ଦୁଷ୍କର୍ମ । ଥରେ ନୁହେଁ କି ଦୁଇ ଥର ନୁହେଁ ବାରମ୍ବାର ତାଙ୍କୁ ଦୁଷ୍କର୍ମ କରାଯାଇଥିଲା । ସେ ଲଢିଥିଲେ, ବଞ୍ଚିବାକୁ ଅନେକ ଚେଷ୍ଟା କରିଥିଲେ ହେଲେ ସେ ସଫଳ ହୋଇପାରିନଥିଲେ । ଆଉ ଶେଷରେ ହାରିଯାଇଥିଲେ । ପୀଡିତାଙ୍କ ମୃତଦେହକୁ ଯିଏ ବି ଦେଖିଲା ସେ କାନ୍ଦିଥିଲା । ଏ ହୃଦୟ ବିଦାରକ ଘଟଣା ହେଉଛି ପଶ୍ଚିମବଙ୍ଗ କୋଲକାତାରେ ଥିବା ସରକାରୀ

▶▶ପୃଷ୍ଠା ୭

## ଆମ ହାତରେ ମାମଲା ଥିଲେ ଫାଶୀ ଦଣ୍ଡ ହୋଇଥାନ୍ତା: ମମତା



କୋଲକାତା, ୨୦/୧ : ସମଗ୍ର ଦେଶକୁ ଦୋହଲାଇ ଦେଇଥିବା କୋଲକାତା ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ, କୋର୍ଟ ଆଜି ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରଏକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପଶ୍ଚିମବଙ୍ଗର ସିଆଲଦା କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି। ତେବେ ଏହି ଦଣ୍ଡାଦେଶ ପରେ ରାଜନୀତି ମଧ୍ୟ ଜୋର ଧରିଛି । ଆମ ହାତରେ ମାମଲା ଥିଲେ, ନିଶ୍ଚିତ ଫାଶୀ ଦଣ୍ଡ ହୋଇଥାନ୍ତା ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି । ମମତା କହିଛନ୍ତି ଯେ, "ଆମେ ସମସ୍ତେ ମୃତ୍ୟୁଦଣ୍ଡ ଦାବି କରିଥିଲୁ, କିନ୍ତୁ କୋର୍ଟ ଆଜୀବନ କାରାଦଣ୍ଡ ଦେଇଥିଲେ। ମୁଁ ସନ୍ତୁଷ୍ଟ ନୁହେଁ।" ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ଅସନ୍ତୋଷ ପ୍ରକାଶ କରି କହିଥିଲେ, "ଆମେ ଆରମ୍ଭରୁ ମୃତ୍ୟୁଦଣ୍ଡ ଦାବି କରିଆସୁଛୁ, କିନ୍ତୁ କୋର୍ଟ

▶▶ପୃଷ୍ଠା ୭

# ଯୋଜନାବଦ୍ଧ ଥିଲା କି ନବ ଦାସଙ୍କ ହତ୍ୟା ?

## ପ୍ରମାଣ ନଷ୍ଟ ପାଇଁ ପାଦେ ପାଦେ ହୋଇଥିଲା କି ଷଡ଼ଯନ୍ତ୍ର ?

ବହୁଚର୍ଚ୍ଚିତ ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ରହସ୍ୟର ଯେମିତି ଅନ୍ତ ନାହିଁ । ମର୍ଡର ପ୍ଲଟ୍ ?ଠୁ ନେଇ ହସ୍ପିଟାଲ ଯାଏଁ ସବୁଠି ଯେମିତି ଖାଲି ଷଡ଼ଯନ୍ତ୍ର ଆଉ ଷଡ଼ଯନ୍ତ୍ରର ଗନ୍ଧ । ଯା ଭିତରେ ସାମ୍ନାକୁ ଆସିଥିବା ତଥ୍ୟ ବି ମୁଣ୍ଡ ଘୂରେଇ ଦେଲାଭଳି । ନବଙ୍କ ରକ୍ତଭିଜା ସାର୍ଟକୁ କୁଆଡ଼େ ପୋଡ଼ି ଦେଇଥିଲେ ହସ୍ପିଟାଲ କର୍ତ୍ତୃପକ୍ଷ । ଖାଲି ନବଙ୍କ ସାର୍ଟ ପୋଡାଯାଇନି, ଜଣେ ପ୍ରମୁଖ ସାକ୍ଷୀଙ୍କ ସାର୍ଟର ରଙ୍ଗ ବି ହଳଦୀରୁ ଧଳା ହୋଇଯାଇଛି । ଆଉ ସବୁଠୁ ବଡ଼ କଥା ହେଉଛି, ତଦନ୍ତରେ ଏସବୁ ଛିଦ୍ର ବାବଦରେ ଖବର ପ୍ରସାରଣ ପରେ ଆଜି ହିଁ ତଦନ୍ତକାରୀ ଅଧିକାରୀଙ୍କୁ ରିପୋର୍ଟ ତଲବ କରୁଛି କ୍ରାଇମବ୍ରାଞ୍ଚ । ପୂରା ଯୋଜନାବଦ୍ଧ ଥିଲା କି ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ? ପ୍ରମାଣ ନଷ୍ଟ ପାଇଁ ପାଦେ ପାଦେ ହୋଇଥିଲା କି ଷଡ଼ଯନ୍ତ୍ର ? କାରଣ ହତ୍ୟା ଘଟଣାଠୁ ଶବ ବ୍ୟବଚ୍ଛେଦ ପର୍ଯ୍ୟନ୍ତ ସବୁଥିରେ ପ୍ରମାଣ ନଷ୍ଟ ପାଇଁ ଭରା ଉଦ୍ୟମର ମିଳିବାରେ ଲାଗୁଛି ପୁଳା ପୁଳା ତଥ୍ୟ । ମର୍ଡର ପ୍ଲଟ୍ଠୁ ହସ୍ପିଟାଲ ଯାଏଁ ସବୁଠି ଯେମିତି ପାଖେ ପାଖେ ରହି, ନିଜ ଇଚ୍ଛା ମୁତାବକ ତଦନ୍ତର ଦିଗକୁ ମୋଡୁଥିଲା ହତ୍ୟା ଷଡ଼ଯନ୍ତ୍ରକାରୀ । କେମିତି ନଜର ପକାନ୍ତୁ ଏ ତିନିଟି ବିନ୍ଦୁ ଉପରେ।



ବ୍ରଜରାଜନଗର ଗାନ୍ଧିଛକରେ ନବଙ୍କୁ ଗୁଳିମାଡ଼ ସମୟରେ ରକ୍ତରେ ବୁଡ଼ିଯାଇଛି ନବ ପିନ୍ଧିଥିବା ଧଳା ସାର୍ଟ ।

## କାଙ୍ଗପୋକପିରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଉଦ୍ଧାର

ଇମ୍ଫାଲ, ୨୦ ଜାନୁଆରୀ (ହି.ସ)-ସୁରକ୍ଷାବାହିନୀ କାଙ୍ଗପୋକପୀ ଜିଲ୍ଲାର ନ୍ୟୁ କେଥେଲମନ୍ଦବୀ ଥାନା ଅନ୍ତର୍ଗତ ଲୁଙ୍ଖୋଗଜଙ୍ଗ ରିଜ ଅଞ୍ଚଳରେ ସର୍ଚ୍ଚ ଏବଂ ଏରିଆ ନିୟନ୍ତ୍ରଣ କାର୍ଯ୍ୟ କରିଥିଲେ। ପୋଲିସ ସୋମବାର କହିଛନ୍ତି ଯେ ଏହି ସମୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ

▶▶ପୃଷ୍ଠା ୭

## ସୋପୋର ଗୁଳି ବିନିମୟରେ ଆହତ ଯବାନଙ୍କର ହସ୍ପିଟାଲରେ ମୃତ୍ୟୁ

ସୋପୋର, ୨୦/୧ (ନି.ପ୍ର): ସୋପୋରର ଜଲୋରାର ଗୁଜ୍ଜରପତି ଅଂଚଳରେ ଆତଙ୍କବାଦୀ-ସୁରକ୍ଷାବଳ ମଧ୍ୟରେ ଗୁଳି ବିନିମୟରେ ଆହତ ଯବାନ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । କାଲି ବିଳମ୍ବିତ ସନ୍ଧ୍ୟାରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଜଣେ ଅଧିକାରୀଙ୍କ ସୂଚନା ମୁତାବକ ଅନ୍ଧାର କାରଣରୁ କାଲି ରାତିରେ ଅଭିଯାନକୁ ରୋକି ଦିଆଯାଇଥିଲା । ସକାଳେ ପୁଣି ଥରେ ଅଭିଯାନ ଆରମ୍ଭ ହୋଇଥିଲା । ଏହି ସମୟରେ ଆତଙ୍କବାଦୀଙ୍କ ଗୁଳିକାଣ୍ଡ ପରେ ପୁଣି ଥରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଏଥିରେ ଜଣେ ଯବାନ ଆହତ ହୋଇଥିଲେ । ଏହାପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ।

## ୨୪ରୁ ପିଏମ ଆବାସ ପଞ୍ଜୀକରଣ : ଏକାସାଙ୍ଗେ ଆବେଦନ ସାଙ୍ଗକୁ ଯାଂଚ

ଭୁବନେଶ୍ୱର, ୨୦/୧(ନି.ପ୍ର) : ଲୋକଙ୍କୁ ପିଏମ ଆବାସ ଦେବାକୁ ସରକାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଯାଉଛନ୍ତି । ୨୪ରେ ଆବାସ ପୋର୍ଟାଲର ବିଧିବଦ୍ଧ ଲଞ୍ଚ ହେବ । ସର୍ଭେ ଦେଢରୁ ଦୁଇମାସ ଚାଲିବ। ଏହାପରେ ଲୋକଙ୍କୁ ଘର ମିଳିବ। ଏଥିପାଇଁ ପଂଚାୟତିରାଜ ବିଭାଗ ପୁରା ପ୍ରସ୍ତୁତ ଅଛି । ପିଏମ ଆବାସରେ ପଞ୍ଜିକରଣ ପାଇଁ ନିୟମକୁ କୋହଳ କରାଯାଇଛି । କେନ୍ଦ୍ର ସରକାର ଆବାସ ସଂଖ୍ୟା ୨ କୋଟିରୁ ୩ କୋଟିକୁ ବଢାଇଛନ୍ତି । ତେବେ ଓଡିଶାକୁ କେତେ ମିଳିବ ତାହା ସ୍ପଷ୍ଟ ହୋଇନାହିଁ । ଦୁଇ ମାସ ଭିତରେ ପ୍ରକ୍ରିୟା ସରିବା ପରେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିବ । ବିଜୁ ପକ୍କାଘର ନେଇ ଥିବା ଦ୍ୱନ୍ଦ୍ୱକୁ ପଂଚାୟତିରାଜ ମନ୍ତ୍ରୀ ଦୂର କରିଛନ୍ତି । ବିଜୁ ପକ୍କାଘର ନାହିଁ , କିନ୍ତୁ ଛାପା ଅଛି ଲୋକେ କାଢିବେ । ଛାପା ବା ଘରେ ସିଲଟ ଲଗେଇଛନ୍ତି , ସେ ସିଲଟ ଉଠିବ । ପୂର୍ବ ସରକାରଙ୍କ ଆନ୍ତରିକତା ନଥିଲା । ବିଜୁ ପକ୍କାଘରର ତାଲିକା ଆମ ପାଖରେ ନାହିଁ ବୋଲି କହିଛନ୍ତି ପଂଚାୟତିରାଜମନ୍ତ୍ରୀ । ମାତ୍ର ୩ ଲକ୍ଷ ୧୨ ହଜାର ଲୋକଙ୍କୁ ବିଜୁ ପକ୍କାଘର ଦେଇ ବାହା ବାହା ନେଉଥିଲେ ସରକାର ବୋଲି ମନ୍ତ୍ରୀ ଅଭିଯୋଗ ଆଣିଛନ୍ତି । ବିଜେପି ନିର୍ବାଚନୀ ଇସ୍ତାହାରରେ ୧୫ ଲକ୍ଷ ବାସହୀନଙ୍କୁ ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା ।

## ପୂର୍ବତନ ବିଧାୟକଙ୍କ ଉପରୁ ବାସନ୍ଦାଦେଶ ହଟାଇଲା ବିଜେଡି: ଟାର୍ଗେଟ କଲେ କଂଗ୍ରେସ,ବିଜେପି



ଭୁବନେଶ୍ୱର, ୨୦/୧(ନି.ପ୍ର) : ଦୁର୍ନୀତି ଅଭିଯୋଗ ଆଣି ବହିଷ୍କାର କଲେ। ଆଉ ବର୍ଷେ ପରେ ପୁଣି ଥରେ ଆପଣାଇଲେ। ଦୁର୍ନୀତି ପାଇଁ ରେମୁଣାର ତତ୍କାଳୀନ ବିଜେଡି ବିଧାୟକ ସୁଧାଂଶୁ ପରିଡାଙ୍କୁ ନବୀନ ଦଳରୁ ବହିଷ୍କାର କରିଥିଲେ। ମାତ୍ର ଏବେ ତାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଛି। ଚର୍ଚ୍ଚା ହେଉଛି ବାଲେଶ୍ୱର ସଂଗଠନ ବିଗୁଡ଼ୁ ଥିବାରୁ ଦଳ ସୁଧାଂଶୁଙ୍କୁ ହିଁ ଆଶ୍ରା କରିଛି। ଦଳର ଅନ୍ୟ ବିଧାୟକଙ୍କ

▶▶ପୃଷ୍ଠା ୭

## ରାସନ କାର୍ଡରେ ଅଛନ୍ତି ଶତାଧିକ ସରକାରୀ ଚାକିରିଆ

ଭୁବନେଶ୍ୱର, ୧୯/୧(ନି.ପ୍ର) : ଏଚଆରଏମଏସ୍ ତଥ୍ୟ ଅନୁସାରେ ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ୩୦୨ ଓ ଜଳେଶ୍ୱରରେ ୧୮୦ ଜଣ ସରକାରୀ ଚାକିରିଆ ବର୍ଷ ବର୍ଷ ଧରି ରାସନ ସାମଗ୍ରୀ ହାତେଉଥିବା ଇକେୱାଇସିରୁ ଧରା ପଡ଼ିଛି। ତେଣୁ ସେମାନଙ୍କୁ ଚିହ୍ନଟ କରି କାର୍ଡ ପ୍ରତ୍ୟାହାର ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରମୁଖ ସଚିବ। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି ବାଲିଆପାଳ ବ୍ଲକର ରାସନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମରୁ ହସ୍ତଗତ ତଥ୍ୟ ସମସ୍ତଙ୍କୁ ଚମକାଇ ଦେଇଛି। ଜଣେ କି ଦୁଇ ଜଣ ନୁହେଁ ଏଠି ୧୬୫ଜଣ ସରକାରୀ ଚାକିରିଆ



ପ୍ରତି ମାସରେ ଘରକୁ ବୁହାଇ ନେଉଛନ୍ତି ରାସନ ସାମଗ୍ରୀ। ରାସନ କାର୍ଡ ନମ୍ବର-୦୨୦୨୦୧୧୦୪୭୩। ଏ ହେଲେ ଅଲଡିହା ଗାଁର ମକୁନ୍ଦଦେବ ପଦରାୟ, ଜଣେ ଜୁନିଅର ଇଞ୍ଜିନିୟର। ସେମିତି ୧୦ ନମ୍ବରରେ ଥିବା ବଡପାଳ ଗାଁର ଜନ୍ମେଜୟ ପାତ୍ର, ଜଣେ ଜିଏସଟି ଅଫିସର। ତାଲିକାର ୧୭ ନମ୍ବରରେ ରହିଛନ୍ତି ଜାଗାଇ ଗାଁର ଓଡ଼ିଆ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସ। ଯିଏ ଏବେ ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପ୍ରିନସିପାଲ୍।

▶▶ପୃଷ୍ଠା ୭

## ଓଡ଼ିଶାର ପ୍ରାକୃତିକ ସମ୍ପଦ ଭାରତ ପାଇଁ ରତ୍ନ : ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ଭୁବନେଶ୍ୱର, ୧୯/୧(ନି.ପ୍ର) : ବିକଶିତ ଭାରତ ପାଇଁ ଓଡ଼ିଶାରେ ଚାଲିଛି ମାନସମନ୍ଥନ । କୋଣାର୍କରେ ୨ ଦିନିଆ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀରେ ୨୦୪୭ ବିକଶିତ ଭାରତ ପାଇଁ ପ୍ରସ୍ତୁତ ହେଉଛି ରୋଡମ୍ୟାପ । କେନ୍ଦ୍ର ଖଣିମନ୍ତ୍ରୀଙ୍କ ସହ ୧୬ ରାଜ୍ୟର ଖଣିମନ୍ତ୍ରୀ ଏହି ସମ୍ମିଳନୀରେ ସାମିଲ ହୋଇଛନ୍ତି । ପ୍ରାକୃତିକ ସମ୍ପଦର ଉପଯୋଗ ପାଇଁ ପରିବେଶକୁ କ୍ଷତି ନ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। କେବଳ ରପ୍ତାନୀ ଭିତ୍ତିକ ଖଣି



ଉତ୍ତୋଳନ ନ କରି ଆବଶ୍ୟକତା ଅନୁଯାୟୀ ଖଣି ଉତ୍ତୋଳନକୁ ଫୋକସରେ ରଖାଯାଇଛି। ପ୍ରାକୃତିକ ସମ୍ପଦ ପାଇଁ ଓଡ଼ିଶା ରତ୍ନଗର୍ଭା । ଯାହା ବିକଶିତ ଭାରତ ଗଠନରେ ଓଡ଼ିଶାକୁ ମଙ୍ଗୁଆଳର ପରିଚୟ ଦେଇଛି । କିନ୍ତୁ ଅପାର ସମ୍ଭାବନା ଥିବା ଓଡ଼ିଶା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଯାହା ପାଇବା କଥା ତାହା ପାଇନି ବୋଲି କହି ପୂର୍ବ ସରକାରଙ୍କୁ ଦାୟୀ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହାସହ ଦୀର୍ଘସ୍ଥାୟୀ ଓ ଦାୟିତ୍ୱବୋଧ ଖଣି କାର୍ଯ୍ୟକଳାପ ପାଇଁ ବେଞ୍ଚମାର୍କ ସୃଷ୍ଟି କରି ଖଣି ଶିଳ୍ପରେ ଓଡ଼ିଶା ବିଶ୍ୱର ନେତୃତ୍ୱ ନେବାର ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

▶▶ପୃଷ୍ଠା ୭

# ଆମେରିକାରେ ଟ୍ରମ୍ପ ୨.୦

ନୂଆଦିଲ୍ଲୀ, ୨୦/୧ : ଆଜି ଶପଥ ଗ୍ରହଣ କରିବେ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ରର ରାଷ୍ଟ୍ରପତି । ଡୋନାଲ୍ଡ ଟ୍ରମ୍ପ ଆମେରିକାର ନୂତନ ରାଷ୍ଟ୍ରପତି ଭାବରେ ଶପଥ ନେବାକୁ ଯାଉଛନ୍ତି । ଆମେରିକା ରାଜନୀତିରେ ଏହି ଚେହେରା, କୌଣସି ଚମତ୍କାରଠୁ କମ ନୁହେଁ, ଦୁନିଆଁ ଯାହାଙ୍କୁ ଡୋନାଲ୍ଡ ଟ୍ରମ୍ପ ନାଁରେ ଜାଣିଛି । ଗତବର୍ଷ ଦ୍ୱିତୀୟ ଥର ପାଇଁ ନିର୍ବାଚନ ଜିଣି ସେ ଅସମ୍ଭବକୁ ସମ୍ଭବ କରିପାରିଛନ୍ତି । ଏଥିପାଇଁ ଟ୍ରମ୍ପଙ୍କୁ ଶପଥ ସମାରୋହକୁ ଅନାଇଛି ସାରା ବିଶ୍ୱ । ଆମେରିକାରେ ଟ୍ରମ୍ପଙ୍କ ଶପଥ ଗ୍ରହଣକୁ ନେଇ ଏଭଳି କ୍ରେଜ ରହିଛି ଯେ, ଭିଆଇପି ପାସ କେବେଠୁ ସରିଯାଇଛି । ଅନେକ ପ୍ରମୁଖ ଲୋକଙ୍କୁ ଭିଆଇପି ପାସ ମିଳିପାରିନାହିଁ । ବିଶ୍ୱର ଏହି ଶକ୍ତିଶାଳୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ଶପଥଗ୍ରହଣକୁ ନେଇ ଭାରତରେ ବି ଉତ୍ସାହ ଦେଖିବାକୁ ମିଳିଛି । ବାଲୁକା କଳା ଓ ଚିତ୍ରକଳା ମାଧ୍ୟମରେ ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଅନେକ ପ୍ରଶଂସକ । ସେହିପରି ଟ୍ରମ୍ପଙ୍କ କାର୍ଯ୍ୟକ୍ରମରେ ଆମ୍ବାନୀ ପରିବାରକୁ ମଧ୍ୟ



ଦେଖିବାକୁ ମିଳିଛି । ଅନ୍ୟପଟେ ଟ୍ରମ୍ପଙ୍କ ଟିମରେ ଅନେକ ଭାରତୀୟ ରହିବା ନେଇ ଜଣାପଡିଛି । ତୁଳସି ଗାବାର୍ଡଙ୍କ ଠାରୁ ଆରମ୍ଭ କରି କ୍ୟାସ ପଟେଲଙ୍କ ପର୍ଯ୍ୟନ୍ତ ସଭିଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ସେହିପରି ଏହା ବି ଚର୍ଚ୍ଚା ହେଉଛି ଯେ ଆମେରିକାରେ ଟ୍ରମ୍ପଙ୍କ ଶାସନ ଆଣିବ ଭାରତ ପାଇଁ ଅନେକ ଫାଇଦା । ବଦଳିଛି ଆମେରିକାର ରାଜନୀତି, ପୁଣି ଥରେ ଫେରିଛି ଟ୍ରମ୍ପ ଶାସନ । ଏବେ ୪ ବର୍ଷ ପରେ ବିଶ୍ୱରେ ଯୁଦ୍ଧ ପରିସ୍ଥିତି ଦେଖାଦେଇଛି । ପ୍ରଶ୍ନ ଉଠୁଛି, ଦ୍ୱିତୀୟଥର ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ କଣ ଦୁନିଆର ନକ୍ସ ବଦଳାଇଦେବେ। ଆମେରିକା ଫାଷ୍ଟର ନାରା ଦେଉଥିବା ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି କେମିତି ରହିବ ତା ଉପରେ ସମସ୍ତଙ୍କ ନଜର ରହିବ।

## କଂଗ୍ରେସର ଗର୍ଜନରେ କମ୍ପିଲା ରାଜଧାନୀ: କଣ୍ଢେଇ ଦେଖାଇ ବିଜେପି ସରକାରକୁ ଟାର୍ଗେଟ

ଭୁବନେଶ୍ୱର, ୨୦/୧(ନି.ପ୍ର) : ଭୁବନେଶ୍ୱରରେ ଜୋଶ ଦେଖାଇଲା ଯୁବ କଂଗ୍ରେସ। ନୂଆବର୍ଷରୁ ଶାଣିତ ଢଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଛି କଂଗ୍ରେସର ୟଙ୍ଗ ବ୍ରିଗେଡ। ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ଉଦୟ ଭାନୁ ଚିବଙ୍କ ନେତୃତ୍ୱରେ ରାଜଧାନୀରେ ରଣହୁଙ୍କାର ଦେଇଛି। କଣ୍ଢେଇ ସରକାର କହି ବିଜେପି ସରକାରକୁ କଟାକ୍ଷ ବାଣ




ମାରିଛନ୍ତି ଯୁବ କଂଗ୍ରେସ କର୍ମୀ। ରାଜ୍ୟରେ ବେକାରୀ ସମସ୍ୟା, ଅପରାଧ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଚିଟଫଣ୍ଡ ଅର୍ଥ ଫେରସ୍ତ ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇଛି ଯୁବ କଂଗ୍ରେସ ଟିମ୍। ଦିଲ୍ଲୀ ଇସାରାରେ ଓଡ଼ିଶାର ଶାସନତନ୍ତ୍ର ଚାଲୁଛି ବୋଲି କହି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିଛନ୍ତି। ଯୁବ ଆକ୍ରୋଶ ସମାବେଶ ନାଁରେ କଂଗ୍ରେସ ପୁଣିଥରେ ଓଡ଼ିଶାରେ ଶକ୍ତିପ୍ରଦର୍ଶନ କରିଛି। ଦୀର୍ଘଦିନ ଧରି ଶାନ୍ତ ପଡିଥିବା ଯୁବ କଂଗ୍ରେସର ସଙ୍ଗଠନରେ ସଞ୍ଜିବନୀ ଭରିଛନ୍ତି ଉଦୟ ଭାନୁ। ଯୁବଭୋଟରଙ୍କୁ ନିଜ ସପକ୍ଷକୁ ନେବାକୁ ନିଯୁକ୍ତି ପ୍ରସଙ୍ଗ ଉଠାଇ ବିଜେପି ସରକାରକୁ ଷଣ୍ଢଆସୀ ଆକ୍ରମଣ କରିଛି କଂଗ୍ରେସର ୟଙ୍ଗ ୱିଙ୍ଗ୍।

▶▶ପୃଷ୍ଠା ୭

# ଦୁଇ ଆନ୍ତଃରାଜ୍ୟ ଚୋରା ବନ୍ଧୁକ ବେପାରୀ ଗିରଫ

ଚମ୍ପୁଆ, ୨୦/୧ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ କୋଦଗାଡିଆ ନିକଟରେ ରେ ଚୋରା ବନ୍ଧୁକ କାରବାର ବେଳେ ଚମ୍ପୁଆ ପୁଲିସ ଚଢାଉ କରି ଦୁଇ ଜଣ ଆନ୍ତଃରାଜ୍ୟ ଚୋରା ବନ୍ଧୁକ ବେପାରୀ ଙ୍କୁ ଗିରଫ କରିଥିବା ନେଇ ଆଜି ଅପରାହ୍ନ ୪ ଘଟିକା ସମୟ ରେ ଚମ୍ପୁଆ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୁମାର ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ପ୍ରଦାନ କରିଛନ୍ତି । ଆଜି ସକାଳେ ଚୋରା ବନ୍ଧୁକ କାରବାର ହେଉଥିବା ଖବର ପାଇ ଚମ୍ପୁଆ ପୋଲିସ କୋଦଗାଡିଆ ନିକଟରେ ଛକି ବସିଥିଲା । ବାସୁଦେବପୁର ରୁ ଚମ୍ପୁଆ ଆଡକୁ ବାଇକରେ ଆସୁଥିବା ଦୁଇଜଣ ସନ୍ଦିଗ୍ଧ ଯୁବକଙ୍କୁ ଏସଆଇ ବରଦା ପ୍ରସନ୍ନ ସାହୁ ଓ ଏଏସଆଇ ଏଚଏସ ପ୍ରଧାନ କୋଦଗାଡିଆ ନିକଟରେ ଅଟକାଇ ଯାଂଚ କରିବାରୁ ସେମାନଙ୍କ ନିକଟରୁ ଦୁଇଟି ଚୋରା ବନ୍ଧୁକ ଓ ଗୁଳି ଜବତ ହୋଇଥିଲା । ସଙ୍ଗେ ସଙ୍ଗେ ପୁଲିସ ସେମାନଙ୍କୁ ଗିରଫ କରିଥିଲା । ଗିରଫ ଯୁବକ ମାନେ ହେଲେ ଝାଡଖଣ୍ଡ ଗିରିଡିହ ଜିଲ୍ଲା ତାରାତାନ୍ଦ ଥାନା କୁଣ୍ଡଲୱାଦାହ ଗ୍ରାମ ର ଏମଡି ଖାଲିଦ ଆନସାରୀ (୪୫) ଓ ଜଗନ୍ନାଥପୁର ଥାନା ଜୟନ୍ତୀଗଡ ନିକଟ ବରଲା ଗ୍ରାମର କମଲାକାନ୍ତ ମହାନ୍ତ ଅରଫ ମଂଟୁ(୩୦) । ସେମାନଙ୍କ ନିକଟରୁ ଗୋଟିଏ ହିରୋହୋଣ୍ଡା ସ୍ପେଲଣ୍ଡର ମୋଟର ସାଇକଲ (ଗାଡି ନଂ ଜେଏଚ ୧୧ ଟି ୮୯୮୨), ଦୁଇଟି ୭ ଏମଏମ ଦେଶୀ ପିସ୍ତଲ, ୧୦ ରାଉଣ୍ଡ ଜୀବନ୍ତ ଗୁଳି ଓ ଦୁଇଟି ମୋବାଇଲ ଜବତ କରାଯାଇଛି । ଚମ୍ପୁଆ ପୁଲିସ ଥାନା କେସ ନଂ ୧୩/୨୫ ରେ ମାମଲା ରୁଜୁ କରିବା ସହିତ ଅସ୍ତ୍ର ଶସ୍ତ୍ର ନିରୋଧ ଆଇନ ୨୫(୧-କ)ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି ।

# କନ୍ଧମାଳରେ ସମନ୍ୱିତ କୃଷି ମାଧ୍ୟମରେ ଚାଷୀ ଲକ୍ଷପତି ହେବାରେ ସମ୍ଭାବନା

କନ୍ଧମାଳ , ୨୦/୧ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଆମ୍ବ୍ରା, କନ୍ଧମାଳ ର ମିଳିତ ଆନୁକୁଲ୍ୟ ରେ ରାଇକିଆ ବ୍ଲକ ରେ ସମନ୍ୱିତ କୃଷୀ ୨୦୨୨ ମସିହାରୁ କାର୍ଯ୍ୟକାରି ହୋଇଆସୁଛି । ଏହି କାର୍ଯ୍ୟକ୍ରମରେ ଚାଷୀ ମାନଙ୍କୁ ଛେଳି, କୁକୁଡା ଓ ମାଛ ଚାଷ ସହିତ ଦେଶୀ କୁକୁଡା ଉତ୍ପାଦନ କେନ୍ଦ୍ର, ମାଛ ଖାଦ୍ୟ ପ୍ରସ୍ତୁତି, ଜୈବିକ ସାର ଉତ୍ପାନ କେନ୍ଦ୍ର, ବିଭିନ୍ନ ଦେଶୀ ଧାନ, ଡାଲି, ତୈଳ ବୀଜ ଚାଷ ପାଖା ପାଖି ସାତ ହଜାର ଚାଷୀ ଙ୍କୁ ୧୦ ଗୋଟି ପଂଚାୟତରେ ରାଇକିଆ ବ୍ଲକ ରେ ଦିର୍ଘ ୩ ବର୍ଷ ହେଲା ଆମ୍ବ୍ରା, କନ୍ଧମାଳ ସହଯୋଗ ରେ ସହାୟତା ପ୍ରଦାନ କରାଯାଇ ଆସୁଅଛି । ଏହି ପ୍ରକଳ୍ପ ମାଧ୍ୟମରେ ଦେଶୀ ଚାଷ କୁ କିପରି ଜୈବିକ ଓ ସମନ୍ୱିତ ପ୍ରଣାଳି କରି ଚାଷୀ ବର୍ଷ କୁ ଏକ ଲକ୍ଷ ରୁ ଉର୍ଦ୍ଧ ରୋଜଗାର କରିପାରିବାର ସୁଯୋଗ ସୃଷ୍ଟି ହେବ ସେହି ପରିପ୍ରେକ୍ଷି ରେ ସ୍ୱାତୀ କାମ କରିଆସୁଛି । ଉନ୍ନତ ପ୍ରଣାଳୀ ଯଥା ଟ୍ରେଲିସ (ଆଧୁନିକ ପ୍ରଣାଳି ରଞ୍ଜା) ମାଧ୍ୟମରେ ଲଟା ଯାତୀୟ ପନିପରିବା ସହିତ ମିଶ୍ରିତ ଚାଷ କରି ପାଖା ପାଖି ଟ.୬୦୦୦୦-ଟ.୭୦୦୦୦ ପର୍ଯ୍ୟନ୍ତ ଅର୍ଥ ଗତ ବର୍ଷରେ ରୋଜଗାର କରିପାରିଛନ୍ତି । ଏହି କାର୍ଯ୍ୟକ୍ରମର ପ୍ରଭାବକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ରୁ କୃଷି ଅଧିକାରୀ ହିମାଂଶୁ ସେଖର ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ, ସାରଦା ପ୍ରସନ କର, ସହକାରୀ ନିର୍ଦ୍ଦେଶକ , ଓସନ ପ୍ରତିନିଧୀ ଗଣେଷ ଦିକ୍ଷିତ ପ୍ରଭୃତ ସୁଗଡବାଡି ଓ ଗୁମାମାହା ପଂଚାୟତ ରେ କ୍ଷେତ୍ର ପରିଭ୍ରମଣ କରି ହିତାଧିକାରୀ ଙ୍କ ସହିତ ଆଲୋଚନା କରିଥିଲେ । ଦିବାରି ଗ୍ରାମର ଜଣେ ସଫଳ ଚାଷୀ ବିନୟ ପ୍ରଧାନ ଦେଶୀ କୁକୁଡା, ଛେଳୀ ଓ ଟ୍ରେଲିସ ପ୍ରଣାଳୀ ରେ ପରିବା ଚାଷ କରି ଏହି ବର୍ଷ ଟ.୭୦୦୦୦ ରୁ ଉର୍ଦ୍ଧ ରୋଜଗାର କରିପାରୁଛନ୍ତି, ସେ ଗତ ୨-୩ ବର୍ଷ ପୂର୍ବରୁ କେରଳ ରାଜ୍ୟ କୁ ଦାଦନ ଖଟିବାକୁ ଯାଇଥିଲା, ଏହି ଯୋଜନା ମାଧ୍ୟମରେ ନିଜ ଘର ପାଖରେ ରହି ରୋଜଗାରକ୍ଷ୍ୟମ ହୋଇପାରିଛନ୍ତି । ସେହିପରି ଟ୍ରେଲିସ(ଆଧୁନିକ ପ୍ରଣାଳି ରଞ୍ଜା) ମାଧ୍ୟମରେ ଚନ୍ଦ୍ରସେଖର ପ୍ରଧାନ ଲାମ୍ବଡିକିଆ ଗ୍ରାମରେ ପନିପରିବା ଚାଷ କରିପାରିବା ସହିତ ଲୋକମାନେ ଗଛ ନକାଟି ଏହି ପ୍ରଣାଳୀ ଆପଣେଇ ଜଙ୍ଗଲ ସୁରକ୍ଷା କରିପାରୁଛନ୍ତି ବୋଲି ଯୁଗ୍ମ ନିର୍ଦ୍ଦେଶକ ଆଲୋଚନା ସମୟରେ ଅନୁଧ୍ୟାନ କରି କହିଥିଲେ । ଜଣେ ଉଦୋଗି ମହିଳା ଚାଷୀ ରେଣୁ ମଲ୍ଲିକ ଦେଶୀ କୁକୁଡା ଛୁଆ ଉତ୍ପାଦନ କରି ଗତ ବର୍ଷ ୧ ଲକ୍ଷ ପର୍ଯନ୍ତ ଅର୍ଥ ରୋଜଗାର କରିପାରିଛନ୍ତି । ଏହି କାର୍ଯ୍ୟକ୍ରମ କୁ ପୁନରାଏ ଆଉ ଦୁଇବର୍ଷ ବଢିବା ପାଇଁ ସ୍ୱାତୀର ସଂପାଦକ ଇଂ ହରିଶଙ୍କର ରାଉତ ଯୁଗ୍ମ ନିର୍ଦ୍ଦେଶକଙ୍କ ପାଖରେ ଅନୁରୋଧ ରଖିଥିଲେ, ଯାହା ମାଧ୍ୟମରେ ଲୋକମାନଙ୍କ ଚାଷ ଅଭ୍ୟାସକୁ ସୁଧିକରଣ ସହିତ ଉପଯୁକ୍ତ ଉପାୟରେ ପ୍ରକଳ୍ପ ତାହାର କାର୍ଯ୍ୟ ସମାପନ କରିବ । ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷିଅଧିକାରୀ ସଚିନ୍ଦ୍ର କୁମାର ସେଠି, ସୁକଦେବ ନାୟକ, ଚିରନଜିବ ମିଶ୍ର, ଆଶିଶ ନାୟକ, ପଂଚାନନ ନାୟକ ହିତାଧିକାରୀ ଙ୍କ ସହିତ ଆଲୋଚନା ରଖିଥିଲେ । ସଂପୁର୍ଣ୍ଣ ପରିଭ୍ରମଣକୁ ସ୍ୱାତୀର ପ୍ରକଳ୍ପ ସଂଯୋଜିକା ମିନାକ୍ଷି ଦାସ ଓ ଅନ୍ୟ ବରିଷ୍ଠ କର୍ମୀ ଗିରିଶ ଚନ୍ଦ୍ର ସାମଲ ସଂଯୋଜନା କରିଥିବା ସ୍ଥଳେ ହୃଷିକେସ ଆମାୟତ, ଯୋସବନ୍ତ ପ୍ରଧାନ ସହଯୋଗ କରିଥିଲେ । ସମନ୍ୱିତ କୃଷି ପ୍ରକଳ୍ପ ମାଧ୍ୟମରେ ଜୈବିକ ଚାଷ, ଦେଶୀ ଚାଷ ଓ ଆର୍ଥିକ ଲାଭବାନ ହେବା ସହିତ ଆମ ପ୍ରଧାନ ମନ୍ତ୍ରୀ ଙ୍କ ସ୍ୱପ୍ନ ଲକ୍ଷ ପତୀ ଚାଷୀ ର ସମ୍ଭାର କନ୍ଧମାଳ ରେ ସୃଷ୍ଟି କରିପାରିଛି ।

# ସଂଘ ସମାଜରେ ପଂଚ ପରିବର୍ତ୍ତନ ଲାଗି ଉଦ୍ୟମଶୀଳ

କନ୍ଧମାଳ, ୨୦/୧ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏହି ବର୍ଷ ତାର ଶତବାର୍ଷିକୀ ପାଳନ କରିବାକୁ ଯାଉଛି । ଏହା ସଂଘ ପାଇଁ ଉତ୍ସବର ସମୟ ନୁହେଁ ବରଂ ସାଧନା ଓ ଅଧିକ ପରିଶ୍ରମ କରିବାର ବେଳ । ବିଶେଷ କରି ସମାଜରେ ଥିବା ତ୍ରୁଟିକୁ ସୁଧାରି ଏକ ସମଗ୍ର ଭାରତ ନିର୍ମାଣ ପାଇଁ ସଂଘର ସ୍ୱୟଂସେବକମାନେ ଏ ବର୍ଷ ଅଧିକ ପରିଶ୍ରମ କରିବେ । ଏଥି ଲାଗି 'ପଂଚ ପରିବର୍ତନ'( କୁଟୁମ୍ବ ପ୍ରବୋଧନ ,ସାମାଜିକ ସମରସତା, ପର୍ଯ୍ୟାବରଣ, ସ୍ୱଜାଗରଣ ସ୍ୱଦେଶୀ, ଜାଗରିକ କର୍ତବ୍ୟ)ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା କହିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସେବା ପ୍ରମୁଖ ଶ୍ରୀମାନ ଶାନ୍ତନୁ କୁମାର ମାଝୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଫୁଲବାଣୀ ଠାରେ ଅନୁଷ୍ଠିତ ସଂଘର ଦୁଇ ଦିନିଆ ଜିଲ୍ଲା ସମ୍ମିଳନୀକୁ ସମ୍ବୋଧନ କରି ସେ କହିଛନ୍ତି ସ୍ୱଦେଶୀ, ସମରସତା, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର, ପର୍ଯ୍ୟାବରଣ ଆଦି ଦିଗରେ ଆମକୁ ଅଧିକ କାମ କରିବାକୁ ହେବ । ଏଥିଲାଗି ସଂଘ ଶାଖାରେ ସ୍ୱୟଂସେବକଙ୍କ ପ୍ରଶିକ୍ଷଣ ସହ ସମାଜକୁ ମଧ ସାଥୀରେ ନେଇ ବିଭିନ୍ନ ଉପକ୍ରମ କରାଯିବ । ସମ୍ମିଳନୀରେ କନ୍ଧମାଳର ପ୍ରତ୍ୟେକ ବ୍ଲକରୁ ୪୩ ଶାଖା ଟୋଲିରୁ ପ୍ରାୟ ୨୫୦ ଜଣ କାର୍ଯ୍ୟକର୍ତା ଯୋଗଦେଇ ଦୁଇ ଦିନ ବ୍ୟାପି ପ୍ରଶିକ୍ଷଣ କରିଥିଲେ । ସମାରୋପ କାର୍ଯ୍ୟକ୍ରମରେ ସ୍ୱୟଂସେବକମାନେ ଶାଖାରେ ଶିଖା ଯାଉଥିବା ଶାରୀରିକ କାର୍ଯ୍ୟକ୍ରମ, ଗୀତ, ଯୋଗାସନ, ବ୍ୟାୟାମଯୋଗ ଆଦି ପ୍ରଦର୍ଶନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କନ୍ଧମାଳ ଜିଲ୍ଲା ସଂଘ ଚାଳକ ରମେଶ ଚନ୍ଦ୍ର ସାହୁ ଏବଂ ସହ ଜିଲ୍ଲା ସଂଘ ଚାଳକ କୁବେର କହଁର ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମରେ ସ୍ୱୟଂସେବକମାନେ ଶାଖାରେ ଶିଖା ଯାଉଥିବା ଶାରୀରିକ କାର୍ଯ୍ୟକ୍ରମ, ଗୀତ, ଯୋଗାସନ, ବ୍ୟାୟାମଯୋଗ ଆଦି ପ୍ରଦର୍ଶନ କରିଥିଲେ । ସମ୍ମିଳନୀକୁ ଆରଏସ୍ଏସ୍ ଜିଲ୍ଲା ସହ ବ୍ୟବସ୍ଥା ପ୍ରମୁଖ ନରେଶ ମହାନ୍ତି, ବୌଦ୍ଧିକ ପ୍ରଶିକ୍ଷଣ ପ୍ରମୁଖ ଶ୍ରୀଯୁକ୍ତ ରାଜେଶ କୁମାର ଦନ୍ତା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମାନନୀୟ ନଗର ସଂଘ ଚାଳକ ଶ୍ରୀଯୁକ୍ତ ଗୋବିନ୍ଦ ନାଏକ ତଥା ନଗର କାର୍ଯ୍ୟ କରିଣୀ, ସଂଘ ଓ ବିବିଧ କ୍ଷେତ୍ରର କାର୍ଯ୍ୟକର୍ତା ସମାରୋପରେ ଉପସ୍ଥିର ରହି କାର୍ଯ୍ୟକୁମକୁ ସଫଳ କରିଥିଲେ ।

# ଫୁଲବାଣୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ପାଇଁ ପ୍ରସ୍ତୁତି

କନ୍ଧମାଳ, ୨୦/୧ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏହି ବର୍ଷ ତାର ଶତବାର୍ଷିକୀ ପାଳନ କରିବାକୁ ଯାଉଛି । ଏହା ସଂଘ ପାଇଁ ଉତ୍ସବର ସମୟ ନୁହେଁ ବରଂ ସାଧନା ଓ ଅଧିକ ପରିଶ୍ରମ କରିବାର ବେଳ । ବିଶେଷ କରି ସମାଜରେ ଥିବା ତ୍ରୁଟିକୁ ସୁଧାରି ଏକ ସମଗ୍ର ଭାରତ ନିର୍ମାଣ ପାଇଁ ସଂଘର ସ୍ୱୟଂସେବକମାନେ ଏ ବର୍ଷ ଅଧିକ ପରିଶ୍ରମ କରିବେ । ଏଥି ଲାଗି 'ପଂଚ ପରିବର୍ତନ'(କୁଟୁମ୍ବ ପ୍ରବୋଧନ, ସାମାଜିକ ସମରସତା, ପର୍ଯ୍ୟାବରଣ, ସ୍ୱଜାଗରଣ ସ୍ୱଦେଶୀ, ଜାଗରିକ କର୍ତବ୍ୟ) ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା କହିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସେବା ପ୍ରମୁଖ ଶ୍ରୀମାନ ଶାନ୍ତନୁ କୁମାର ମାଝୀ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଫୁଲବାଣୀ ଠାରେ ଅନୁଷ୍ଠିତ ସଂଘର ଦୁଇ ଦିନିଆ ଜିଲ୍ଲା ସମ୍ମିଳନୀକୁ ସମ୍ବୋଧନ କରି ସେ କହିଛନ୍ତି ସ୍ୱଦେଶୀ, ସମରସତା, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର, ପର୍ଯ୍ୟାବରଣ ଆଦି ଦିଗରେ ଆମକୁ ଅଧିକ କାମ କରିବାକୁ ହେବ । ଏଥିଲାଗି ସଂଘ ଶାଖାରେ ସ୍ୱୟଂସେବକଙ୍କ ପ୍ରଶିକ୍ଷଣ ସହ ସମାଜକୁ ମଧ ସାଥୀରେ ନେଇ ବିଭିନ୍ନ ଉପକ୍ରମ କରାଯିବ । ସମ୍ମିଳନୀରେ କନ୍ଧମାଳର ପ୍ରତ୍ୟେକ ବ୍ଲକରୁ ୪୩ ଶାଖା ଟୋଲିରୁ ପ୍ରାୟ ୨୫୦ ଜଣ କାର୍ଯ୍ୟକର୍ତା ଯୋଗଦେଇ ଦୁଇ ଦିନ ବ୍ୟାପି ପ୍ରଶିକ୍ଷଣ କରିଥିଲେ । ସମାରୋପ କାର୍ଯ୍ୟକ୍ରମରେ ସ୍ୱୟଂସେବକମାନେ ଶାଖାରେ ଶିଖା ଯାଉଥିବା ଶାରୀରିକ କାର୍ଯ୍ୟକ୍ରମ, ଗୀତ, ଯୋଗାସନ, ବ୍ୟାୟାମଯୋଗ ଆଦି ପ୍ରଦର୍ଶନ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, କନ୍ଧମାଳ ଜିଲ୍ଲା ମାନନୀୟ ଜିଲ୍ଲା ସଂଘ ଚାଳକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ ଏବଂ ସହ ଜିଲ୍ଲା ସଂଘ ଚାଳକ ଶ୍ରୀଯୁକ୍ତ କୁବେର କହଁର ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମରେ ସ୍ୱୟଂସେବକମାନେ ଶାଖାରେ ଶିଖା ଯାଉଥିବା ଶାରୀରିକ କାର୍ଯ୍ୟକ୍ରମ, ଗୀତ, ଯୋଗାସନ, ବ୍ୟାୟାମଯୋଗ ଆଦି ପ୍ରଦର୍ଶନ କରିଥିଲେ । ସମ୍ମିଳନୀକୁ ଆରଏସ୍ଏସ୍ ଜିଲ୍ଲା ସହ ବ୍ୟବସ୍ଥା ପ୍ରମୁଖ ନରେଶ ମହାନ୍ତି, ବୌଦ୍ଧିକ ପ୍ରଶିକ୍ଷଣ ପ୍ରମୁଖ ରାଜେଶ କୁମାର ଦନ୍ତା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ନଗର ସଂଘ ଚାଳକ ଗୋବିନ୍ଦ ନାଏକ ତଥା ନଗର କାର୍ଯ୍ୟ କରିଣୀ, ସଂଘ ଓ ବିବିଧ କ୍ଷେତ୍ରର କାର୍ଯ୍ୟକର୍ତା ସମାରୋପରେ ଉପସ୍ଥିର ରହି କାର୍ଯ୍ୟକୁମକୁ ସଫଳ କରିଥିଲେ ।

# ସ୍ୱତନ୍ତ୍ର ଆମିଷ ବଜାର : ରାସ୍ତାକଡ଼ରେ ଚାଲିଛି ମାଂସ କଟା

ଘଟଗାଁ , ୨୦/୧ (ନି.ପ୍ର): ଆନନ୍ଦପୁର ପୌରାଂଚଳରେ ସ୍ୱତନ୍ତ୍ର ଆମିଷ ବଜାର କେବେ ବୋଲି ଲୋକ ଚାହିଁ ରହିଛନ୍ତି । ରାସ୍ତାକଡ଼ରେ ଅବାଧରେ ମାଛ ମାଂସ କଟା ଯାଇ ବିକ୍ରୀ ହେଉଛି ଫଳରେ ସ୍କୁଲ୍ ଯାଉଥିବା କୋମଳମତି ଶିଶୁ ମାନଙ୍କ ମନରେ ହତ୍ୟାଭଳି ଘୃଣ୍ୟ ଦୃଶ୍ୟ ପ୍ରଭାବ ପକାଇବା ସହ ଦୁର୍ଗନ୍ଧ ପରିବେଶ ସୃଷ୍ଟି କରୁଛି । ଏହାକୁ ଦୃଷ୍ଟି ରେ ରଖି ,୨ ବର୍ଷ ତଳେ ତତ୍କାଳୀନ ଉପ-ଜିଲ୍ଲାପାଳ ଅନିଲ କୁମାର ସେଠୀ, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ଉପସ୍ଥିତରେ ଆମିଷ ବିକ୍ରୟ ପାଇଁ ଶୈଳଙ୍ଗ ଅଂଚଳରେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ପ୍ରସ୍ତାବ ରଖି ଜମି ଚିହ୍ନଟ କରାଯାଇ ବ୍ୟବସାୟୀମାନଙ୍କୁ ସେଠାରେ ମାଛ ମାଂସ ବିକ୍ରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଆଜି ଯାଏ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଇ ନଥିବା ଦେଖିବାକୁ ମିଳିଛି । ଏହା କେବଳ ଆଲୋଚନାରେ ସିମୀତ ହୋଇଯାଇଥିବା ସାଧାରଣରେ ଆଲୋଚନା ହେଉଛି । ପୌରାଂଚଳରେ ଆମିଷ ବିକ୍ରୀ ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ର ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ନିଜ ଇଚ୍ଛା ମୁତାବକ ରାସ୍ତାକଡରେ ଦୋକାନ ଖୋଲି ମାଛ ମାଂସ ବିକ୍ରୀ କରୁଛନ୍ତି । ରାସ୍ତାକତରେ ଖୋଲାଖୋଲି ଭାବେ ଛେଳି, କୁକୁଡା ମରାଯାଉଛି । ସାଧାରତଃ ଏହି ଭିଆଇପି ରାସ୍ତା ଦେଇ ପ୍ରତ୍ୟହ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା କରିଥାନ୍ତି, ଯାହାକି ପିଲାଙ୍କ ଉପରେ ଗଭୀର ପ୍ରଭାବ ପଡିବା ସହିତ ବୁଲା କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସେହିପରି ୧୪ନ ୱାର୍ଡ ରାସ୍ତାକଡରେ ନିର୍ମାଣ ହୋଇଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପାର୍କ ସମ୍ମୁଖରେ ମାଛ ମାଂସ କଟାଳି ଦୋକାନ ଖୋଲିଛି ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପାର୍କ ପାଖରେ ପକାଇଥିବାରୁ ପରିବେଶ ଦୂଷିତ ହେବା ସଙ୍ଗେ ସଙ୍ଗେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଫଳରେ କୋମଳମତି ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି । ରାସ୍ତାକଡରେ ଦୁଇଚକିଆ ଗାଡି ପାର୍କି ସାଙ୍ଗକୁ ବୁଲା କୁକୁରଙ୍କ ଆକ୍ରମଣରେ ବାଇକ୍ ଚାଳକମାନେ ଅଧିକାଂଶ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ପୌରପରିଷଦ ୱାର୍ଡ ନଂ ୧୨ ,୧୩,୧୪, ୧୫, ଓ ' ୧୬ ଶୈଳଙ୍ଗ ଛକରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି । ଏପରିକି ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକଡରେ ମଧ ମାଛ ବ୍ୟବସାୟୀ ଦୋକାନ ଖୋଲିବାକୁ ପଛାଇ ନାହାନ୍ତି । ପରିବେଶ ଦୂଷିତ ଯୋଗୁଁ ସାଧାରଣ ଲୋକଙ୍କ ଯାତାୟତ ସମ୍ଭବ ହେଉନାହିଁ । ରାସ୍ତା ଅବରୋଧ କରି ଅମିଷ କିଣୁ ଥିବାରୁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି । ଏଥି ପ୍ରତି ପୌରପରଷିଦ କର୍ତୃପକ୍ଷଙ୍କ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଅରଭାନୀ ସମୟର ଊନବିଂଶ ସ୍ୱନକ୍ଷତ୍ର ଅନୁଷ୍ଠିତ

ଭୁବନେଶ୍ୱର, ୨୦/୧ (ନି.ପ୍ର): ପାକ୍ଷିକ ସମ୍ବାଦପତ୍ର 'ଅରଭାନୀ ସମୟ'ର ଊନବିଂଶ ସ୍ୱନକ୍ଷତ୍ର ଉତ୍ସବ ଓ ସାମ୍ପ୍ରତିକ ଭାରତର ପରିସ୍ଥିତି ଓ ହିନ୍ଦୁରାଷ୍ଟ୍ର ସହିତ ଗଣତନ୍ତ୍ରର ଭୂମିକା ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଲୋହିଆ ଏକାଡ଼େମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଶଶଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ତଥା ମୁଖପାତ୍ର ସଜ୍ଜନ ଶର୍ମା, ମୁଖ୍ୟ ବକ୍ତା ବୈଦିକ ବିଶ୍ୱବିଦ୍ୟାଳୟ ତାମିଲନାଡୁର କୁଳପତି ଡଃ ହରିହର କାନନୁଗୋ, ସମ୍ମାନିତ ଅତିଥି ଭାବେ ବରିଷ୍ଠା ସାହିତ୍ୟିକା ଇନ୍ଦିରା ମିଶ୍ର, ଭାରତ ହିନ୍ଦୁ ସଂଗଠନର ରାଜ୍ୟ ମୁଖ୍ୟ ଦୀନବନ୍ଧୁ ଷଡ଼ଙ୍ଗୀ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ସାହୁ, ସାମ୍ବାଦିକା ରୀନା ମହାନ୍ତି ପ୍ରମୁଖ ଯୋଗଦେଇ ବର୍ତମାନ ସମୟରେ ସମଗ୍ର ହିନ୍ଦୁମାନେ ସଚେତନ ହେବା ସହିତ ଏକ ମନ ଓ ଏକ ପ୍ରାଣ ହୋଇ ରାଷ୍ଟ୍ରର ପ୍ରଗତି ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବା ଆବଶ୍ୟକ ଓ ନିଜର ଦକ୍ଷତା, ଯୋଗ୍ୟତା ଚିହ୍ନି ସେହିପରି ଆଚରଣ ଏବଂ ଉଚ୍ଚାରଣ କଲେ ଭାରତର ସାର୍ବଭୌମତ୍ୱ ଅଖଣ୍ଡିତ ରହିବା ସହିତ ଏକ ପୂର୍ଣ୍ଣ ହିନ୍ଦୁରାଷ୍ଟ୍ରର ପରିକଳ୍ପନା ସମ୍ଭବ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅରଭାନୀ ସମୟର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସାହିତ୍ୟିକା ମଞ୍ଜୁଳା ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ପୂର୍ବକ ଓ ଅରଭାନୀ ସମୟର ସମ୍ପାଦକ ରମେଶ କୁମାର ମହାପାତ୍ର ମତବ୍ୟକ୍ତ କରି କହିଥିଲେ ଯେ, ହିନ୍ଦୁ ରାଷ୍ଟ୍ର ଗଠନ ପ୍ରସଙ୍ଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହ କାହା ଉପର ବଶବର୍ତୀ ନହୋଇ ରାଷ୍ଟ୍ରର ପ୍ରଗତି ସହିତ ଜଡ଼ିତ ସମ୍ପର୍କକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ଏହି ଅବସରରେ ସାରସ୍ୱତ ପ୍ରତିଭାଧାରୀ ତଥା ସମାଜସେବୀ ପ୍ରଦୀପ କୁମାର ଦେହୁରୀ, ସମାଜସେବୀକା ରାଜଲକ୍ଷ୍ମୀ କର ଓ ସ୍ୱସ୍ତିକ ମହାପାତ୍ରଙ୍କୁ ଅତିଥିମାନେ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ କବି, ସାହିତ୍ୟିକା ଓ କୃତି ଛାତ୍ରଛାତ୍ରୀମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା ।

## ସଂଘ ସମାଜରେ ପଂଚ ପରିବର୍ତ୍ତନ ଲାଗି ଉଦ୍ୟମଶୀଳ

ଭୁବନେଶ୍ୱର, ୨୦/୧ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏହି ବର୍ଷ ତାର ଶତବାର୍ଷିକୀ ପାଳନ କରିବାକୁ ଯାଉଛି । ଏହା ସଂଘ ପାଇଁ ଉତ୍ସବର ସମୟ ନୁହେଁ ବରଂ ସାଧନା ଓ ଅଧିକ ପରିଶ୍ରମ କରିବାର ବେଳ । ବିଶେଷ କରି ସମାଜରେ ଥିବା ତ୍ରୁଟିକୁ ସୁଧାରି ଏକ ସମଗ୍ର ଭାରତ ନିର୍ମାଣ ଲାଗି ସଂଘର ସ୍ୱୟଂସେବକମାନେ ଏବର୍ଷ ଅଧିକ ପରିଶ୍ରମ କରିବେ । ଏହା ଲାଗି 'ପଂଚ ପରିବର୍ତନ' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା କହିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ଶାରୀରିକ ଶିକ୍ଷଣ ପ୍ରମୁଖ ବସନ୍ତ କୁମାର ମଲ୍ଲିକ । କ୍ୟାପିଟାଲ ହାଇସ୍କୁଲରେ ଅନୁଷ୍ଠିତ ସଂଘର ଦୁଇ ଦିନିଆ ମହାନଗର ସମ୍ମିଳନୀକୁ ସମ୍ବୋଧନ କରି ସେ କହିଛନ୍ତି ସ୍ୱଦେଶୀ, ସମରସତା, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର, ପର୍ଯ୍ୟାବରଣ ଆଦି ଦିଗରେ ଆମକୁ ଅଧିକ କାମ କରିବାକୁ ହେବ । ଏଥିଲାଗି ସଂଘ ଶାଖାରେ ସ୍ୱୟଂସେବକଙ୍କ ପ୍ରଶିକ୍ଷଣ ସହ ସମାଜକୁ ମଧ ସାଥୀରେ ନେଇ ବିଭିନ୍ନ ଉପକ୍ରମ କରାଯିବ । ସମ୍ମିଳନୀର ସମାରୋପ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚରଣ ସାହୁ । ସେ ଆରଏସ୍ଏସ୍ ର ସ୍ୱୟଂସେବକ ମାନଙ୍କ ଶୃଙ୍ଖଳା ଓ ଦେଶଭକ୍ତି ସହ ସେବା ଭାବକୁ ପ୍ରଶଂସା କରିଥିଲେ । ସମ୍ମିଳନୀରେ ଭୁବନେଶ୍ୱରର ବିଭିନ୍ନ ଭାଗରୁ ପ୍ରାୟ ୫୫୦ ଜଣ କାର୍ଯ୍ୟକର୍ତା ଯୋଗଦେଇ ଦୁଇ ଦିନ ବ୍ୟାପି ପ୍ରଶିକ୍ଷଣ କରିଥିଲେ ।

# ଭିନ୍ନକ୍ଷମଙ୍କ ପ୍ରତିଭାର ବିକାଶ ପାଇଁ ପ୍ରୋତ୍ସାହନ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର ୧୯ ଜାନୁଆରୀ -: ଭିନ୍ନକ୍ଷମ ମାନଙ୍କ ଠାରେ ଭରପୁର ପ୍ରତିଭା ରହିଛି ।ଏଣୁ ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପ୍ରକାଶ ପାଇଁ ପ୍ରୋତ୍ସାହନ ଯୋଗାଇବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି ।ଏ ଦିଗରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଶ୍ରୀହର୍ଷ ମିଶ୍ର ସ୍ମୃତି ବଧିର ବିଦ୍ୟାଳୟ, ଜଟଣୀର ଛାତ୍ରାଛାତ୍ରୀମାନେ ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିବା ଅବସରରେ ରାଜ୍ୟପାଳଏହି ଆହ୍ୱାନ ଜଣାଇଛନ୍ତି । ଛାତ୍ରଛାତ୍ରୀମାନେ ରାଜଭବନ ଉଦ୍ୟାନ ପରିଦର୍ଶନ କରିଏହାର ନୈସର୍ଗିକ ଶୋଭାରାଜି ଦେଖିବା ପରେ ଅଭିଷେକ ହଲ୍ଠାରେ ରାଜ୍ୟପାଳଙ୍କୁ ସାକ୍ଷାତକରିଥିଲେ । ଦୁଇ ଜଣ ଛାତ୍ର / ଛାତ୍ରୀନିଜ ଦ୍ୱାରା ଆଙ୍କିତ ରାଜ୍ୟପାଳଙ୍କ ଫଟୋଚିତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କର ସୃଜନଶୀଳତା ଓ ପ୍ରତିଭା ପାଇଁରାଜ୍ୟପାଳ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଅଧକ୍ଷ ଦେବବ୍ରତ ବେହେରାଙ୍କ ଜରିଆରେ ରାଜ୍ୟପାଳ ପିଲାମାନଙ୍କର କୁଶଳ ଜିଜ୍ଞାସା କରିଥିଲେ । ଶବଦ ଶକ୍ତି ବାଧିତ ପିଲାମାନଙ୍କ ପାଇଁ ଉକ୍ତ ଆବାସିକ ବିଦ୍ୟାଳୟର ସ୍ଥାପନା, ପରିଚାଳନା, ପାଠପଢ଼ା, ଖାଇବା ଓ ରହିବା ବ୍ୟବସ୍ଥା, ଶ୍ରବଣ ଯନ୍ତ୍ର ଯୋଗାଣ, କର୍ମଚାରୀମାନଙ୍କର ଦରମାବ୍ୟବସ୍ଥା, ସରକାରଙ୍କ ତରଫରୁ କରାଯାଇଥିବା ବ୍ୟବସ୍ଥା ତଥା ବିଦ୍ୟାଳୟର ଆବଶ୍ୟକତା ସଂପର୍କରେ ରାଜ୍ୟପାଳ ବିଦ୍ୟାଳୟର ଅଧକ୍ଷଙ୍କୁ ପଚାରି ବୁଝିଥିଲେ ।

# ଖଡ଼ିଆଳଠାରେ ଅନ୍ତଃ ଜିଲ୍ଲା ଡବଲସ ବ୍ୟାଡ଼ମିଂଟନ ଚାମ୍ପିୟନସିପ ଉଦ୍ଯାପିତ

ନୂଆପଡ଼ା, ୨୦/୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବିଜୁପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ଖଡ଼ିଆଳ ଯୁବ ମୋର୍ଚ୍ଚା ପକ୍ଷରୁ ଗତ ତିନିଦିନଧରି ଚାଲିଥିବା ଅନ୍ତଃଜିଲ୍ଲା ଡବଲସ ବ୍ୟାଡ଼ମିଂଟନ ଚାମ୍ପିୟନସିପ ଉଦଯାପିତ ହୋଇଛି । ୩୫ ବର୍ଷ ବୟସ୍କରୁ କମ ବର୍ଗରେ ଫାଇନାଲ ମ୍ୟାଚରେ ବଲାଙ୍ଗୀରର ମହମ୍ମଦ ଇରଫାନ ଓ ଚିନ୍ମୟ ବେହେରା ଯୋଡି ୨-୧ ସେଟରେ ମହମ୍ମଦ ଆକିବ ଓ ଅଭୟ ସାହୁ ଯୋଡିକୁ ହରାଇ ଚାମ୍ପିୟନ ହୋଇଛନ୍ତି । ସେହିଭଳି ୩୫ ବର୍ଷରୁ ଉର୍ଦ୍ଧ ବୟସ୍କ ବର୍ଗରେ ରିତେଶ ବାବୁ ଓ ବନବି ହାରୀ ବେହେରା ଯୋଡି ୨-୦ ସେଟରେ ସୁଦୀପ୍ତ ବିଶୋଇ ଓ ଲକ୍ଷ୍ମୀକାନ୍ତ ପୂଜାରୀ ଯୋଡିକୁ ହରାଇ ଚମ୍ପିୟାନ ହୋଇଛନ୍ତି । ଉଦଯାପନୀ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ,ଇଂ ସୌମ୍ୟ କିଶୋର ଜୟପୁରିଆ, ଚିତ୍ରଭାନୁ ସିଂଦେଓ, ସାମ୍ବାଦିକ କୁନୁ କରୁଆଁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପରେ ଅତିଥିମାନେ ଚାମ୍ପିୟନ ଓ ରନର୍ସ ଅପ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି ଉଦଯାପନୀ ସମାରୋହରେ ଖଡ଼ିଆଳ ଯୁବ ମୋର୍ଚ୍ଚାର ସଭାପତି ଅଭିଳାଷ ସିଂଦେଓ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ସଞ୍ଜୟ ସେଠି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣେଇଥିଲେ ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍କ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ

ଜୟପୁର, ୨୦/୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡ ଠାରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି । କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜୁନିୟର ରେଡ୍କ୍ରସର ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭାତ୍ରା, ସମ୍ମାନିତ ଅତିଥି ଭାବରେ କୋଟପାଡ ଏନ ଏ ସି ଚେୟାରମେନ ଶ୍ରୀଯୁକ୍ତ ଶଙ୍କର ରାଓ,କୋଟପାଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱପ୍ନେଶ୍ୱର ରାଓ, କୋରାପୁଟ ଜିଲ୍ଲା କୋଡିନେଟର ଚନ୍ଦ୍ରକଳା ବଗର୍ତୀ,ପ୍ରଧାନ ଶିକ୍ଷୟିତ୍ରୀ ଘୁମୁର ଶ୍ରୀମତୀ ଙ୍କ. ମିନାକ୍ଷୀ, ପ୍ରଧାନ ଶିକ୍ଷକ ୟୁ ଜି ଏଚ ଏସ୍ ହାଣ୍ଡି ଶଙ୍କର କୈବର୍ତ, କୋରାପୁଟ ଜିଲ୍ଲା ଜୁନିଅର ରେଡ୍ କ୍ରସ୍ ଅଧିକାରୀ ହରେ କ୍ରିଷ୍ଣା ମହାରଣା ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ରେଡ କ୍ରସର ଉତ୍ପତି, ଜୁନିୟର ରେଡ କ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ରେଡ କ୍ରସର ବିଭିନ୍ନ ସମାଜ ମଙ୍ଗଳକାରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଥମେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତକା ଉତୋଳନ କରାଯାଇଥିଲା । ତତ୍ପରେ ଜୁନିୟର ମାନଙ୍କଦ୍ୱାରା ଉଦ୍ବୋଧନୀ ସଂଗୀତ , ପ୍ରତିଜ୍ଞା, ସ୍ଲୋଗାନ କରାଯାଇଥିଲା । ସ୍ୱାଗତ ସଙ୍ଗୀତ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଂଚ ପରିଚାଳନା କରିଥିଲେ ପୂର୍ଣ୍ଣମା ପତି । ଶାରିରୀକ ଶିକ୍ଷା ଅଧିକାରୀ ଭୀମ ବେହେରା ଶିବିର ବିବରଣୀ ପ୍ରଦାନ କରିଥିଲେ । ଶେଷରେ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡର ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉକି ଏହି ପ୍ରଶିକ୍ଷଣ ଶିବିର ତିନି ଦିନ ଧରି ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୭୪୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ଷଣ୍ଢ ଆକ୍ରମଣରେ ୨ ଗୁରୁତର ଆନନ୍ଦପୁର ଚିକିତ୍ସାଳୟରେ ଭର୍ତ୍ତି

ଘଟଗାଁ , ୨୦/୧ (ନି.ପ୍ର): ଷଣ୍ଢ ଆକ୍ରମଣରେ ଜଣେ ୨ ଜଣ ଗୁରୁତର ହୋଇ ଆନନ୍ଦପୁର ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡ଼ିଛି । ସୁଚନା ରୁ ଜଣାଯାଏ କେରୋଇ ଥାନା ଅନ୍ତର୍ଗତ କନ୍ତଲା ଗ୍ରାମର ସୁରେନ୍ଦ୍ର ମାରାଣ୍ଡି( ୨୨) ଘସିପୁରା ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ଚନ୍ଦ୍ରଶେଖର ଟୁଡୁ (୧୨) ସକାଳ ସମୟରେ ଘସିପୁରା ବଜାରରେ ବୁଲିବା ପାଇଁ ଆସି ଫେରୁଥିବା ବେଳେ ହଠାତ୍ ଏକ ଷଣ୍ଢ ଘସିପୁରା ଥାନା ଖାଲିଆମେଂଟା ପଂଚାୟତ ଭୋଳନୂଆଗାଁ ହାଟଛକ ନିକଟରେ ଷଣ୍ଢ ଆକ୍ରମଣ କରିଥିଲେ । ଫଳରେ ଉଭୟ ବାଇକରୁ ଫୋପାଡି ଦେଇ ପଡିଥିଲେ । ସଂଗେ ସଂଗେ ସ୍ଥାନୀୟ ଲୋକମାନେ ସେମାନଙ୍କୁ ୧୦୮ ଯୋଗେ ଆନନ୍ଦପୁର ଚିକିତ୍ସାଳୟରେ ଭର୍ତ କରିଥିବା ଜଣାପଡିଛି ।

# ମହିଳାଙ୍କୁ ଅସଦାଚରଣ ମାମଲାରେ ଯୁବକ ଗିରଫ

ଜୟପୁର, ୨୦/୧ (ନି.ପ୍ର): ଆଜି ଜୟପୁର ପାରାବେଡା ଅଂଚଳର ଜଣେ ମହିଳାଙ୍କୁ ଟଣା ଉଟୁରା କରିଥିବା ମାମଲାରେ ଟାଉନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗତକାଲି ପାରାବେଡା ଅଂଚଳର ଜଣେ ମହିଳା ଚାଲି ଚାଲି ଯାଉଥିବା ସମୟରେ ପାରାବେଡା ଶ୍ରୀରାମ ନଗର ଅଂଚଳର ଶ୍ରୀନିବାସ ସାହୁ(୪୭) ପଛପଟୁ ଆସି ମହିଳାଙ୍କ ଶାଢି ଟାଣିବା ସହ ଟଣା ଉଟୁରା କରିଥିଲେ । ପରେ ମହିଳା ଜଣକ ଏତଲା ଦେବା ପରେ ଆଜି ଟାଉନପୁଲିସ ଶ୍ରୀନିବାସ ନାଁରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୨୧ ଜାନୁଆରୀ ୨୦୨୫


# ଭୁଲ୍ ସମୟରେ ଖାଇଲେ ସ୍ୱାସ୍ଥ୍ୟ ଉପରେ ପଡ଼େ ପ୍ରଭାବ : ଜାଣନ୍ତୁ, ଲଞ୍ଚ୍ ଏବଂ ଡିନର୍ ଭିତରେ କେତେ ସମୟର ଅନ୍ତର ରହିବା ଦରକାର ?



ଯେମିତି ପୁଷ୍ଟିକର ଖାଦ୍ୟ ଆମ ଶରୀରକୁ ହେଲଦି ରଖିବାରେ ସାହାଯ୍ୟ କରେ ଠିକ୍ ସେମିତି ଆପଣଙ୍କ ଖାଇବା ସମୟ ମଧ ଆପଣଙ୍କ ସୁସ୍ଥ ଜୀବନଚର୍ଯ୍ୟାକୁ ସନ୍ତୁଳନ ରଖିବାର କାମ କରେ। ଆପଣ କେତେବେଳେ , କେଉଁ ସମୟରେ ଖାଦ୍ୟ ଖାଉଛନ୍ତି ଏବଂ ଲଞ୍ଚ୍ - ଡିନର୍ ଭିତରେ କେତେ ସମୟର ଅନ୍ତରାଳ ରହିବା ଦରକାର ଏହା ଆପଣ ଜାଣିବା ନିହାତି ଦରକାର । ଅନେକ ଲୋକ ଏ ଉପରେ ଧ୍ୟାନ ଦେଉନଥିବା ବେଳେ ଏ ସମ୍ବନ୍ଧରେ ଜାଣିବା ନିହାତି ଦରକାର ।

ଲଞ୍ଚ୍ ଏବଂ ଡିନର୍ ଭିତରେ ୪ ରୁ ୬ ଘଣ୍ଟା ସମୟର ଅନ୍ତର ରହିବା ଦରକାର । ଏହା ଆପଣଙ୍କ ପାଚନ ତନ୍ତ୍ର ଠିକ୍ କରିବା ସହ ଭୋଜନକୁ ହଜମ କରାଇବାରେ ସହାୟକ ହୁଏ। ଅଧିକ ସକ୍ରିୟ ଥିବା ଲୋକ କମ୍ ସମୟର ଅନ୍ତରରେ ଖାଦ୍ୟ ଖାଇବା ଉଚିତ୍ ଅନ୍ୟପକ୍ଷେ ଯେଉଁ ଲୋକଙ୍କ କ୍ଷେତ୍ରରେ ନିଷ୍କ୍ରିୟତା ଦେଖାଯାଏ ସେମାନେ ଅଧିକ ସମୟର ଅନ୍ତରାଳ ନେବା ଆବଶ୍ୟକ ।

ଲଞ୍ଚ୍ ଏବଂ ଡିନର୍ ଭିତରେ ଅନ୍ତର ନ ରହିବାଦ୍ୱାରା ଓଜନ ବଢିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଏହାଦ୍ୱାରା ଶରୀରରେ କ୍ୟାଲୋରୀ ଜମେ ଏବଂ ଓଜନ ବଢେ । ସମୟ ନଦେଇ ଲଗାତାର ଖାଇବା ଦ୍ୱାରା ପାଚନତନ୍ତ୍ରରେ ଏହାର ପ୍ରଭାବ ପଡ଼େ । ଯାହାଦ୍ୱାରା କୋଷ୍ଠକାଠିନ୍ୟ , ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଲଗାତାର ଖାଇବା ଦ୍ୱାରା ଆପଣ ସବୁବେଳେ ଥକ୍କାପଣ ଅନୁଭବ କରିବେ । ରାତିରେ ବିଳମ୍ବରେ ଖାଇବା ଦ୍ୱାରା ଆପଣଙ୍କ ନିଦରେ ମଧ ବ୍ୟାଘାତ ହୁଏ । ଏହିସବୁ ସମସ୍ୟାରୁ ଉପସମ ପାଇବାକୁ ଚାହୁଁଥିଲେ ଏକ ନିର୍ଦ୍ଦିଷ୍ଟ ସମୟକୁ ଚୟନ କରନ୍ତୁ ଏବଂ ସେହି ସମୟରେ ହିଁ ଲଞ୍ଚ୍ ଏବଂ ଡିନର୍ କରନ୍ତୁ । ଅଧିକ ସମୟ ଅନ୍ତର ହେଉଥିଲେ ହାଲକା ଜଳଖିଆ କିମ୍ବା ସ୍ନାକ୍ସ ଖାଆନ୍ତୁ । ସବୁବେଳେ ରାତ୍ରଭୋଜନ ହାଲକା ଏବଂ ସନ୍ତୁଳନ ରଖିବାକୁ ଚେଷ୍ଟା କରନ୍ତୁ । ଯେଉଁଥିରେ ଫାଇବର୍ ଏବଂ ପ୍ରୋଟିନର ମାତ୍ରା ଅଧିକ ଥିବ। ଶୋଇବାର ୨ ରୁ ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ ନାହିଁ । ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ ଏହା ଆପଣଙ୍କ ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟ ହୁଏ ।



# ଖାଆନ୍ତୁ କଦଳୀ ଫୁଲ, ସୁସ୍ଥତା କରିବ ଗେଲ

- କିଡନୀ ଷ୍ଟୋନ୍ ସମସ୍ୟା କାଟିବ
- ଡାଏବେଟିସ୍‌କୁ ଦୂର କରିବ
- ମହିଳାଙ୍କ ପାଇଁ ମହୌଷଧୀ କଦଳୀ ଫୁଲର ସୁପ୍



ସୁସ୍ଥ ଶରୀର ପାଇବାକୁ ହେଲେ ଆବଶ୍ୟକ ପଡ଼େ ସୁସ୍ଥ ଖାଦ୍ୟର ଆଉ ଏହି ସୁସ୍ଥ ଖାଦ୍ୟ ଜନ୍ମ ନିଏ ସବୁଜ ପରିବାରୁ । ପିଲାଟି ବେଳରୁ ଆମେ ପାଠ ବହିରେ ପଢିଆସିଛେ ତଟକା ପରିବା ଖାଇବା , ସୁସ୍ଥ ଆମେ ରହିବା । ସବୁଜ ତଟକା ପରିବା ଖାଇବାକୁ ଡାକ୍ତର ମଧ ପରାମର୍ଶ ଦେଇଥାନ୍ତି । କୋବି , ବିନ୍ , ମଟର , କଞ୍ଚା କଦଳୀ ଆଦି ଅନେକ ପରିବା ଆମ ଶରୀରକୁ ବଳ ଯୋଗାଇବାର କାମ କରନ୍ତି । ଏହିସବୁ ପରିବା ଖାଇବା ଦ୍ୱାରା ଅନେକ ରୋଗରୁ ମଧ ଉପସମ ମିଳିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି ଏହି ପରିବାର ଫୁଲ ମଧ ଦେହପାଇଁ କେତେ ଉପଯୋଗୀ । ଆମେ ଏଠାରେ କଞ୍ଚା କଦଳୀର କଥା କହୁଛୁ ଆଜ୍ଞା , କଦଳୀର ଉପକାରିତା ବିଷୟରେ ଆମେ ଆପଣଙ୍କୁ ଆଗରୁ କହିସାରିଛୁ । କିନ୍ତୁ କଦଳୀ ଫୁଲ ମଧ ଶରୀର ପାଇଁ ସଞ୍ଜୀବନୀର କାମ କରେ ଏଭଳି କହିଲେ ମଧ ଭୁଲ୍ ହେବନାହିଁ । କଦଳୀଫୁଲରେ ଫାଇବର୍ , ପ୍ରୋଟିନ୍ , ଭିଟାମିନ୍- ଏ , ଭିଟାମିନ୍-ସି , ଫସଫରସ୍ , ପୋଟାସିୟମର ମାତ୍ରା ମିଳିଥାଏ । ଯାହା ଖାଇବାଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲରେ ରହିବା ସହ ଶରୀରରୁ ଗ୍ଲୁକୋଜ୍ ସ୍ତର ମଧ କମ୍ ହୋଇଥାଏ । ଏହାଦ୍ୱାରା ବ୍ଲଡସୁଗାର୍ ମଧ କଣ୍ଟ୍ରୋଲକୁ ଆସିଥାଏ । କଦଳୀଫୁଲର କାଢା ମଧ ସେବନ କରାଯାଏ । କଦଳୀଫୁଲ କିଡନୀ ରୋଗୀଙ୍କ ପାଇଁ ମଧ ବହୁତ ଭଲ ହୋଇଥାଏ । ଏଥିରେ ଥିବା ନେଫ୍ରୋପ୍ରୋଟେକ୍ଟିଭ୍ ଗତିବିଧି କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଦ୍ୱାରା କିଡନୀ ଷ୍ଟୋନ୍ ସମସ୍ୟା ମଧ ଦୂର ହୁଏ । ଯଦି ଆପଣ ନିଜ ଖାଦ୍ୟରେ ନିୟମିତ କଦଳୀ ଫୁଲର ସେବନ କରୁଛନ୍ତି ତାହେଲେ ଏହା ଆପଣଙ୍କ ଓଜନ କମାଇବାରେ ମଧ ସହାୟକ ହେବ । ଏଥିରେ ଥିବା ଫାଇବରର ମାତ୍ରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ନ କରାଇବା ହେଉଛି ଓଜନ କମାଇବା ପଛର ରହସ୍ୟ । ଏଥିପାଇଁ କଦଳୀଫୁଲର କାଢା , ତରକାରୀ କିମ୍ବା ସୁପ୍ ପ୍ରସ୍ତୁତ କରି ଆପଣ ଖାଇପାରିବେ । କଦଳୀଫୁଲର ସେବନ ଦ୍ୱାରା ଆପଣ ହାଇ-ବ୍ଲଡପ୍ରେସରକୁ ବି କଣ୍ଟ୍ରୋଲରେ ଆଣିପାରିବେ । ଏହା ଆଣ୍ଟି- ଡାଇପରଟେନ୍ସିବ୍ ଭଳି କାମ କରୁଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ମାସିକ ଋତୁଚକ୍ରରେ ମହିଳାଙ୍କୁ ହେଉଥିବା ଯନ୍ତ୍ରଣାରୁ ଉପସମ ଦେଇଥାଏ କଦଳୀଫୁଲର ସେବନ । ଏହା ପ୍ରୋଜେଷ୍ଟେରୋନ୍ ହର୍ମୋନକୁ ରେଗୁଲେଟ୍ କରି ବ୍ଲିଡିଂଙ୍ଗ୍ ସମୟରେ ମହିଳାଙ୍କୁ ହେଉଥିବା ଅସହ୍ୟ ପେଟ ଯନ୍ତ୍ରଣାକୁ କମ୍ କରିଥାଏ । ହୃଦୟକୁ ସୁସ୍ଥ ରଖେ କଦଳୀଫୁଲ । ଏଥିରେ ଥିବା କାର୍ଡିୟୋ ପ୍ରୋଟେକ୍ଟିଭ୍ ଇଫେକ୍ଟ ନା କେବଳ ହୃଦୟକୁ ସୁସ୍ଥ ରଖେ ,ବିପିକୁ ମଧ କଣ୍ଟ୍ରୋଲରେ ଆଣିଥାଏ । କଦଳୀଫୁଲରେ ଥିବା ଗ୍ଲେକ୍ଟାଗାଗ୍ ତତ୍ତ୍ୱ ଲେକ୍ଟେସନକୁ ବଢାଇଥାଏ ଯାହାଦ୍ୱାରା ଶିଶୁକୁ ସ୍ତନ୍ୟପାନ କରାଉଥିବା ମା'ଙ୍କ ପାଇଁ ଏହା ଖୁବ୍ ଲାଭକାରୀ ହୋଇଥାଏ । ପ୍ରତିଟି ପରିବାରେ କିଛି ନା କିଛି ବିଶେଷତ୍ୱ ଏବଂ ଔଷଧୀୟ ଗୁଣ ଥାଏ , ତେଣୁ ଖାଦ୍ୟରେ ପରିବା ସହ ନିୟମିତ ଖାଆନ୍ତୁ କଦଳୀ ଫୁଲ , ସୁସ୍ଥତା ଆପଣଙ୍କୁ କରିବ ଗେଲ ।



# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

# ଶୀତଦିନେ ତମ୍ବା ବାସନ ବ୍ୟବହାର କରିବା ଉଚିତ କି ? ଜାଣନ୍ତୁ କେଉଁ ରୋଗରୁ ମିଳିବ ମୁକ୍ତି



ତମ୍ବା ବାସନ ବ୍ୟବହାର ପ୍ରାୟତଃ ସ୍ୱାସ୍ଥ୍ୟ ସହିତ ଜଡିତ ଥାଏ। ଆପଣ ନିଶ୍ଚିତ ଭାବରେ ଆପଣଙ୍କ ଘରର ବଡ଼ ଲୋକମାନଙ୍କ ଠାରୁ ଶୁଣିଥିବେ ଯେ ତମ୍ବା ପାତ୍ରରେ ପାଣି ପିଇବାର ଅନେକ ଲାଭ ରହିଛି । ବର୍ତ୍ତମାନ ପ୍ରଶ୍ନ ହେଉଛି ଶୀତ ଋତୁରେ ତମ୍ବା ବାସନ ବ୍ୟବହାର କରାଯିବା ଉଚିତ କି ? ଏହାର ଉତ୍ତର ଆୟୁର୍ବେଦରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି । ବାସ୍ତବରେ ଆୟୁର୍ବେଦ ଅନୁଯାୟୀ, ଶୀତଦିନେ ତମ୍ବା ବାସନ ବ୍ୟବହାର କରିବା ଦ୍ୱାରା ଶରୀରରେ ଥଣ୍ଡାରୁ ହେଉଥିବା ଅନେକ ରୋଗ ଭଲ ହୋଇଥାଏ । ଜଳର ପ୍ରଭାବ ଗରମ ରହିଥାଏ । ସଂକ୍ରମଣକୁ ଦୂର କରିବାରେ ମଧ ଏହା ସହାୟକ ହୋଇଥାଏ । ସେଥିପାଇଁ ଶୀତ ଦିନେ ତମ୍ବା ବାସନ ବ୍ୟବହାର କରାଯିବା ଉଚିତ । ଆସନ୍ତୁ ଜାଣିବା ଏହାର ସ୍ୱାସ୍ଥ୍ୟ ଉପରେ ଉପକାର କ'ଣ ରହିଛି । ଶୀତଦିନେ ସମସ୍ତଙ୍କୁ ଗୋଟିଏ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ ତାହା ହେଉଛି ହାଡ ଏବଂ ଗଣ୍ଠି ଯନ୍ତ୍ରଣା । ଏପରି ପରିସ୍ଥିତିରେ, ତମ୍ବା ପାତ୍ରରେ ପାଣି ପିଇ ଏହି ଯନ୍ତ୍ରଣା ଦୂର ହୋଇପାରିବ । ତମ୍ବାରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ରହିଥିବାରୁ ଏହା ଯନ୍ତ୍ରଣାରୁ ମୁକ୍ତି ପାଇଁ ସାହାଯ୍ୟ କରିଥାଏ । ଶୀତଦିନେ ଆର୍ଥ୍ରାଇଟିସ୍ ଯନ୍ତ୍ରଣା ମଧ ବହୁତ କଷ୍ଟ ଦେଇଥାଏ । ଏହି ପରିସ୍ଥିତିରେ, ଆର୍ଥ୍ରାଇଟିସ୍ ରୋଗୀ ସକାଳେ ଏକ ତମ୍ବା ପାତ୍ରରେ ପାଣି ପିଇବା ଉଚିତ୍ । ଏହା ଗଣ୍ଠି ଯନ୍ତ୍ରଣାରେ ଆରାମ ଦେଇଥାଏ । ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ହୁଏ ଏବଂ ଶରୀରର ଅନେକ ରୋଗ ବିରୁଦ୍ଧରେ ଲଢିବାର କ୍ଷମତା ବଢିଥାଏ ।

# ଓଜନ କମାଇବାରେ ସହାୟକ ହୁଏ କଞ୍ଚା କଦଳୀ : କଦଳୀ ଖାଇଲେ କ'ଣ ମିଳେ ସୁଫଳ, ଦେଖନ୍ତୁ

କିଛି ପରିବା ଋତୁ ଜନିତ ହୋଇଥାନ୍ତି । ଯାହା ଏକ ନିର୍ଦ୍ଦିଷ୍ଟ ଋତୁରେ ହିଁ ଖାଇବାକୁ ବି ଭଲ ଲାଗିଥାଏ ଆଉ ଦେହ ପାଇଁ ଭଲ ହୋଇଥାଏ । କିନ୍ତୁ ବର୍ଷସାରା ମିଳୁଥିବା ପରିବା ବି ଦେହ ପାଇଁ ବହୁ ହିତକର ହୋଇଥାନ୍ତି । ଯେଉଁଥିରେ କଞ୍ଚା କଦଳୀ ହେଉଛି ଅନ୍ୟତମ । ବର୍ଷସାରା ମିଳୁଥିବା କଦଳୀ ଅନେକ ଔଷଧୀୟ ଗୁଣରେ ଭରପୁର ହୋଇଥାଏ । ଓଜନ କମାଇବାରୁ ଆରମ୍ଭ କରି ଡାଏବେଟିସ୍ ଏବଂ ଡାଇରିଆ ସମସ୍ୟାକୁ ମଧ କମ୍ କରିବାରେ ରାମବାଣ ଭଳି କାମ କରେ କଞ୍ଚା କଦଳୀ । ତେବେ ଆସନ୍ତୁ କଞ୍ଚାକଦଳୀର ଉପକାରିତା ବିଷୟରେ ଆଜି ଜାଣିବା ।

୧- କଞ୍ଚା କଦଳୀରେ ପ୍ରଚୁର ପରିମାଣର ପୋଟାସିୟମ ଥାଏ ଯାହା ଶରୀରରେ ରୋଗ ପ୍ରତିରୋଧକାରୀ କ୍ଷମତାକୁ ବଢାଇବାରେ ସାହାଯ୍ୟ କରେ ।

୨- ଓଜନ ହ୍ରାସ କରିବା ପାଇଁ ଚେଷ୍ଟା କରୁଥିବା ଲୋକମାନଙ୍କୁ ପ୍ରତିଦିନ ଗୋଟିଏ କଦଳୀ ଖାଇବା ପାଇଁ ଉପଦେଶ ଦିଆଯାଏ । କଞ୍ଚା କଦଳୀରେ ଭରପୁର ମାତ୍ରାରେ ଫାଇବର ଥାଏ, ଯାହା ଅନାବଶ୍ୟକ ମେଦକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

୩- କଞ୍ଚା କଦଳୀରେ ଫାଇବର ଓ ସ୍ୱାସ୍ଥ୍ୟକର ଷ୍ଟାର୍ଚ ଥାଏ । ଯଦି ଆପଣ କୋଷ୍ଠକାଠିନ୍ୟ ରୋଗରେ ପୀଡିତ ଅଛନ୍ତି ତେବେ କଞ୍ଚା କଦଳୀ ଖାଇଲେ ଆପଣ ଏହି ସମସ୍ୟାରୁ ରକ୍ଷା ପାଇପାରିବେ ।

୪- ନିୟମିତ ଭାବେ କଞ୍ଚା କଦଳୀ ସେବନ କଲେ ପାଚନ କ୍ରିୟା ମଧ ଭଲ ରହେ ।

୫- ଏହା ବ୍ୟତୀତ କଞ୍ଚା କଦଳୀ ଅନେକ ପ୍ରକାର କର୍କଟ ରୋଗରୁ ମଧ ରକ୍ଷା କରିଥାଏ । କଞ୍ଚା କଦଳୀରେ ମହଜୁଦ କ୍ୟାଲସିୟମ ହାଡକୁ ଶକ୍ତ କରିବାରେ ମଧ ସହାୟକ ହୋଇଥାଏ ।



# ଶୀତରେ କେମିତି ରହିବେ ସୁସ୍ଥ ? ଥଣ୍ଡାରେ କଣ୍ଠ ବସିଗଲେ କିମ୍ବା ଗଳାଦରଜ ହେଲେ କେମିତି ପାଇବେ ମୁକ୍ତି ?

ଶୀତଦିନରେ ଗଳା ବା କଣ୍ଠ ଜନିତ ସଂକ୍ରମଣ ଅଧିକାଂଶଙ୍କ କ୍ଷେତ୍ରରେ ଦେଖାଯାଏ । ଏଥିରୁ ଉପଶମ ପାଇଁ ଏଲୋପାଥିକ ଔଷଧ ଅପେକ୍ଷା ଅଧିକ ଉପଶମ ମିଳିଥାଏ ଘରୋଇ ତଥା ଆୟୁର୍ବେଦିକ ଚିକିତ୍ସାରେ । ଆସନ୍ତୁ ଜାଣିବା କିପରି କରିବା ଏହି ସମସ୍ୟାର ଚିକିତ୍ସା । ଗଳାରେ ସଂକ୍ରମଣ ବା କାଶ ସମସ୍ୟା ପାଇଁ ବର୍ତ୍ତମାନ ସମସ୍ତେ ପ୍ରାୟ ଚିନ୍ତାରେ ରହୁଛନ୍ତି । ଯେତେବେଳେ ବି ଆପଣଙ୍କର ୩୮ ଡିଗ୍ରୀ ସେଣ୍ଟିଗ୍ରେଟରୁ ଅଧିକ ଜ୍ୱର ଅନୁଭୂତ ହୋଇଥାଏ, ଗଳା ଫୁଲିବା,ଖାଦ୍ୟ ଗିଳିବାରେ ସମସ୍ୟା କିମ୍ବା ପେଟ ଯନ୍ତ୍ରଣା ଭଳି ସମସ୍ୟା ହୋଇଥାଏ ତେବେ ଗଳାରେ ଯଦି ସାମାନ୍ୟ ଯନ୍ତ୍ରଣା ଅନୁଭୂତ ହେଉଥାଏ ଏହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ ।

ଖାସ୍ ସ୍କୁଲ ପଢୁଆ ପିଲା ଏବଂ ଯୁବପିଢ଼ି ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ । ଗଳା ସଂକ୍ରମଣ ଷ୍ଟ୍ରେପଟୋକୋକାଲ ବ୍ୟାକ୍ଟେରିଆ ଦ୍ୱାରା ସୃଷ୍ଟି ହୋଇଯାଏ, ଯାହାକୁ ଷ୍ଟ୍ରେପ୍ ଥ୍ରୋଟ୍ କୁହାଯାଏ । ଏହାକୁ ମଧ ଷ୍ଟ୍ରେପଟୋକୋକାଲ ଫାରେନଜିଟିସ୍ କୁହାଯାଏ । ଏହାଦ୍ୱାରା ଗଳା, ଲସିକା ଗ୍ରନ୍ଥି ଓ ଟନସିଲ ଆଦି ଫୁଲିଯାଇ ଦରଜ ହୋଇଥାଏ । ଅନେକ ସମୟରେ ଗଳା ସଂକ୍ରମଣ ପ୍ରତି ଏତେଟା ନଜର ରହେନି ଏବଂ ଚିକିତ୍ସାରେ ବିଳମ୍ବ ହୋଇଯାଏ । ଏହା ଯଦି ସାଂଘାତିକ ରୂପ ନିଏ, ତେବେ ରୁମାଟିକ ଜ୍ୱର, ବୃକକ ଫୁଲିବା ଏବଂ ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତିରେ ସମସ୍ୟା ଦେଖାଯାଏ ।



ଏଥିପାଇଁ ଆବଶ୍ୟକ ପରିମାଣରେ ବିଶ୍ରାମ ନିଅନ୍ତୁ । ଯଦି ସମ୍ଭବ ହେଉଛି, ବାହାରକୁ ନଯାଇ ଘରେ ରୁହନ୍ତୁ । ପାଣି ପିଇବା ବନ୍ଦ କରନ୍ତୁନି, ଉଷୁମ ପାଣି ପିଇବା ଭଲ । ମସଲା ଏବଂ ଅମ୍ଳଯୁକ୍ତ ଖାଦ୍ୟ ଖାଆନ୍ତୁନି । ନିୟମିତ ଭାବେ ଗାର୍ଗଲ୍ କରନ୍ତୁ । ଧୂମପାନଠୁ ଦୂରେଇ ରୁହନ୍ତୁ । ହାତ ସବୁବେଳେ ସଫା ରଖନ୍ତୁ । ଛିଙ୍କ ଏବଂ କାଶ ସମୟରେ ପାଟିରେ ରୁମାଲ୍ ରଖନ୍ତୁ ।

ଘରୋଇ ଚିକିତ୍ସା କ୍ରମରେ କରନ୍ତୁ ଏସବୁ କାମ :

ବନ ଯୁଆଣି , ହଳଦୀ, ଅଁଳା, ଯବକ୍ଷାର, ଚିତାମୂଳ ସମାନ ଭାଗରେ ନେଇ ଚୂର୍ଣ୍ଣ କରିବା ସହ ଶହେ ଗ୍ରାମ ମହୁ ସହିତ ଗାଈ କ୍ଷୀର ପଚାଶ ଗ୍ରାମ ମିଶାଇ ରଖିବେ ପାଞ୍ଚ ଗ୍ରାମ ଚୂର୍ଣ୍ଣ ସହିତ ଦୁଇ ଚାମଚ ଘିଅ ମହୁ ମିଶାଇ ତିନିବେଳା ଦିନକୁ ସେବନ କଲେ ଗଳା ବସିଯିବା ସମସ୍ୟା ଦୂର ହୁଏ । ବରକୋଳି ପତ୍ର ଶହେ ଗ୍ରାମ ସହିତ ପଚିଶ ଗ୍ରାମ ସୋଇନ ଧବଲୁଣ ମିଶାଇ ବାଟି ଶହେ ଗ୍ରାମ ଗୁଆଘିଅ ସହିତ ଭାଜି ରଖିବେ ମାତ୍ର ଦଶ ଗ୍ରାମ ଲେଖାଏଁ ଦ୍ୱିବେଳ ସେବନ କଲେ ଗଳା ବସିଯିବା ସମସ୍ୟା ଦୂର ହୁଏ । ଗାଈ କ୍ଷୀର ଏକ ଗ୍ଲାସ ସହିତ ଅଁଳା ଚୂର୍ଣ୍ଣ ଏକ ଚାମଚ ମିଶାଇ ସକାଳ ସନ୍ଧ୍ୟାରେ ପାନକଲେ ମଧ ଗଳା ବସିଯିବା ସମସ୍ୟା ଦୂର ହୁଏ । ଗଳା ସଂକ୍ରମଣ ସମସ୍ୟାରେ ଅମୋଘ ପଥ୍ୟ ହେଉଛି ପୁରୁଣା ଗୁଆ ଘିଅ । ପୁରୁଣା ଘିଅ ଓ ପୁରୁଣା ଗୁଡ଼ ସହିତ ଅନ୍ନ ଭୋଜନ କରି ଉଷୁମ ପାଣି ପିଅନ୍ତୁ । ଗଳା ବସିଯିବା ସମସ୍ୟାରେ ଅଧିକ ଆୟୁର୍ବେଦ ଚିକିତ୍ସାରେ ହିଁ ଅଧିକ ସୁଫଳ ମିଳିଥାଏ କୌଣସି ବ୍ୟକ୍ତିର କଣ୍ଠ ସ୍ୱରରେ ଅସ୍ୱାଭବିକତା ପରିଲକ୍ଷିତ ହେଲେ ଏବଂ ଏହି ଅସୁବିଧା ଦୁଇ ସପ୍ତାହରୁ ଅଧିକ ହେଲେ ତାହାକୁ ସ୍ୱରଭେଦ ବୋଲି ବୁଝିବାକୁ ହେବ ତେଣୁ ଆୟୁର୍ବେଦ ଚିକିତ୍ସକମାନଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂସ୍କାରର ପ୍ରଥମ ପାଠଶାଳା....

ସଂସ୍କାର ହେଉଛି ସେହି କାର୍ଯ୍ୟକଳାପ, ଯାହା ଜଣେ ବ୍ୟକ୍ତିକୁ ଯୋଗ୍ୟ ଭାବରେ ଗଢ଼ି ତୋଳିଥାଏ। ବ୍ୟକ୍ତିର ମନ, ମସ୍ତିକ ଓ ଶରୀର ପବିତ୍ର ହୁଏ। ସଂସ୍କାର ମାଧ୍ୟମରେ ମଣିଷ ନିଜର ଅନ୍ତର୍ନିହିତ ପ୍ରବୃତ୍ତିକୁ ସମ୍ପୂର୍ଣ୍ଣ ବିକାଶ କରି ଉଭୟ ନିଜର ଏବଂ ସମାଜର କଲ୍ୟାଣ କରିଥାଏ। ପବିତ୍ର ଚିନ୍ତାଧାରା ପ୍ରଦାନ କରୁଥିବା ଭାରତରେ ଭାରତୀୟ ସନାତନ ସଂସ୍କୃତିର ଆଧାର ସ୍ତମ୍ଭ ହେଉଛି ପରିବାର। ପରିବାର ଆମ ସଂସ୍କାରର ପ୍ରଥମ ବିଦ୍ୟାଳୟ ଏବଂ ମା' ହେଉଛନ୍ତି ଏହି ବିଦ୍ୟାଳୟର ପ୍ରଥମ ଶିକ୍ଷୟିତ୍ରୀ। ଏକ ସଂସ୍କାରସମ୍ପନ୍ନ ପରିବାର ଦ୍ୱାରା ସଂସ୍କାରସମ୍ପନ୍ନ ସମାଜ ଏବଂ ଏକ ବିକଶିତ ରାଷ୍ଟ୍ର ସୃଷ୍ଟି ହୋଇପାରେ। ପରିବାର ମଧ୍ୟ ସମାଜର ପ୍ରଥମ ଅନୁଷ୍ଠାନ। ଯେତେବେଳେ ଗୋଟିଏ ପରିବାର ସମୂହ ଭାବରେ କାର୍ଯ୍ୟ କରନ୍ତି, ଏହା ଦେଶ ପାଇଁ ଉପଯୋଗୀ ହୋଇଯାଏ। ବ୍ୟକ୍ତିଗତରୁ ଗୋଷ୍ଠୀକୁ ବା 'ମୋ'ଠାରୁ 'ଆମ' ଆଡ଼କୁ ଅଗ୍ରସର ହେଉଥିବା ଏକକ ହେଉଛି ପରିବାର। ପରିବାରର ବାତାବରଣ ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ବିଶେଷ ପ୍ରଭାବ ପକାଇ ଥାଏ। ବ୍ୟକ୍ତିର ମାନସିକ ସ୍ଥିତାବସ୍ଥା ପରିବାରର ପରିବେଶ ଉପରେ ନିର୍ଭର କରେ। ପରିବାର ପାଇଁ ତିନୋଟି ଜିନିଷ ଗୁରୁତ୍ୱପୂର୍ଣ୍ଣ। ତାହା ହେଉଛି ଭକ୍ତି, ଶକ୍ତି ଓ ଆନନ୍ଦ। ପାଶ୍ଚାତ୍ୟକରଣ ଯୋଗୁଁ ଏବେ ଦେଖାଯାଉଛି ପରିବାର ସଦସ୍ୟମାନେ ଭିନ୍ନ ଭିନ୍ନ ଆଚରଣ କରୁଛନ୍ତି। ନିଜ ନିଜ ମଧ୍ୟରେ ପାରସ୍ପରିକ ବୁଝାମଣା, ଆଲୋଚନା ଓ କଥାବର୍ତ୍ତା ହେଉନାହାନ୍ତି। ଯଦି ଏପରି ହୁଏ ତେବେ ପରିବାର ବ୍ୟବସ୍ଥା ସଫଳ ହେବ ନାହିଁ। ଏଥିପାଇଁ ପରିବାରର ସମସ୍ତ ସଦସ୍ୟ ନିଶ୍ଚିତ ଭାବରେ କିଛି ନା କିଛି ବ୍ୟବସ୍ଥା କରିବା ଉଚିତ, ଯାହା ଆଧାରରେ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସକାଳ କିମ୍ବା ସନ୍ଧ୍ୟାରେ ଭଗବାନଙ୍କ ପ୍ରତି ଭକ୍ତି ଏବଂ ଉତ୍ସର୍ଗୀକୃତ ଭାବନା ସହିତ ଏକତ୍ରିତ ହୋଇ ବସିବେ। ସମସ୍ତ ପରିବାର ଏକତ୍ର ଗୋଟିଏ ସ୍ଥାନରେ ବସି ଭୋଜନ କରିବା ଉଚିତ। ଆମେ ସମସ୍ତେ ପିଲାଦିନେ ସାପ-ସିଡ଼ି ଖେଳିଛୁ। ପରିବାରରେ ମଧ୍ୟ ଏହିପରି ହେଉଛି। ପରିବାର ସଦସ୍ୟ ପରସ୍ପର ସହ ମିଳିତ ଭାବରେ କାର୍ଯ୍ୟ କରିବେ ବା ସହଯୋଗ କରିବେ ତେବେ ଏହା ସିଡ଼ିର କାମ କରିବ ଏବଂ ପରିବାର ଅଗ୍ରଗତି କରିବ। ଯଦି ସେମାନେ ପରସ୍ପରକୁ କାଟିବା ପାଇଁ ସାପ ଭଳି କାର୍ଯ୍ୟ କରିବେ ତେବେ ପରିବାର ପତନ ହେବ। ମାନସିକ ଓ ବ୍ୟବହାରିକ ରୂପରେ ପରିବାର ବ୍ୟବସ୍ଥାକୁ ଏକ ସମନ୍ୱିତ ଭୂମିକାକୁ ଆଣିବା ପରିବାରର ସମସ୍ତ ସଦସ୍ୟଙ୍କ କାର୍ଯ୍ୟ। ଯଦି ପରିବାରର ପୁଅ ଏବଂ ଝିଅମାନେ ଆଗାମୀ ସମୟରେ ପରିବାରକୁ ଆଗକୁ ନେବାରେ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି, ତେବେ ସେମାନଙ୍କ ବିକାଶ କିପରି ଅଗ୍ରଗତି କରୁଛି ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଆମ ପରିବାରର ପିଲାମାନେ ସତ୍ୟବାଦୀ, ଦାନଶୀଳ, ସାହସୀ, ନିର୍ଭୀକ ହେବା ପାଇଁ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ଏବଂ ସମାଜରେ ସେମାନେ କିପରି ଆଚରଣ କରିବେ ସେହି ସଂସ୍କାର ବ୍ୟବସ୍ଥା ପରିବାରରେ ହେବା ଆବଶ୍ୟକ। ଯଦି ସଂସ୍କାର ନାହିଁ ତେବେ ଶିକ୍ଷା ବ୍ୟର୍ଥ ହୋଇଯାଏ। ସେ ଶିକ୍ଷା ପ୍ରାପ୍ତ କରି ବଡ଼ ପଦପଦବୀରେ ଚାକିରି କରି ମଧ୍ୟ ଯଦି ପିଲାଟିର ସଂସ୍କାର ନାହିଁ ତେବେ ସେ ପରିବାର ପାଇଁ, ସମାଜ ପାଇଁ କିମ୍ବା ଦେଶ ପାଇଁ ଉପଯୋଗୀ ହେବେ ନାହିଁ। ସେହିପରି ପିଲାମାନେ କେଉଁ ଲୋକମାନଙ୍କ ସହିତ ମିଳାମିଶା କରୁଛି ତାହା ଦେଖିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସେମାନଙ୍କୁ ପରିବାରର ବଡ଼ ସଦସ୍ୟଙ୍କ ଉଦାହରଣ ଦେବାକୁ ପଡ଼ିବ। ପିଲାମାନେ ଦେଖନ୍ତି ପରିବାରର ବୟସ୍କ ସଦସ୍ୟମାନେ କାହା ସହିତ ମିଳାମିଶା କରୁଛନ୍ତି, ସେମାନଙ୍କ ସହିତ କିଏ ବସୁଛନ୍ତି? ସେମାନେ କ'ଣ କଥାବାର୍ତ୍ତା କରୁଛନ୍ତି? ସେମାନେ ପରସ୍ପର ସହିତ କିପରି ବ୍ୟବହାର କରୁଛନ୍ତି? ପରିବାର ସହିତ ତାଙ୍କୁ ଦେଖି ନୂତନ ପିଢ଼ିଙ୍କର ଦକ୍ଷତା ବିକାଶ ହୋଇଥାଏ। ଯଦି ସଂଗତି ଠିକ୍ ନଥାଏ ତେବେ ଶିକ୍ଷା କିମ୍ବା ସଂସ୍କାରର କୌଣସି ଲାଭ ନାହିଁ। କାରଣ ସଂସ୍କାରର ଅଭିବ୍ୟକ୍ତି ମଧ୍ୟ ସଂଗତି ଉପରେ ନିର୍ଭର କରେ। ସଫଳ ପରିବାରର ଆଉ ଏକ ସୂତ୍ର ହେଉଛି ଏକତା। ପରିବାର ଭିତରେ ଏକତା ଅଛି କି? ପରିବାର ଏକାଠି କାମ କରନ୍ତି କି? ଏହା କେବଳ ପରସ୍ପରର ଅସୁବିଧା ଦେଖିବା ଏବଂ ଶୁଣିବାରେ ସୀମିତ କି? ଯଦି ପରିବାର ମଧ୍ୟରେ କୌଣସି ଅସୁବିଧା ଉପୁଜେ ତେବେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ସେହି ଅସୁବିଧାକୁ ଦୂର କରିବାକୁ ଚେଷ୍ଟା କରନ୍ତି କି? ଯଦି ସେମାନେ ତାହା କରନ୍ତି ତେବେ ଏହା ଠିକ ଅଛି, ପୂର୍ବ ତିନୋଟି କଥା ସଠିକ୍ ଭାବରେ କାମ କରିବ ଏବଂ ଯଦି ସେଗୁଡ଼ିକ ଠିକ୍ ନୁହେଁ ତେବେ ପ୍ରଥମ ତିନୋଟି କଥା ଅଦରକାରୀ ହୋଇଯିବ। ପରିବାରର ଶେଷ ସୂତ୍ର ହେଉଛି ସମାଜରେ ପରିବାରର ସ୍ଥାନ। ଉପରୋକ୍ତ ଚାରୋଟି ନୀତି ସହିତ ପରିବାର ସମାଜରେ କେଉଁ ଭୂମିକା ଗ୍ରହଣ କରୁଛି ଏହା ବହୁତ ମହତ୍ତ୍ୱପୂର୍ଣ୍ଣ। କାରଣ ଏହି ଚାରୋଟି ଉପାଦାନ ଦ୍ୱାରା ପରିବାରରୁ ସଂସ୍କାରିତ ବ୍ୟକ୍ତି ପରେ ସମାଜ ଏବଂ ରାଷ୍ଟ୍ର ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପରିବାର, ସମାଜ କିମ୍ବା ରାଷ୍ଟ୍ର ଦୃଷ୍ଟିକୋଣରୁ ତାଙ୍କର କାର୍ଯ୍ୟକଳାପକୁ ସକରାତ୍ମକ, ପ୍ରଗତିଶୀଳ ଭାବରେ ନିର୍ମାଣ କରିବାକୁ ପଡ଼ିବ। ସମାଜରେ ପରିବାରର ସ୍ଥାନର ସାମୂହିକ ଦାୟିତ୍ୱ ପରିବାରର ସମସ୍ତ ସଦସ୍ୟଙ୍କ ଉପରେ ରହିଥାଏ।

## ବିପ୍ଳବୀ ଭକ୍ତ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ



### ସୁଷମା ପରିଜା



ଆମ ଇତିହାସ ବୋଧହୁଏ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇ ପାରିନାହିଁ ତଥାପି ଓଡିଶା ମାଟିର ପୁଅ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ କେବଳ ଓଡିଶା ନୁହେଁ ଉତ୍ତର ଭାରତ ର ଝାନ୍ସୀ ରେ ମଧ୍ୟ ତାଙ୍କ ନିଜସ୍ୱ ବୀରତ୍ୱ ର ପରାକାଷ୍ଠା ଦେଖାଇ ଯାଇଛନ୍ତି । ଅଠରଶହ ସତାବନ ମସିହା ର ସିପାହୀ ବିଦ୍ରୋହରେ ସାମିଲ ହୋଇ ସେ "ଓଡିଶାରେ ସିପାହୀ ବିଦ୍ରୋହର ସାରଥୀ ଭାବରେ " ନିଜର ତଥା ନିଜ ରାଜ୍ୟ ର ମାନସମ୍ମାନ ବଜାୟ ରଖିଛନ୍ତି ସାରା ଭାରତରେ । କେବଳ ଅସୀ ନୁହେଁ ମସୀରେ ମଧ୍ୟ ନିଜର ପରାକାଷ୍ଠା ଦେଖାଇଛନ୍ତି ଶ୍ରୀଜଗନ୍ନାଥଙ୍କ ଭକ୍ତିରେ ତଲ୍ଲୀନ ହୋଇ ଅନେକ ଭଜନ ଜଣାଣ ସହ ଜଗନ୍ନାଥ ଧର୍ମର ଅନେକ ଗହନ କଥା ସବୁ ଲେଖି ଯାଇଛନ୍ତି ତାଳପତ୍ର ପୋଥି ଆକାରରେ। ଦେଶ ଆଉ ଜାତି ପାଇଁ ତାଙ୍କର ଅବଦାନକୁ ଏ ଜାତି ଆଜି ମଧ୍ୟ ମଥାନତ ପ୍ରଣାମ ଜଣାଏ।

ସଂଖ୍ୟାରେ ଅଧିକ ନ ହେଲେ ମଧ୍ୟ ତାଙ୍କ ଦ୍ୱାରା ରଚିତ ଭଜନ, ଜଣାଣ ଉତ୍କଳ ର ବାଣୀ ଭଣ୍ଡାରୁ ଋଦ୍ଧିମନ୍ତ କରି ପାରିଛି । ତାଙ୍କର ରଚିତ ଭଜନ......

"ଚକାନୟନକୁ ପତିତ କେହି,
ଚକାଇ ଖର ନିଃଶ୍ୱାସ ପକାଇ
ଡକା ପକାଇ ଗରୁଡ଼ ପଛରେ,
ବକାରି ମୋ ଆର୍ତ୍ତ ଶୁଣ ସତ୍ୱରେ ହେ
ଢକ୍କା ବାଜୁଛି ମହିମା ହେ
ଠକାର କରି କର୍ଣ୍ଣେ ମୋ'ର ଗିର ନ ଶୁଣ, କାହିଁକି ବିଚିତ୍ର କର୍ମା ହେ ।।
ଏବଂ
"ପତିତ ଜନଙ୍କୁ ଉଦ୍ଧାରିବା ପାଇଁ
ଉଡାଉ ଅଛ ପତାକା
ବାହୁ ଟେକି ତୁମ୍ଭେ ବସି ଥାଉଁ ଥାଉଁ
ବିପତି କରୁଛି ଡକା, ମହାପ୍ରଭୁ ହେ "....

ଇତ୍ୟାଦି ଭଜନ ଜଣାଣ ଆଜି ମଧ୍ୟ ଲୋକପ୍ରିୟତା ର ଶୀର୍ଷ ରେ ରହିଛି ।।

ପାବନଧାମ ପୁରୀ ରେ ଶ୍ରୀ ଜଗନ୍ନାଥଙ୍କ ଖୁଣ୍ଟିଆ ସେବକ ରଘୁନାଥ (ଭୀମସେନ) ଏବଂ ତାଙ୍କର ପତ୍ନୀ କମଳାବତୀଙ୍କର କୋଳ ପୂର୍ଣ୍ଣ କରି ଅଠରଶହ ସତେଇଶି ମସିହା ଜାନୁୟାରୀ ମାସ ସାତ ତାରିଖ ,ପବିତ୍ର ଶାମ୍ବ ଦଶମୀ ତିଥିରେ ଚତୁର୍ଦ୍ଧାମୂରତି ଙ୍କ ଚନ୍ଦନ ଲାଗି ସମୟରେ ଜନ୍ମ ହୋଇଥିଲା ପୁତ୍ର ସନ୍ତାନ ଟିଏ।ସେହି ପବିତ୍ର ସମୟକୁ ଧ୍ୟାନ ରଖି ପିତାମାତା ଶିଶୁ ର ନାମକରଣ କରିଥିଲେ" ଚନ୍ଦନ " । ପିଲାଟି ଖୁବ୍ ସୁନାମ, ସୁନ୍ଦର ଏବଂ ଚଞ୍ଚଳ ସ୍ୱଭାବ ର ଥିଲା। ସବୁ ସେବକ ମାନଙ୍କ ସନ୍ତାନ ଭଳି ସେ ପୁରୀ ର ଗତାନୁଗତିକ ବ୍ୟାୟାମଶାଳା( ଜାଗାଘର) ରେ କୁସ୍ତି କସରତ ଶିଖୁଥିଲା। ଖୁଣ୍ଟିଆ ସେବକ ଭାବରେ ରଘୁନାଥ ପ୍ରତିଦିନ ବଡଦେଉଳରେ ସେବା କରିବାକୁ ଯାଉଥିଲେ ନିଜ ବାପାଙ୍କ ସହିତ ସେ ମଧ୍ୟ ଦେଉଳକୁ ଯାଉଥିଲା ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିବା ପାଇଁ ।ନିଜର ଚଞ୍ଚଳ ସ୍ୱଭାବ ନେଇ ମନ୍ଦିର ଭିତରେ ପଶିଲେ ମହାପ୍ରସାଦ କୁଡୁଆରେ ହାତମାରି ଚାଖି ଦେଉଥିଲା ଟିକିଏ। ସେଇ ଚଗଲାପଣରୁ ସଭିଏଁ ତାଙ୍କୁ ଡାକୁଥିଲେ "ଚାଖି ଖୁଣ୍ଟିଆ"।

ପାଠ ପଢା ସହ କୁସ୍ତି କସରତରେ ମଧ୍ୟ ଖୁବ୍ ପାରଙ୍ଗମ ଥିଲେ ଚାଖି ଖୁଣ୍ଟିଆ। ବୟସ ବଢିବା ନରେ ଧୀରେ ଧୀରେ ସେ ଆଖଡା ଶାଳର ଗୁରୁ ଭାବରେ ପୁରୀର ଯୁବକ ମାନଙ୍କୁ ସମର କୌଶଳ ଶିକ୍ଷା ଦେବା ଆରମ୍ଭ କରିଥିଲେ । ଖୁବ୍ କମ୍ ସମୟ ମଧ୍ୟରେ ବେଦ ପୁରାଣ, ଉପନିଷଦ, ଶାସ୍ତ୍ର ଅଧ୍ୟୟନ କରିବା ସହିତ ବାପାଙ୍କର ଯାତ୍ରୀସେବକ ବୃତ୍ତି ରେ ସାହାଯ୍ୟ କରିବା ପାଇଁ ଓଡିଆ, ସଂସ୍କୃତ, ହିନ୍ଦୀ ଭାଷାରେ ପାରଙ୍ଗମ ହୋଇଉଠିଥିଲେ । ସେହି ଯାତ୍ରୀସେବକ ଭାବରେ କାମ କରିବା ବେଳେ ତାଙ୍କର ଭେଟ ହୋଇଥିଲା ଉତ୍ତର ପ୍ରଦେଶ ବିଠୁର ର ମନ୍ତ୍ରୀ ମେରାପନ୍ତଙ୍କ ସହିତ, ସେହି ସଂପର୍କ ଧୀରେ ଧୀରେ ପାରିବାରିକ ସମ୍ପର୍କରେ ପରିଣତ ହୋଇଥିଲା। ମେରାପନ୍ତ ଚନ୍ଦନ ଙ୍କୁ ଅନୁରୋଧ କରିଥିଲେ ତାଙ୍କ ସହିତ ଉତ୍ତର ପ୍ରଦେଶ ଯାଇ ତାଙ୍କର ଝିଅ ମନୁ କୁ ସମରକୌଶଳ ଶିଖାଇବା ଲାଗି । ପେଶାବ ବାଜିରାଓଙ୍କ ପରାମର୍ଶରେ ମେରାପନ୍ତଙ୍କ ଝିଅ ମଣିକର୍ଣ୍ଣିକା ( ମନୁ)ଙ୍କର ବିବାହ ହୋଇଥିଲା ଝାନସୀ ର ମହାରାଜ ଶ୍ରୀ ଗଙ୍ଗାଧର ରାଓ ଙ୍କ ସହିତ। ସେମାନଙ୍କ ପାରିବାରିକ ଯାତ୍ରୀ ଯଜମାନ ମଧ୍ୟ ଥିଲେ ଚାଖି ଖୁଣ୍ଟିଆଙ୍କ ପରିବାର । ଚାଖି ଖୁଣ୍ଟିଆଙ୍କ ସମର କୌଶଳ ପ୍ରଭାବିତ କରିଥିଲା ମହାରାଜା ଗଙ୍ଗାଧର ରାଓ ଙ୍କୁ। ସେ ନିଜର ପତ୍ନୀ ମନୁ ( ମଣିକର୍ଣ୍ଣିକା) ଙ୍କୁ ସେହି ସମରକୌଶଳ ଶିଖାଇବା ପାଇଁ ଅନୁରୋଧ କରିଥିଲେ ଚାଖି ଖୁଣ୍ଟିଆ ଙ୍କୁ। ସେହି ପ୍ରସ୍ତାବ କୁ ସହର୍ଷେ ସ୍ୱୀକାର କରି ଚାଖି ଖୁଣ୍ଟିଆ ତାଙ୍କ ସହିତ ଝାନସୀ ଯାତ୍ରା କରିଥିଲେ। ମନୁ ( ମଣିକର୍ଣ୍ଣିକା) ତାଙ୍କ ଠାରୁ ସମରକୌଶଳ ଶିଖିବା ସମୟରେ ତାଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କୁ ଭାଇ ରୂପେ ସମ୍ମାନ ଦେଇଥିଲେ।ଚାଖି ଖୁଣ୍ଟିଆ ପାଳଟିଥିଲେ ମଣିକର୍ଣ୍ଣିକା ଙ୍କର ସୁରକ୍ଷା ବଳୟ। ଝାନସୀ ର ସୁରକ୍ଷା କରିବା ସହିତ ସେ ବ୍ରିଟିଶ ଶାସନ ବିରୁଦ୍ଧରେ ଗଂଗାଧର ରାଓ ଙ୍କ ସେନାପତି ହୋଇ ମୁକ୍ତି ସଂଗ୍ରାମ ର ମୁଖ୍ୟ ପୁରୋଧା ସାଜିଥିଲେ।

ଓଡିଶାରେ ତାଙ୍କର ରହଣି କାଳରେ ସ୍ୱାଧୀନତା ସଂଗ୍ରାମ ରେ ପ୍ରତ୍ୟକ୍ଷ ଭାବରେ ସାମିଲ୍ ହୋଇନଥିବା ଚାଖି ଖୁଣ୍ଟିଆ ସେଦିନ ଯୁଦ୍ଧ ରେ ଝାନସୀର ରାଜା ଗଙ୍ଗାଧର ରାଓ ଙ୍କର ମୃତ୍ୟୁ ପରେ ଝାନସୀ ରାଣୀ ( ମଣିକର୍ଣ୍ଣିକା) ଲକ୍ଷ୍ମୀବାଇ ଙ୍କର ଢାଲ ହୋଇ ଦୋହଲାଇ ଦେଇଥିଲେ ବ୍ରିଟିଶ ସୈନ୍ୟବାହିନୀ ର ଛାତି । ଏହା ମଧ୍ୟ ଶୁଣିବାକୁ ମିଳେ ଯେ ସେଦିନ ଯୁଦ୍ଧ ରେ ପରାସ୍ତ ହୋଇଥିବା ଲକ୍ଷ୍ମୀବାଇ ଙ୍କୁ ନିଜ ଅଶ୍ୱରେ ଯୁଦ୍ଧ କ୍ଷେତ୍ରରୁ ନିରାପଦରେ ରାଜନବର ପର୍ଯ୍ୟନ୍ତ ପହଞ୍ଚାଇବା ର ଦୁରୁହ କାର୍ଯ୍ୟ ଟି ଚାଖି ଖୁଣ୍ଟିଆ ହିଁ କରିଥିଲେ। ସେଥିପାଇଁ ବ୍ରିଟିଶ ସରକାର ଦେଶଦ୍ରୋହ ଅପରାଧ ରେ ତାଙ୍କୁ ପରବର୍ତ୍ତୀ ସମୟରେ ଗୟାନଦୀ କୂଳରୁ ଗିରଫ କରି ବନ୍ଦୀଶାଳାରେ ରଖି ଥିଲେ। ସେଇ ଦୋଷରେ ତାଙ୍କର ସମସ୍ତ ଚଳଅଚଳ ସମ୍ପତ୍ତି କୁ ବାଜ୍ୟାପ୍ତି କରିଦେଇଥିଲେ।ଏପଟେ ସେ ଯୁଦ୍ଧ ରେ ମୃତ ବୋଲି ଘୋଷଣା ହୋଇ ସାରିଥାଏ ଅଠରଶହ ଅଠାବନ ମସିହାରେ ଅନ୍ୟ ବିଦ୍ରୋହୀ ବନ୍ଦୀ ମାନଙ୍କ ସହ ଚାଖି ଖୁଣ୍ଟିଆ ବନ୍ଦୀଶାଳାରୁ ମହାରାଣୀ ଭିକ୍ଟୋରିଆ ଙ୍କର ସର୍ତ୍ତ ମୂଳକ କ୍ଷମା ପାଇ ସେଠାରୁ ସର୍ବସ୍ୱାନ୍ତ, ଅପମାନିତ ହୋଇ ପୁରୀ କୁ ଫେରିଆସି ତାଙ୍କର ଜଣେ ବାଲ୍ୟ ବନ୍ଧୁ( ଶ୍ରୀ ଦିବ୍ୟ ସିଂହ ମିଶ୍ର) ଙ୍କ ନିକଟରେ ଛଦ୍ମବେଶରେ ରହୁଥିଲେ। । ସନ୍ତାପିତ ହୃଦୟ ରେ ଚାଖି ଖୁଣ୍ଟିଆ କେବଳ ଶ୍ରୀ ଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରି ଲୁଚି ବସିଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଆଉ କେତେଦିନ ଅବା ପ୍ରଭୁଙ୍କୁ ଦର୍ଶନ ନକରି ରହି ପାରନ୍ତେ ? ଲୁଚିଛପି ଦର୍ଶନ କରିବା ବେଳେ ଦିନେ ତାଙ୍କର ଭଉଣୀ ଙ୍କ ହାବୁଡେ ପଡିଲେ ସେ।ରକ୍ତ ଚିହ୍ନିଲା ରକ୍ତ କୁ।ସେତେବେଳକୁ ଚାଖି ଖୁଣ୍ଟିଆ ଙ୍କ ଯୁଦ୍ଧକ୍ଷେତ୍ରରେ ମୃତ୍ୟୁ ହେବାର ସମ୍ବାଦ ପାଇ ତାଙ୍କର ପରିବାର ଦୁଃଖ ରେ ମର୍ମାହତ ହୋଇ ଦିନ କାଟୁଥାନ୍ତି, ବାର ବର୍ଷ ରୁ ଚାଖି ଖୁଣ୍ଟିଆ ଙ୍କର ବିବାହ କରି ଦିଆ ଯାଇଥିଲା ଗୋଟିଏ ସାତ ବର୍ଷର ବାଳୁତକନ୍ୟା ସହିତ। ସେତେବେଳକୁ ତାଙ୍କର ପତ୍ନୀ ଚାଖି ଖୁଣ୍ଟିଆ ଙ୍କର ବାର ବର୍ଷ ଅନୁପସ୍ଥିତରେ ଲୋକ ମୁଖରୁ ଯୁଦ୍ଧରେ ତାଙ୍କର ମୃତ୍ୟୁ ଖବର ପାଇ ମଥାରୁ ସିନ୍ଦୂର ପୋଛି ଅତି ଦୟନୀୟ ଅବସ୍ଥାରେ ବଞ୍ଚିଥାଆନ୍ତି ।ଚାଖି ଖୁଣ୍ଟିଆଙ୍କ ଭଉଣୀ ଅତି ଆନନ୍ଦ ରେ ଘରକୁ ଦଉଡି ଯାଇ ବିଧବା ଭାଉଜଙ୍କୁ ପୁଣି ସଧବା ବେଶ ଧାରଣ କରିବାକୁ ଯାଇ କହିଥିଲେ...

'ନଈ ରେ ବାଳିଆ ଚହଟିଲା,
କଜ୍ଜଳ ସିନ୍ଦୁର ନାଆ ଲୋ' ରାଣ୍ଡ ପୁଣି ଚାଖିଆ ଲେଉଟିଲା' ।

ତାଙ୍କର ଜୀବିତ ଖବର ପ୍ରଚାରିତ ହେବା ପରେ ମୁକ୍ତିମଣ୍ଡପ ପଣ୍ଡିତଙ୍କ ସିଦ୍ଧାନ୍ତ ଅନୁଯାୟୀ ପୁଣି କାଚ ସିନ୍ଦୂର ଲଗାଇଲେ ତାଙ୍କ ସ୍ତ୍ରୀ । ଭଗବତ୍ ? ଉପାସନା ଏବଂ ଜଗନ୍ନାଥଙ୍କ ପ୍ରତି ଥିବା ଚନ୍ଦନ ହଜୁରୀଙ୍କର ଭକ୍ତି ତାଙ୍କୁ ପୁଣି ପରିବାର ବନ୍ଧନରେ ବାନ୍ଧି ଦେଇଥୁଲା ।

ତାଙ୍କ ପାର ନାନୀ ର କହିଥିବା ସେଇ କଥା ପଦିକ ଢଗ ଢମାଳି ଆକାରରେ ଆଜି ମଧ୍ୟ ଓଡିଆ ଭାଷାରେ ବହୁଳ ପ୍ରଚଳିତ ।

ପୁରୀ ରେ ନିଜ ପରିବାର କୁ ଫେରିବା ପରେ ଚାଖି ଖୁଣ୍ଟିଆ ଚନ୍ଦନ ହଜୁରୀ ଭାବରେ ସଂପୂର୍ଣ୍ଣ ବିଭୁମନସ୍କ ହୋଇ ଚତୁର୍ଦ୍ଧାମୂରତି ଙ୍କ ସେବାରେ ନିୟୋଜିତ ହୋଇ ରହିଥିଲେ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ । ଏହି ସମୟ ମଧ୍ୟରେ ସେ ଅନେକ ଭଜନ,ଜଣାଣ, ଚଉତିଶା ଇତ୍ୟାଦି ରଚନା କରି ଯାଇଛନ୍ତି ଯାହା ଅଦ୍ୟାବଧି ଅତ୍ୟନ୍ତ ଲୋକପ୍ରିୟ ହୋଇ ରହିଛି। ମଣିକର୍ଣ୍ଣିକା ଅର୍ଥାତ୍ ରାଣୀ ଲକ୍ଷ୍ମୀବାଇଙ୍କ ସହିତ ବିତାଇଥିବା ସମୟର କଥାକୁ ସେ ତାଳପତ୍ର ପୋଥିରେ ଲିପିବଦ୍ଧ କରି " ମନୁବାଇ" ନାମରେ ସଂରକ୍ଷିତ କରି ରଖିଛନ୍ତି । ଅଠରଶହ ସତୁରୀ ମସିହା ରେ ଏହି ମହାନ୍ କିମ୍ବଦନ୍ତୀ ପୁରୁଷ ଙ୍କର ପରଲୋକ ଘଟିଥିଲା ପୁରୀରେ। ତାଙ୍କର ସ୍ଥୂଳଶରୀର ସିନା କାଳର କରାଳ ଗତିରେ ଲୀନ ହୋଇଛି ପଞ୍ଚଭୂତରେ ହେଲେ ତାଙ୍କର ଯଶ ଅମ୍ଳାନ ରହିଛି ଏ ଭାରତ ଭୂଖଣ୍ଡରେ ।

୧୮୫୭ର ଐତିହାସିକ ସିପାହୀ ବିଦ୍ରୋହରେ ସାମିଲ ହୋଇ ବିପ୍ଳବୀ ଚାଖି ଖୁଣ୍ଟିଆ ଓରଫ ଚନ୍ଦନ ହଜୁରୀ ଓଡ଼ିଶାର ଗର୍ବ ଓ ଗୌରବକୁ ଜାତୀୟ ସ୍ତରରେ ଉଚ୍ଚତମ ସୋପାନରେ ପହଞ୍ଚାଇ ପାରିଥିଲେ । ଚାଖି ଖୁଣ୍ଟିଆ ଏକାଧାରରେ ଜଣେ କବି, ମହାନବିପ୍ଳବୀ, ସମାଜ ସଂସ୍କାରକ ଏବଂ ଶ୍ରୀଜଗନ୍ନାଥଙ୍କର ପରମ ସେବକ ଥିଲେ। ତାଙ୍କର ବଳିଷ୍ଠ ନେତୃତ୍ୱ ଏବଂ ଅବନମିତ ଦେଶପ୍ରେମ ପାଇଁ ସେ ସର୍ବଦା ଏ ଜାତିର ପ୍ରାତଃସ୍ମରଣୀୟ. ହୋଇ ରହିବେ।

ଞ୍ଚ

ଶାରଳା ଭବନ, ପୋତା ପୋଖରୀ, କଟକ-୪
ମୋ:୯୩୩୭୨୭୨୬୪୭

## ଅଯୋଗ୍ୟ ପ୍ରଧାନ

### ପଙ୍କଜ କୁମାର ପାଣିଗ୍ରାହୀ

ପ୍ରାର୍ଥନା ଘଣ୍ଟି ବାଜିଲା ଓ ପ୍ରାର୍ଥନା ସରିଲା । ପିଲାମାନେ ନିଜ ନିଜ ଶ୍ରେଣୀଗୃହକୁ ଯିବା ପୂର୍ବରୁ ପ୍ରଧାନ ଶିକ୍ଷକ ଏକ ବାର୍ତ୍ତା ଦେଲେ ଯେ ଆସ'। କାଲି ବିଦ୍ୟାଳୟରେ ଜାତୀୟ ହିନ୍ଦୀ ଦିବସ ପାଳନ କରାଯିବ । ତେଣୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହେବ ଏବଂ କୃତି ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯିବ । ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କି'ୁ ସେତେବେଳ ପର୍ଯ୍ୟ' ଚୁପ ଥିଲେ ଏବଂ ପ୍ରଧାନ ଶିକ୍ଷକଙ୍କ ମୁହଁକୁ ଜଳକା ପରି ଚାହିଁ ରହିଥିଲେ । କାର୍ଯ୍ୟାଳୟରେ ସବୁ ବିଷୟ ସମ୍ପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ ବୁଝାଇ ଦିଆଗଲା । ପରବର୍ତ୍ତୀ କାର୍ଯ୍ୟକ୍ରମ ତଦନୁଯାୟୀ ସମାପନ କରାଗଲା । ପୁଣି ଅନ୍ୟ ଏକ ଦିନର ସମାନ ଘଟଣା ସହିତ ପ୍ରଧାନ ଶିକ୍ଷକ ଜାତୀୟ କ୍ରୀଡା ଦିବସ ଘୋଷଣା କରି ସମାନ ଢଙ୍ଗରେ ସମାପନ କରାଗଲା । ଦେଖିବାକୁ ମିଳିଲା ଯେ ଏମିତି ଯୋଗ ଦିବସ ହେଉ କିମ୍ବା ବିଜ୍ଞାନ ମେଳା ଅଥବା ଯେକୌଣସି ବିଷୟ କେବଳ ପ୍ରଧାନ ଶିକ୍ଷକ ହିଁ ବିଦ୍ୟାଳୟର ପ୍ରାର୍ଥନା ଶ୍ରେଣୀରେ ପ୍ରଥମେ ଘୋଷଣା କରୁଥିଲେ ଏବଂ ତା ପରେ ସମ୍ପୃକ୍ତ ବିଭାଗର ଶିକ୍ଷକ / ଶିକ୍ଷୟିତ୍ରୀ ସେହି କାର୍ଯ୍ୟକୁ ସମାପନ କରିବାରେ ସହଯୋଗ କରୁଥିଲେ ଯାହା ସେମାନେ ପୂର୍ବରୁ କୌଣସି ଆଭାସ ପାଉ ନଥିଲେ ! ଏଥିରେ ସ୍ପଷ୍ଟ ହେଉଥିଲା କି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିଁ ସର୍ବେ ସର୍ବା ଥିଲେ ଯିଏ ସବୁ କଥା, ବିଷୟକୁ ନିଜ ସ୍ତରରେ ରଖି କିମ୍ବା ସୃଷ୍ଟି କରି ପ୍ରଥମେ ଘୋଷଣା କରି ନିଜର ପ୍ରାଧାନ୍ୟତା ପ୍ରଦର୍ଶନ କରୁଥିଲେ କି, ସେ ଜଣେ ପ୍ରଧାନ ଶିକ୍ଷକ !

ବଡ଼ ଆଶ୍ଚର୍ଯ୍ୟର ବିଷୟ ଏହା ହୁଏ କି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବାସ୍ତବିକ ଅନ୍ୟ କୌଣସି କାର୍ଯ୍ୟ ତଥା ଶିକ୍ଷାଦାନ ହେଉ କିମ୍ବା କାର୍ଯ୍ୟାଳୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ଅଜ୍ଞାନ ଥିଲେ ଯାହା ସେ ଅନ୍ୟ ମାନଙ୍କ ସହାୟତାରେ କରୁଥିଲେ ! ହେଲେ ଏଠାରେ ବୁଝିବାକୁ ହେବ ଯେ ଯଦି ତାଙ୍କର କେବଳ ଆତ୍ମ ବଡ଼ିମା ପାଇଁ କେବଳ ଘୋଷଣାନାମା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଜ୍ଞାନ ନଥିଲା ତା ହେଲେ ତାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରାଗଲା କେମିତି ଓ କାହିଁକି ? ! ଉତ୍ତର ହେଉଛି ଯେହେତୁ ଏହା ହେଉଛି ଆମ ଦେଶ ଭାରତ ବର୍ଷ ଯେଉଁଠି ଆମ ସାମ୍ବିଧାନିକ ଆଇନକୁ ସମ୍ମାନ ଦେଇ ଆମେ ଲିଖିତ ସମ୍ବିଧାନର ସମସ୍ତ ଆଇନକୁ ମାନି ଚାଲୁଛୁ ତେଣୁ ସେହି କ୍ରମରେ ସମ୍ପୃକ୍ତ ଶିକ୍ଷକଙ୍କ ପ୍ରଧାନ ଶିକ୍ଷକ ପଦବୀ ପାଇଁ କୌଣସି ଯୋଗ୍ୟତା ନଥିଲେ ମଧ୍ୟ ବିଭିନ୍ନ କାରଣ ହେତୁ ତାଙ୍କୁ ପଦୋନ୍ନତ୍ତି ଦେଇ ପ୍ରଧାନ ଶିକ୍ଷକ କରାଗଲା ! ତେଣୁ ପଦୋନ୍ନତ୍ତି ପାଇ ପ୍ରଧାନ ଶିକ୍ଷକ ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଯେହେତୁ କୌଣସି କାର୍ଯ୍ୟ କରିବାରେ ସମର୍ଥ ନଥିଲେ ତେଣୁ ତାଙ୍କୁ ପ୍ରଧାନ ଶିକ୍ଷକ ବୋଲି ଅନ୍ୟମାନଙ୍କ ମାନ୍ୟତା ରହିବା ଆଶା ମଳିନ ରହିବା ଏକ ସ୍ୱାଭାବିକ କଥା । ତେଣୁ ସେ ନିଜର ମିଥ୍ୟା ଦକ୍ଷତା ପ୍ରଦର୍ଶନ ପୂର୍ବକ କୌଣସି ବାସ୍ତବ ଜ୍ଞାନ ରହିତ କେବଳ ଘୋଷଣାନାମାରେ ନିଜର ଦକ୍ଷତା ସାବ୍ୟସ୍ତ କରିବାକୁ ଚେଷ୍ଟା କରୁଥିଲେ ।

ଏମିତି କିଛି ଦିନ ବିତିଗଲା । କାର୍ଯ୍ୟାଳୟର ସରକାରୀ ଦଲିଲ ହେଉ କିମ୍ବା ଶୃଙ୍ଖଳା ସହିତ ଶୈକ୍ଷିକତା ଉପରେ କୌଣସି ଗୁରୁତ୍ୱ ଦିଆଗଲା ନାହିଁ । କାରଣ ଦକ୍ଷତା ହୀନ ପ୍ରଧାନ ଶିକ୍ଷକ ସମସ୍ତ ବାସ୍ତବ କାର୍ଯ୍ୟକୁ ଛାଡି ସବୁଦିନେ କୌଣସି ନା କୌଣସି ବାହାନାରେ କେବଳ ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ସହିତ ତାଙ୍କ ନିଜ ଗୁଣଗାନ କରିବା ପାଇଁ ବଶୀଭୂତ କରି ରଖିଲେ ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ତ କର୍ମକର୍ତ୍ତାଙ୍କୁ ! ଦେଖୁ ଦେଖୁ କିଛି ବର୍ଷ ବିତିଯିବା ପରେ ଦେଖିବାକୁ ମିଳିଲା ଯେ ସମ୍ପୃକ୍ତ ବିଦ୍ୟାଳୟଟି ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ରହି ଶିକ୍ଷାର୍ଥୀଙ୍କ ଉତ୍ତୀର୍ଣ୍ଣ ହାରରେ ସର୍ବନିମ୍ନ ସ୍ତରରେ ଆସି ପହଁଚିଛି । ଗ୍ରାମବାସୀ ସେମାନଙ୍କ ପିଲାଙ୍କ ଭବିଷ୍ୟତ ଅନ୍ଧକାର ହେଉଥିବା ଦେଖି ଖୁବ୍ ତୀବ୍ର ପ୍ରତିବାଦ କଲେ । ସରକାରୀ ସ୍ତରରେ ହୁଲୁସ୍ଥୁଲ ହେଲା ଯେ ତୁର' ସେହି ପ୍ରଧାନ ଶିକ୍ଷକଙ୍କୁ ସେହି ବିଦ୍ୟାଳୟରୁ ବିତାଡିତ କରି ଏକ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଉ । ସେମିତି ହେଲା । କି'ୁ ନୂତନ ପ୍ରଧାନ ଶିକ୍ଷକ ଆସିବା ବେଳକୁ ସମ୍ପୃକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀଙ୍କ ଶୈକ୍ଷିକତା ସମ୍ପୂର୍ଣ୍ଣ ଶୂନ୍ୟ ହୋଇଯାଇ ଥିଲା ଯାହା ନୂତନ ପ୍ରଧାନ ଶିକ୍ଷକ ତାକୁ ଆଉ ସୁଧାରିବା ସମ୍ଭବ ନଥିଲା ।

ଏହି ସମସ୍ତ ଘଟଣା ଗୁଡିକୁ ଗ୍ରାମବାସୀ ସମୀକ୍ଷା କରି କ'ଣ କରାଯିବ ବିଚାର କରିବା ବେଳକୁ ସେମାନଙ୍କ ହାତରେ ଆଉ କିଛି ନିୟନ୍ତ୍ରଣ ରେଖା ନଥିଲା । ଅର୍ଥାତ ସମ୍ପୃକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀ ସମ୍ପୂର୍ଣ୍ଣ ଅଜ୍ଞାନ ଅଶିକ୍ଷିତ ରହି କେବଳ ଦିନ ମଜୁରିଆ ଭଳି କାର୍ଯ୍ୟ କରି କ୍ରୀତଦାସ ଜୀବନ ବିତାଇବାକୁ ପଡିଲା ଯାହାର ସୁଧାର ଆଉ ସମ୍ଭବ ହେଲା ନାହିଁ । ଗ୍ରାମବାସୀ କେବଳ ନିଜର ଭୁଲ କୁ ସ୍ୱୀକାର ପୂର୍ବକ ଅନୁଶୋଚନାରେ ରହିଲେ ଯେ ଆଗରୁ ଏହାର ଆସୁ ସମାଧାନ ଦିଗରେ କାର୍ଯ୍ୟ କରିଥିଲେ ହୁଏତ ଆଜି ଏହି ସମୟ ଦେଖିବାକୁ ପଡି ନଥା''। । କି'ୁ ସେମାନଙ୍କ ଅଜ୍ଞାନ ନିର୍ବୋଧତା କାରଣରୁ ଏମିତି ଏକ ସାଙ୍ଘାତିକ ଅଘଟଣକୁ ସେମାନେ ସହଯ୍ୟ କରି ପାରୁନଥିଲେ ମଧ୍ୟ କୌଣସି ଉପାୟ ନପାଇ ପୁଣି ସମୟକୁ ଅପେକ୍ଷା କରି ରହିଲେ ଯେ ନୂତନ ପ୍ରଧାନ ଶିକ୍ଷକଙ୍କୁ ପୁନର୍ବାର କେତେଦିନ ଲାଗିବ ବିଦ୍ୟାଳୟଟିକୁ ସୁଧାରିବା ପାଇଁ ସେତେଦିନ ପର୍ଯ୍ୟ' ଅପେକ୍ଷା କରିବା ଛଡା ଆଉ କିଛି ଉପାୟ ନଥିଲା ସେମାନଙ୍କ ପାଖରେ । ତାହା ପୁଣି ସମ୍ଭବ ହେବ କି ନାହିଁ ସମୟ କହିବ । ଏଠାରୁ ଆମେ ଯାହା ଶିଖିଲେ ସେଗୁଡିକ କାର୍ଯ୍ୟରେ ନଲଗାଇଲେ ଯେ ଆମ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ଏହିଭଳି ଅନୁଶୋଚନାରେ ରହିବା ଛଡା ଆଗକୁ କ'ଣ, ଯେ କହି ହେବ ନାହିଁ କି ଜାଣି ହେବ ନାହିଁ । ଦେଶର ପ୍ରତ୍ୟେକ ସ୍ଥାନରେ ପଦସ୍ଥ / ପ୍ରବିଷ୍ଟ ପ୍ରଧାନ ମାନଙ୍କ ପ୍ରତି ସମାନ ସତର୍କତା ଅବଲମ୍ବନ କରାନଗଲେ ଯେ ଏହିଭଳି ଦୁର୍ଯୋଗର ସମ୍ମୁଖୀନ କରିବାକୁ ହେବ ସମସ୍ତଙ୍କୁ ସେଇଥିରେ କୌଣସି ସନ୍ଦେହ ନାହିଁ । ତେଣୁ ରାଷ୍ଟ୍ରୀୟ ନାଗରିକ ସମୂହ ଆଜିଠାରୁ ହିଁ ସତର୍କିତ ରହିବା ଏକା' କାମ୍ୟ । ଗ୍ରହଣୀୟତା ନିର୍ଭର କରୁଛି ସମସ୍ତ ନାଗରିକଙ୍କ ବିଶ୍ଳେଷଣାତ୍ମକ ଜ୍ଞାନ ଉପରେ....

+ ଛତ୍ରପୁର,
ଗଂଜାମ- ୭୬୧୦୨୦
(ମୋ).: ୯୪୩୭୩୨୪୯୧୭






## ଏହି ଅଳି ଶ୍ରୀଛାମୁରେ...

### ରାମଚନ୍ଦ୍ର ବେହେରା

ବ୍ରହ୍ମାଣ୍ଡରେ ତୁମ ଆଧିପତ୍ୟ ପ୍ରଭୁ
ନୀଳ ମାଧବ ମୁରାରୀ
ତବ ଶ୍ରୀମୁଖର ଦରଶନ ପାଇଁ
ମନ ହୁଏ ବ୍ୟଗ୍ର ଭାରି।
ତୁମରି ଚିନ୍ତନେ ତୁମରି ସ୍ମରଣେ
ତୁମ ନାମାମୃତ ନେଇ
ଧନ୍ୟ ହେଇଯାଉ ଏ ଛାର ଜୀବନ
ତୁମ ନାମ ତୁଣ୍ଡେ ଗାଇ।
ଭଲ ମନ୍ଦ ସବୁ ତୁମରି ସର୍ଜନା
ମଣିଷ ନିମିତ୍ତ ମାତ୍ର
ତୁମ ଇସାରାରେ ଦିନ ଢଳିଯାଏ
ଜଗତେ ଆସଇ ରାତ୍ର।
ଡାକୁଛି ଡାକିବି ତୋତେରେ
କାଳିଆ
ସମୟ ଯାଉଛି ବହି
କେଉଁଦିନ କୁହ ତୁମ ଆଖି ସହ
ମୋ ଆଖି ମିଶିବ ଯାଇଁ।
ବାଟ ଅବାଟ ମୁଁ ଜାଣିନି କାଳିଆ
ଚାଲୁଛି ଜୀବନେ ନିତି
ଚାଲୁଥିବି ଏହି ପରିରେ କାଳିଆ
ନଦେବୁ ପରାଣେ ଭୀତି।
ତୁମ ଶ୍ରୀଅଂଗର ଶ୍ରୀଚନ୍ଦନ ବାସ
ପରାଣେ ଦିଏ ପୁଲକ
କୋଟି ସୂର୍ଯ୍ୟ ସମ ତୁମ ଚକାଆଖି
ଦିଅଇ ଆଶା ଆଲୋକ।
କିଦେଇ ପୂଜିବି ସବୁତ ତୁମର
ଏଇ ଧର୍ମ ଦୁନିଆଁରେ
ଆତୁରେ ଡାକିଲେ
ମୋତେ ଦେଖା ଦେବୁ
ଏହି ଅଳି ଶ୍ରୀଛାମୁରେ।

+ ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମତେ ଭଲଲାଗେ

### ସୁନନ୍ଦା ମହାନ୍ତି



ମତେ ଭଲ ଲାଗେ
ମୋ ରାଜ୍ୟ ଓଡିଶା
ଆଉ ତାର ମିଠା ଭାଷା
ମତେ ଭଲ ଲାଗେ ମାଟିମାଆ ନଈ
ଆକାଶ
ଗୁରେଇ ଫୁଲର ଖୋସା
ମତେ ଭଲ ଲାଗେ
ମାଆର ଓଢଣୀ ମଥାର
ପୁରଣ କରେ ମୋ ଆଶା
ମତେ ଭଲଲାଗେ ମାଗୁଣି ଶଗଡି
ଆକାଶ ଗୁଡ଼ି
ମୋ ଗାଁ ଭାଇ ଚଷା
ମତେ ଭଲଲାଗେ
ମୋ ଗାଁରେ ଗଛ ଲଗାଇ
ମାଆ ମାଟିର ଫୁଲ ଫଳ ବେଉଷା
ମତେ ଭଲଲାଗେ ପୁନେଇ ପରବ
ରଜଦୋଳି ଖୁଦୁରୁକୁଣୀ ଓଷା
ମତେ ଭଲଲାଗେ ଗଛର ଫଳ
ନଈର କୂଳ
ଆମ୍ବ ବଉଳ ବୋଉ ହାତ ପରଷା
ମତେ ଭଲଲାଗେ ବୁଢ଼ୀମାଆ କୋଳ
ଗପଗୀତ
ଡ଼ାଲମା ସାଙ୍ଗକୁ ଚୂଡ଼ାଘଷା
ମତେ ଭଲଲାଗେ ଛଅ ଋତୁ
କୋଇଲିର ମିଠା କୁହୁ
ଓଡିଶା ରାଇଜ ଓଡ଼ିଆ ଭାଷା
ଭଲଲାଗେ ପରିବାର
ସ୍ନେହ ଶ୍ରଦ୍ଧା ମମତା
ଛାଡି ସର୍ବେ ରାଗରୁଷା
ଭଲଲାଗେ ତାରା ଭରା
ଆକାଶକୁ ରାତିର
ଭଲଲାଗେ ଭାରି ବର୍ଷା
କାଗଜ ଡ଼ଙ୍ଗା ଭସେଇ
ଆ କା ମା ବୈ କହି
ଛାଡି ରାଗ ଦ୍ୱେଷ ଈର୍ଷା
ଭଲମଣିଷ ହେବାକୁ ସକାଳୁ
ସୂର୍ଯ୍ୟଙ୍କୁ ପ୍ରଣାମୀ
କହେ ଏ ସୁନେଲି କଅଁଳ ଉଷା ।

+ ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

## ନୀରବତା ଆଉ ତୁମେ

### ସିଦ୍ଧେଶ୍ୱର ତ୍ରିପାଠୀ

କାହିଁକି କହିବି ଓଠ ଖୋଲି ସଖୀ
ତୁମେ କିବା ଜାଣି ନାହଁ
କେତେ ଭଲପାଏ ତୁମକୁ ସଜନୀ
ଥରେ ଆସି ଦେଖି ଯାଅ ।

ତୁମ ପରିଚୟ ପାଇଲା ପରଠୁ
ଲେଖିଲି ମିଳନ ଗୀତ
କେଇଦିନ ପରେ ଶବ୍ଦ ଯୋଡିବାକୁ
ତୁମେ ବଢାଇଲ ହାତ ।

ଶେଷରେ ତୁମର ପଦିଏ କଥାରେ
ତୁଟାଇଲ ସବୁ ମୋହ
କାହିଁକି କହିବି ଓଠ ଖୋଲି ସଖି
ତୁମେ କିବା ଜାଣିନାହଁ ।

ସେବେଠୁ ଜଳୁଛି ନିତି କୁହୁଳୁଛି
ବିରହ ଶବଦ ଲେଖି
ବତୁରା ଖାତାକୁ ଦେଖିଲେ ଜାଣିବ
କେତେ ଭିଜିଥିଲା ଆଖି ।

ଏବେବି ଆଖିରେ ନାଚି ଯାଏ ଧନ
ତୁମର ସେ ଗୋରା ମୁହଁ
କାହିଁକି କହିବି ଓଠ ଖୋଲି ସଖି
ତୁମେ କିବା ଜାଣି ନାହଁ । ■■

## ବାଟ

### ଅଧ୍ୟାପକ ଶରତ କୁମାର ଦାସ



ଏଇ ବାଟ ଲମ୍ବିଛି ଯେ ଲମ୍ବିଛି
କାହିଁ କେତେଦୂର କୋଉ ଅନାଦି କାଳରୁ
ପୋଷପୋଷ ରକ୍ତ ତା' ଦେହରୁ ନିଗାଡ଼ି
ଅଜଗର ସାପପରି ଖରାପିଠିଆ ହୋଇ
ନିଃଶବ୍ଦରେ ।

ଏଇ ବାଟ କେବେ ଗୋଠଛଡ଼ା
ଗୋରୁପଲଙ୍କର
ଭାବନାବର ପୁଣ୍ୟକ୍ଷେତ୍ର ତ
ଆଉ କେବେ ପୁଣି ସମ୍ଭୋଗ ଓ ସନ୍ନ୍ୟାସର
ବିସ୍ମୟ ଓ ବୈଚିତ୍ର୍ୟ ସମ୍ଭାର ।

ଏଇ ବାଟ ଛୁଇଁଛି ରାଜଦ୍ୱାର ପୁଣି ସ୍ୱର୍ଗଦ୍ୱାର
ଇଏ କେତେବେଳେ ଯୋଗୀର ତ ପୁଣି
କେତେବେଳେ ଭୋଗୀର
କେତେବେଳେ ଶବର ପୁଣି କେତେବେଳେ
ଶିବର ।

ସଭିଙ୍କୁ ଚିହ୍ନେଇଦିଏ ସେ ଆଖିମେଲା କରି
ଦୃଶ୍ୟ-ଅଦୃଶ୍ୟର ମନଲୋଭା ଚିତ୍ରପଟ,
ବୁଝାଇଦିଏ ନିର୍ଜନ ଲଗ୍ନରେ
ସୁଗୁଣ ଓ ନିର୍ଗୁଣର ଗୂଢ଼ ତାତ୍ପର୍ଯ୍ୟ ।

ଏଇ ବାଟ ବେଳେବେଳେ ଚିତ୍କାର କରେ
ନିଶାର୍ଦ୍ଧରେ ତା' ଏକଲାପଣ ପାଇଁ ,
ଅସହାୟ ହୋଇପଡେ ସେ ନିଜ
ଅଜାଣତରେ
କୋଳାହାଳ ଯେତେ ଫିକା ପଡ଼ିଯାଏ
ତା' ଅନ୍ୟମନସ୍କତାର ଖିଆଲିପଣରେ,
ଅଶରୀରୀମାନେ ଉଦଣ୍ଡ ନୃତ୍ୟ କରୁଥାନ୍ତି
ଠୋ'ଠୋ' ହସି ତା' ଶୃଙ୍ଖଳା ଛାତିରେ ।

ବାଟ ତ ଖୁବ୍ ଦୀର୍ଘ, ପରିବ୍ୟାପ୍ତ ଯୋଜନ
ଯୋଜନ
ହେଲେ ଯାତ୍ରା କେବେ କ'ଣ କାହାର ସରେ
କି ?
କେହି କ'ଣ ଦୂରେଇଯାଆନ୍ତି ତା' ଠାରୁ
କେବେ ?
ନା ଠକିଦେଇ ପାରନ୍ତି କି କେହି ?

ଏଇ ବାଟ ପତେଇ ଦିଏ ତା' ମୁକୁଳା ଛାତି
ବାହାରି ଆସେ କଳିଜା ରକ୍ତମାଂସର ଖୋଲପା
ଚିରି
ତଥାପି ସେ ସ୍ଥିର, ମୌନ, ଅଟଳ,
ଅଚଳ ପୁଣି ସ୍ଥିତପ୍ରଜ୍ଞ
କହିପାରେନି ତା' ବୁକୁ ଫଟା କୋହର ଅବ୍ୟକ୍ତ
କାହାଣୀ
ସହିଯାଏ ସବୁ ନୀରବରେ ଫୁଙ୍ଗୁଳା
ପାହାଡ ପରି ।

ଅଥଚ ଜମା ଦୁର୍ବଳ ନୁହେଁ ସେ
ଖୁବ୍ ଶକ୍ତିଶାଳୀ, ନିର୍ଭୀକ ପୁଣି ଧୈର୍ଯ୍ୟଶୀଳ
ହାତ ଠରି ବତେଇଦିଏ ହଜିଲା ଠିକଣା
ଚେତେଇଦିଏ ମଣିଷକୁ ତା'ର
ନିର୍ବୋଧପଣିଆ
ହସିଦେଇ ଫିକ୍ କରି ସମସ୍ତଙ୍କ ଆଢୁଆଳେ ।

ଏଇ ବାଟ ନିରାସକ୍ତ, ନିୟତିର ଶ୍ରେଷ୍ଠ
ନିର୍ଦ୍ଦେଶକ
ପୁବିଶ୍ୱାସର ଆଦିଗ୍ରନ୍ଥ,
ସହନଶୀଳତାର ସବୁଜ ସ୍ୱାକ୍ଷର
ପୁଣି ସିକ୍ତ ଆତ୍ମୀୟତାର ବଟବୃକ୍ଷ।

ମାଟିର ମଲାଟରେ ଲେଖିପାରେ
ମୃତ୍ୟୁଞ୍ଜୟୀ ମନ୍ତ୍ର
ଚୂରମାର ବି କରିପାରେ ଅହଙ୍କାରର କୁତ୍ସିତ
ସ୍ୱରୂପ ।
ସତରେ ବଡ଼ ବିଚିତ୍ର ଏ ବାଟ
ଯୋଉଠି ଆରମ୍ଭ ତା'ର ପୁଣି ସେଇଠି ହିଁ
ଶେଷ ।


♥ରାଜନୀତି ବିଜ୍ଞାନ ବିଭାଗ,
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା- କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ମୁଁ

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



ବିନ୍ଦୁଟିରେ ସିନ୍ଧୁଟିଏ ମୁଁ
ସିନ୍ଧୁରେ ବିନ୍ଦୁଟିଏ ବି
ସଂକଳ୍ପର ପ୍ରତିବିନ୍ଦୁ ମହାନାୟକର
ତୃପ୍ତି ଓ ତୃଷାର ମାଟି ଖଣ୍ଡେ ଖାଲି ।

ଯିବା-ଆସିବାର... ସ୍ମୃତି- ବିସ୍ମୃତିର
ଅନ୍ୱେଷଣାର ଅଭିଯାତ୍ରୀ ମୁଁ ।
ଅନୁସନ୍ଧିସାର...
ଅମୀମାଂସାର...
ବିଶ୍ୱାସ-ଅବିଶ୍ୱାସ, ପୁଣି-
ଭରସା ଓ ଅସହାୟତା !
ପୂର୍ବରୁ ପରଯାଏ ପ୍ରଲମ୍ବିତ
ଏକ ଅବଳିତ ଅସମାପ୍ତି ମୁଁ ।

ତଥାପି ମୁଁ ପ୍ରାଣପକ୍ଷୀ
ଏ ଦେହ ଧରିଚି
ଉଡ଼ି ଉଡ଼ି ଥମକି ଯାଉନି, କି-
ଥକି ବି ଯାଉନି
କଳ୍ପରୁ କଳ୍ପାନ୍ତର !

ଅନାଗତ ସଂଧାନୀର ରୂପ ବି ଗଢ଼ଚି...
ନାଶବାନ୍ ଜାଣି ମଧ

ବିନାଶର ତୂଳୀ ରଙ୍ଗେ ଭ୍ରୁଣ ଚିଆଁଉଚି !
ଅକଳିତ ପ୍ରେମ...
ମୋ ଭିତରୁ ତୋଳୁଛି ମୂର୍ଚ୍ଛନା
ଅହଂକାର ପରିଣାମ
ଝାରୁଚି ଯନ୍ତ୍ରଣା ।

ମୁଁ ଏକ ସମନ୍ୱୟ-
କର୍ତ୍ତବ୍ୟ, ନିକର୍ତ୍ତବୀ, ଭାରବାହୀ
ସର୍ବନାମ ଖାଲି !
ମହାକାଳ ଅସୀମିତ ନିଗ୍ନ ସଂଦୀପନ !
ଏ ମୁଁଟି ସେ ମୁଁର ପ୍ରଲୀନ ଗୁଞ୍ଜନ !!


♥ସାହିତ୍ୟ ସାରାକାଳ
ବ୍ରହ୍ମନିଳୟ, ନିତ୍ୟନିଳୟ'
ଦେଉଳସାହି,
ମୋ: ଓଳାଭର, କେନ୍ଦ୍ରାପଡ଼ା-୭୫୪୨୨୭
ମୋ:୭୨୦୫୩୩୦୫୬୭/
୬୩୭୧୭୮୯୮୭୧




## ଫ୍ୟାନ

### ରତ୍ନାକର ରାଉତ



ଫ୍ୟାନ୍ ଅର୍ଥ ସବୁବେଳେ ପଂଖା ନୁହେଁ
ଯିଏ ଗରମରୁ ରକ୍ଷା କରେ, ଆରାମ ଦିଏ
ପବନର କୋମଳ ପରଶରେ
ପଖାଳି ଦିଏ ଦେହ
ଫ୍ୟାନ୍ ଅର୍ଥ ମଧ୍ୟ ଦୃଢ଼ ସମର୍ଥକ,
ମୁଗ୍ଧ ପ୍ରଶଂସକ
ବିଖ୍ୟାତ ଅସାଧାରଣ ବ୍ୟକ୍ତି ଓ ତାରକାଂକର
ତାଂକ ପାଇଁ ଫ୍ୟାନ୍ ମାନେ ପାଗଳ
ନିଦ ନ ଥାଏ ସେମାନଂକ ଆଖିରେ
ସେହି ତାରକାଂକ ହିତରେ ଓ ଚିନ୍ତାରେ
ଫ୍ୟାନ୍‌ମାନଂକ ପାଇଁ ସେମାନେ ସ୍ୱପ୍ନର
ନାୟକ ନାୟିକା
ସେମାନଂକ ପାଇଁ କଣ ନ କରନ୍ତି
ଫ୍ୟାନ୍ ମାନେ ?
ଦିଅଁ ଦେବତାଂକ ପାଖରେ
ଦୀପ ଜାଳି ଶୁଭ ମନାସନ୍ତି
ଜୀବନକୁ ବାଜି ଲଗେଇ
ତାଂକ ପାଇଁ ଲଢ଼ନ୍ତି
ତାଂକ ନିନ୍ଦା ଅପବାଦ ସହି ନ ପାରି
ଅନ୍ୟ ସହିତ କଳି ଝଗଡ଼ା କରନ୍ତି
କେବେ କେବେ ଜୀବନ ମଧ୍ୟ ହାରନ୍ତି
ସାମାନ୍ୟ ଟିକିଏ ତାଂକ ଦର୍ଶନ ପାଇବାକୁ
ଦିନଦିନ ସୁଯୋଗକୁ ଅପେକ୍ଷା କରି ରହନ୍ତି
ଶହ ଶହ ମାଇଲ ଅତିକ୍ରମ କରି ଯାଇ
ସେମାନଂକ ପାଖରେ ପହଂଚନ୍ତି
ପରିଶେଷରେ
ଏହି ଫ୍ୟାନ୍‌ମାନେ ପାଆନ୍ତି କଣ ?
ଯାହାର ଯେତେ ଫ୍ୟାନ୍
ସେ ସେତେ ବଡ଼ ତାରକା, ତାର ସେତେ
ବେଶୀ ଭାଉ, ଖାତିର
ତାଂକୁ ସେଲିବ୍ରିଟି ମର୍ଯ୍ୟାଦା ମିଳେ
ଫ୍ୟାନ ମାନଂକ ପାଇଁ
ଏହାକୁ ଆଧାର କରି ସେମାନେ ସଫଳତାର
ପାହୁଚ ପରେ ପାହୁଚ ଚଢ଼ନ୍ତି
ଲୋକପ୍ରିୟତାର ଶୀର୍ଷରେ ପହଂଚନ୍ତି
ତାଂକ ପରିସ୍ରାରେ
ସେତେବେଳେ ଦୀପ ଜଳେ
ମାଟି ମୁଠେଇଲେ ମାଟି ସୁନା ପାଲଟି ଯାଏ
ମେସିନ୍ ପରି ସେମାନେ ଘଣ୍ଟା ହିସାବରେ
ଅର୍ଥ ରୋଜଗାର କରନ୍ତି,
ଅର୍ଥର ସ୍ରୋତ ବହେ
ଅମାପ ଅର୍ଥରେ ଅକୁହା ଅୟସ କରନ୍ତି
ଅଶୁଣା ଅଦେଖା ଖେଳ ଖେଳନ୍ତି
ସେମାନଂକ ପ୍ରତିପ୍ରତ୍ତି,
କ୍ଷମତା ଓ ପ୍ରଭୁତ୍ୱ ବଢ଼େ
କିଛି ନ ବୁଝି ନ ବିଚାରି ଫ୍ୟାନ୍ ମାନେ
ମିଥ୍ୟା ଆସକ୍ତିରେ ଅଂଧ ହୋଇ
ନିଜକୁ ପସୋରି
ତାଂକ ପ୍ରଶଂସାରେ ମାତିଥାନ୍ତି
ମାତ୍ର କେଉଁ ସେଲିବ୍ରିଟି କେବେ ବୁଝେନି
ତାଂକ ଅନ୍ଧ ସମର୍ଥକଟି କେମିତି ଅଛି
ତା ପରିବାର କେମିତି ଚଳୁଛି
ତା ପାଖରେ କିଛି ରୋଜଗାର ଅଛିକି ନାହିଁ
ତାର ଆର୍ଥିକ ଅବସ୍ଥା କଣ
ଏସବୁ ଭାବିବାକୁ ବେଳ ନ ଥାଏ
ତଥାକଥିତ ତାରକା ମାନଂକର
ସେମାନେ ସବୁବେଳେ ତାଂକ ସ୍ୱପ୍ନର
ଦୁନିଆରେ ମଜଗୁଲ ଥାଆନ୍ତି
ତାଂକ ପିଲା କେ.ଜି.ରେ ପଢ଼ିବାକୁ
ଖର୍ଚ୍ଚ ହୁଏ ବାର୍ଷିକ ପନ୍ଦର ଲକ୍ଷ ଟଂକା
ଯାହାକି ଭାରତର ଶହେ ଚାଳିଶ କୋଟି
ଲୋକଂକ ପାଇଁ ଦିବାସ୍ୱପ୍ନ
ଦିନ ରାତି ଖୋଜି ଖୋଜି ତାଂକ ରିଲ୍
ଦେଖୁଥିବା ଯୁବକ ଯୁବତୀ
ନିତିପ୍ରତି ଚଳନ୍ତି ବାପ ମାଆଂକ ରୋଜଗାର
ଅବା ଭତ୍ତା ଭାତିଆ ଅନୁଦାନରେ
ଦେଖିବାକୁ ମିଳେ କୋଡ଼ିଏ ଟଂକା ମୂଲ୍ୟର
ଖାତାଟେ କିଣିବାକୁ ନ ପାଇ ନବମ ଶ୍ରେଣୀର
ଝିଅଟିଏ ଜୀବନ ହାରିଦିଏ ଅନ୍ୟ କେଉଁଠି ଏ
ଦେଶରେ ଗଭୀର ଅସହାୟତାରେ
ଭାତ ହାଣ୍ଡିରୁ ଗୋଟିଏ ଚିପିଲେ
ଯେମିତି ଜଣାପଡ଼େ ଭାତର ଅବସ୍ଥା
ସେମିତି ଆଉ ଅଧିକ କିଛି
ସେମାନଂକ ବାବଦରେ କହିବା କଣ
ଲୋଡ଼ା ।


♥ଭୁବନେଶ୍ୱର


## ଉତୁରା ପେଜ

### ଐଶ୍ୱର୍ଯ୍ୟା ପ୍ରଧାନ



ତା'ର ନୁଖୁରା ବାଳ ପବନରେ ଉଡୁଛି
ଇଆଡ଼େ ସେଆଡେ
ଖରା ଖାଇ ଖାଇ ଦେହର ରଙ୍ଗ ବି କଳା
ଚିରା ଶାଢ଼ୀ,ଚପଲ ନାହିଁ ପାଦରେ
କେତେ କଣ୍ଟା ଫୁଟି ରକତ
ଶୁଖିଛି ଠାଏ ଠାଏ
ସେଥି ପ୍ରତି ତିଳେ ବି ଭୃକ୍ଷେପ ନାହିଁ
ସେ ସଜାଡୁ ନାହିଁ ତା ଅଳରା କେଶକୁ
ପୋଛୁନି ନିଥିରି ଯାଉଥିବା ରକତକୁ
ଲାଗୁଛି ସିଏ ପାଗଳି ଟା !!
ସେ ନିଘା ରଖୁନି କିଏ କ'ଣ କରୁଛି
କାହା କାହା ତୀକ୍ଷ୍ଣ ନଜର କେବଳ ତା
ମାଂସାଳ ଛାତିରେ ଅଟକି ଯାଇଛି
ଆଉ କିଏ ପାଦରୁ ମୁଣ୍ଡ ଯାଏ ନିରେଖି ଚାହୁଁଚି
ସେ କିନ୍ତୁ ନିର୍ବିକାର ଆଗେଇ ଚାଲିଛି ଯେ
ଚାଲିଛି
କେଉଁଠି ବି ଅଟକୁ ନାହିଁ
ତା ଖଣ୍ଡିଆ ଖାବରା ପାଦ ଯୋଡ଼ିକ !!
ପୁଣି କିଏ ସହାନୁଭୂତି ପଦେ କହୁଛି
ଆହାଃ ବିଚାରି ପାଗଳି ଟା
ଭଲ ଘର ପରି ଦିଶୁଛି ତ
ଆରେ .......
ପାଗଳିର ଭଲ କ'ଣ ମନ୍ଦ କ'ଣ
ସିଏ ତ ଉତୁରି ଯାଇଥିବା ପେଜ
ନିଆଁ ବାଜି ବାଜି ଭାତ ହାଣ୍ଡିରେ ସୁଖି
ଯାଇଛି
ହଜେଇ ସାରିଛି ତା'ର ଅସ୍ତିତ୍ୱ
ତାକୁ କ'ଣ ସାଉଁଟି ପୁଣି ସେ ହାଣ୍ଡିରେ
ମିଶେଇ ହେବ ?


♥ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା କଳାହାଣ୍ଡି
ମୋ- ୭୦୦୮୯୩୧୫୯୯


## ଇତିଦିଦିଙ୍କ ଶେଷକୃତି

### ଲକ୍ଷ୍ମୀପ୍ରିୟା ମାଇତି



ତମର ଗୋଟିଏ ସମାଲୋଚନାରେ
ସମାଧି ନେଇଗଲେ
ମୋର କୋଟି କୋଟି କବିତା
ତମେ ଜିତି ଗଲ ତମ ଖେଳରେ...
ତମ ରାଗରେ ... ତମ ଅଭିମାନରେ...
ତମ ବୁଦ୍ଧିମାନପଣିଆରେ
ତମେ ପଶାପାଲିଆ ହୁଅ... ସତରଞ୍ଜିଆ ହୁଅ
ମାଙ୍କଡ଼ ନାଚୁଆ ହୁଅ...
କିମ୍ବା କଣ୍ଢେଇ ନାଚୁଆ।
କିନ୍ତୁ ତମ ଷଡ଼ଯନ୍ତ୍ରର ଚକ୍ରବ୍ୟୁହରେ
ଆହତ ଅଭିମନ୍ୟୁ ପରି
କ୍ଷତ ବିକ୍ଷତ ହେଲେ ମୋର ଶବ୍ଦମାନେ
ରକ୍ତାକ୍ତ ହେଲେ ତମ କଟାକ୍ଷରେ
ମୋ ଲୁକାୟିତ ଭାବନାମାନେ
ପାଣି ବିନା ତଣ୍ଟି ଶୁଖେଇ ମରିଗଲେ
ମୋର ଛୋଟମୋଟ ସ୍ୱପ୍ନମାନେ।
ଏବେ ଜହ୍ନକୁ ଦେଖିଲେ ଯନ୍ତ୍ରଣା ଲାଗେ
କଇଁକୁ ଚାହିଁଲେ କାନ୍ଦ ଲାଗେ
ଆଉ ଫୁଲକୁ ଲୋଭ ନାହିଁ...
କି ଫଗୁଣକୁ ଲୋଭ ନାହିଁ
ନା ଲୁହ ଢାଳିବାକୁ ଇଚ୍ଛା ଅଛି...
ନା ଖୁସି ପାଇବାକୁ ନିଶା ଅଛି
ଏବେ ବୈଶାଖ ଝାଞ୍ଜି ବି ଭଲ
ମାଘର ବାଘ ଶୀତ ବି ଭଲ।
ତମେ ଚାହିଁଲେ ପରିଦର୍ଶନ କରିପାର
ମୋ ଅଗଣାରେ ନାହିଁ ଆଉ କଦମ୍ବ
ନାହିଁ କୃଷ୍ଣଚୁଡା,
ନାହିଁ ମୟୁରମୟୂରୀର କେଳୀ
ଏବେ ଖାଲି ବାଉଁଶ, କାକଟସ, ପଳାସ
ଯୋଉଠି ନାହିଁ ହସ, ନାହିଁ ବାସ
ତମେ ଅନୁଭବ କରିପାର
ମୋ ଅନ୍ତରୁ ଏନ୍ତୁଡ଼ି ଯାଏଁ
ମୁଁ ଯୁବା କେମିତି ଅକାଳେ କେମିତି ପାଲଟି
ଯାଇଛି ବୃଦ୍ଧା
ତମର ଗୋଟିଏ ଚୀଆଁରେ
କେମିତି ଉତୁରି ପଡିଛି ମୋ ସମଗ୍ର
ପୃଥିବୀର ଛାଲ
ଯୋଉଠି ମୁଁ ଅଛି... ଆଉ ମୋ ପ୍ରାଣ ନାହିଁ
କବି ନାହିଁ... କି ମୋ କବିତ୍ୱ ନାହିଁ
ପାଠକ ନାହିଁ କି... ପାଠିକା ନାହିଁ
ସବୁ ଇତି... ମୋ କୃତି।


♥ସମ୍ପାଦିକା - ଅନ୍ତରୀକ୍ଷ
ମୋ - ୯୪୩୯୫୩୭୫୯୨


## ସକାଳେ କେବେ କେବେ

### ଗଜାନନ ମିଶ୍ର

ଗୋଟେ ଦିଟା ତାରା
ସକାଳେ କେବେ କେବେ
ଥାଆନ୍ତି ଅପେକ୍ଷାରେ ମତେ।
ଗୋଟେ ଦିଟା ଫୁଲ
ହସୁଥାଆନ୍ତି ଖିଲି ଖିଲି।

କେବେ କେବେ
କଜଳପାତି କୋଇଲି
ଝାଡୁଥାଆନ୍ତି ଡେଣା
ବଉଳଡାଳରେ।

ମୁଁ ମୋର ସକାଳ ଶବ୍ଦ ଛାଡି
କେବେ କେବେ ସକାଳେ
ଉଠି ଦେଖେଁ ଆଉ ବାହାରିପଡେଁ
ତନଖି ଦେଖିବାକୁ ବିଲବଣ
ନଈ ପୋଖରୀ ଡେଇଁ
ଦୂର ପଡିଆ ଆଉ ହୃଦୟ ଭିତର।

ଗୋଟେ ଦିଟା ବୁଲାକୁକୁର
ସକାଳେ କେବେ କେବେ
ହଲାଉଥାନ୍ତି ଲାଂଜ
ପଛପଟର ଫାଟକ ପାଖରେ।
ଆଉ କେବେ କେବେ
ମୋ ଭାବିବାରେ ହୁଏ ବାଧା
ନିକଟେଇ ଆସୁଥାଏ ଯେବେ
ପହିଲି କାକର ହାଓ୍ୱା।


♥ତପୋବନ, ଟିଟିଲାଗଡ-
୭୬୭୦୩୩


## ଯେଉଁଠାରେ ଥାଅ ଭଲରେ ଥାଅ

### ନୀଳମଣି ଚାନ୍ଦ



ଯେଉଁଠାରେ ଥାଅ ଭଲରେ ଥାଅ ଗୋ
ଏତିକି ସଦା ମୁଁ ଚାହେଁ
ପ୍ରିୟତମା ହୋଇ ରହିଥିବ ମୋର
ମୁଁ ବଞ୍ଚିଥିବା ଯାଏଁ।

ଏଇଠି ମୁଁ ଜଳେ ନିଦାଘ ଋତୁର
ଖରାବେଳଟାଏ ପରି

ଭାବନାରେ ଆସି ଝିଙ୍କାରୀ ସୁରେ
ଦେବ ମିଠାପଣ ଭରି।

ଯଦି ବିରହଟି ଘୂରେଇବ ମୋତେ
ଖଣ୍ଡିଆଭୁତଟି ହୋଇ

ତୁମେ ଆସିଗଲେ ଥମିଯିବ ସିଏ
ଆଉ ଯେ ଉଠିବ ନାଇଁ।

ତୁମର ସେ କୃଷ୍ଣଚୂଡ଼ା ପୁଷ୍ପ ହସ
ମନରୁ ଯାଇନି ଭୁଲି
ଏବେବି ସ୍ମୃତିରେ ସିଏରେ ସଜଳ
ମନେ ପଡ଼ିଯାଏ ଖାଲି।

ପ୍ରିୟତମା ମୋ'ର ଆସି ଥରେ କୁହ
ଏବେ ବି ତୁମେ ଯେ ମୋର
ପାରିବେନି କେହି ତୁମ ପ୍ରୀତି ଫାଶୁ
କେହି ମୋତେ କରି ଦୂର।


♥ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ସାମ୍ପ୍ରତିକ ଶକ୍ତି

### ପ୍ରତିମା ପଣ୍ଡା



ସାମ୍ପ୍ରତିକ ଶକ୍ତି ଦିଶୁନାହିଁ ଆଜି
ନାହାନ୍ତି ଯେ ମହାତ୍ମାଗାନ୍ଧୀ
ଯୌତୁକ ଆଇନ୍‌ର ଦୁରୁପଯୋଗ
ପିତା ମାତା ହୁଅନ୍ତି କାନ୍ଦି !

ପ୍ରେମିକାକୁ ମାରି ଛଖଣ୍ଡ କଲେଣି
ପ୍ରେମିକର ନୃସଂଶ କାଣ୍ଡ
ସ୍ୱାମୀକୁ ମାରି ସ୍ତ୍ରୀ ପ୍ରେମିକ ସାଙ୍ଗେ
ଦୁଲୁକୁଛି ଆଜି ଗାଁ ଦାଣ୍ଡ
ବାପାମାଆ ଆଉ ଶାଶୁ ଶ୍ୱଶୁର ଯେ
ସମୟ କାଟନ୍ତି ବୃଦ୍ଧାଶ୍ରମରେ
ପୁଅ ବୋହୂ ଆଉ ଝିଅଜ୍ୱାଁଇ
ଚାକିରୀ କରନ୍ତି ଲଣ୍ଡନରେ
ହତ୍ୟା ଆତ୍ମହତ୍ୟା ଖବର ଦେଖୁଛି
ସମ୍ବାଦ ଆଉ ସମାଜରେ
ପ୍ରେମ ଆଜି ଏକ ମାରାତ୍ମକ ରୋଗ
ସଭ୍ୟତାକୁ ଗ୍ରାସ କରେ
ସରକାରୀ ବିଦ୍ୟାଳୟେ ଭିଡ ନାହିଁ
ମାଷ୍ଟର ମାଷ୍ଟରାଣୀ ନାହାନ୍ତି
ଇଂରାଜୀ ମିଡିୟମ ସ୍କୁଲରେ ଆଜି
ଧନୀ ଛୁଆ ସବୁ ପଢୁଛନ୍ତି
ବିଲୁପ୍ତ ପ୍ରାୟ ଲୋକ ସଂସ୍କୃତି
କିପରି ସଜାଡ଼ିବା ତାକୁ
ମାଗି ଚାଉମିନ ବିରିୟାନି ଖାଇ
ଭୁଲିଗଲେଣି ପଖାଳକୁ
ଖଳାକୁ ଆସୁନି ଆଉ ଅମ୍ଳାନ
କ୍ଷେତରୁ ଉଠାଏ ମିଲ ମାଲିକ
ମଣ୍ଡି ଖୋଲିବା ରେ ବିଳମ୍ବ ନିଷ୍ପତ୍ତି
ଚାଷୀ ହେଲେ ଦକ ଦକ
ପାଲା ଡାହାଣ ଆଉ ଦାସକାଠିଆ
ଆଜି ମଞ୍ଚସ୍ଥ କାହିଁ ହେଉନାହିଁ
ସାମ୍ପ୍ରତିକ ସମୟର ଲୋକ ସଂସ୍କୃତି
ଆଜି ବିଲୁପ୍ତ କାହିଁ ପାଇଁ
ସାମ୍ପ୍ରତିକ ଦଙ୍ଗା ନିଇତି ଘଟୁଛି
ହିନ୍ଦୁ ମୁସଲମାନ ପାଇଁ
ସର୍ବଧର୍ମ ସମନ୍ୱୟ କ୍ଷେତ୍ର ଆମଦେଶ
ଏ କଥା ଭୁଲିବା ନାହିଁ
ଆମ ସଂସ୍କୃତିରେ ନାହିଁ ରିଙ୍ଗ ସେରିମନି
ବିଦେଶି ସଭ୍ୟତା ପଡ଼ିଲାଣି
ସୁପ୍ରିମକୋର୍ଟରେ ଆଇନ୍ କରିଲେ
ଲିଭିଙ୍ଗ ରିଲେସନ ପାଇଁ

ଗାନ୍ଧୀ କହିଲେ କାଟି ପିନ୍ଧ କୁଟି ଖାଅ
ଏ କଥା ଆଜି ହଜିଗଲାଣି
ଇଂରାଜୀ ସଭ୍ୟତା ଅତି ମାତ୍ରାରେ
ଆମକୁ ପ୍ରଭାବିତ କରିଲାଣି ।


♥ବାଲେଶ୍ୱର


## ଯେଉଁଠାରେ ଥାଅ ଭଲରେ ଥାଅ

### ଡ. ଶୁଭେନ୍ଦୁ ମେହେର



ଥର ଥର କରି ହଜାର ଥର
ଭାଙ୍ଗିଥିବା ବସା ହିଁ ହୋଇପାରେ
ହଳଦିବସନ୍ତର !
ଅଗମ୍ୟ ରାସ୍ତା ଦେଇ
ଯନ୍ତ୍ରଣାର ସୀମା ସେ' ପାରିରେ
ଶେଷ ବିନ୍ଦୁକୁ ଛୁଇଁଥିବା ଜୀବନର,
ନିରୀହ ନିଥର ଡେଣା ହଳକ
କେବଳ ତା' ଚିର ସହଚର।

ହଳଦିଆ ସୁନାଦେହରେ
ବାସନ୍ତୀ ସନ୍ଧ୍ୟାରେ
ଧମ୍‌ନାଧଡ଼ିଆ ଶାଢ଼ୀ ପିନ୍ଧି
ପ୍ରେମରେ ମଧୁର ସଙ୍ଗୀତ ଗାଏ,
ସେ' ହସିଲେ ଦେବଝରଣ ଝରେ
ଆଉ କାନ୍ଦିଲେ
ଧ୍ୱନିଗୁମ୍ଫାର ପଥର ଉପରେ ବସି
ବିରହୀ ଗଜଲ୍ ଶୁଣାଏ।

ତ୍ରିକୂଟ ଗିରିରୁ ହଳଦିବସନ୍ତ ସୁର ତୋଳିଲେ
ଗର୍ଭିଣୀ ହୁଅନ୍ତି ଗଛ ସବୁ।
ହଳଦୀ ଗୁରୁଗୁରୁ ସାହାଡ଼ା ଫଳ,
ଶଗଡ଼ବାଟୁଆ ଲଟି ବୁରୋ,
କଣ୍ଢେଇ କୋଳି ରଙ୍ଗ ମାଖନ୍ତି।
ଖରା, ବର୍ଷା ଆଉ ଶୀତ
ସହି ପାରେନି ବୋଲି
ଦୁଃଖ ଶୋକ ପାଖରୁ
ଦୂରେଇ ପାରେ, ଜହ୍ନ ଆଲୁଅରେ
ତା' କୁଆଁରୀ ମନ, ରାତି ସହ ରତି କରେ।
କେବେକେବେ
ମାଙ୍କଡ଼ ବୁଲୁଥିବା ଡାଳ ସମୂହରେ
ବସା ବାନ୍ଧିଥିବା ଦୋଷରେ
ଦୋଷୀ ହୋଇଯାଏ,
ଝରାପଡ଼ାର ଖଣ୍ଡିଆ ଦେଉଳ ପରି
ସ୍ୱପ୍ନ ସବୁ ଅଧାରେ ରହିଯାଏ ।

ସେ'ପାଇଁ ତ ବୁଢ଼ା ମାଙ୍କଡ଼ ସବୁ
ସହଜେଇ ନିଅନ୍ତି, ପାଚିଲା ପଣସ ପାଇଁ
ଭଲ୍ଲୁକ ବିଲୁଆ ବାଟ ବଦଳାଇ ଦିଅନ୍ତି ।
ହଳଦିବସନ୍ତ କୁହେନି କିଛି
କେବଳ ଦୁଃଖ ଯନ୍ତ୍ରଣାକୁ ଭୋଗେ
ବାରମ୍ବାର।
ଆଶା ଆଉ ଆକାଂକ୍ଷାର
ଅପର ପାର୍ଶ୍ୱରେ ତା' ବିଚାର,
ଅପେକ୍ଷା କରେ
ଯେ' ପର୍ଯ୍ୟନ୍ତ ନ ଆସିଛି
ତା' ପ୍ରେମର ସହର।


♥ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

# ସେଲ ଆରଏସପିର ଆରଏମଏଚପି ସାମୁଦାୟିକଙ୍କ ଦ୍ୱାରା ଅଗ୍ନି ନିର୍ବାପନ ପମ୍ପ ହାଉସ ପାଇଁ ଅଭିନବ ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ବିକଶିତ




ରାଉରକେଲା, ୨୦/୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମଏଚପି)ର ଉଦ୍ୟୋଗୀ କର୍ମଚାରୀମାନେ ଅଗ୍ନି ନିର୍ବାପନ ପମ୍ପ ହାଉସରେ ଏକ ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ସଫଳତାର ସହ ଡିଜାଇନ୍ ଏବଂ କାର୍ଯ୍ୟକାରୀ କରିଛନ୍ତି। ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଭାର ପରିଚାଳନା କ୍ଷମତା ବହନ କରୁଥିବା ଏହି ଅଭିନବ ସୁବିଧା ପମ୍ପ ହାଉସରେ ମୋଟର ଏବଂ ପମ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ସ୍ଥାନାନ୍ତରକୁ ସରଳ କରିବା ସଙ୍ଗେସଙ୍ଗେ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି।

ଜାନୁଆରୀ ୧୭ ତାରିଖରେ ସିଜିଏମ ଆଇରନ ଶ୍ରୀ ଆତିଶ ଚନ୍ଦ୍ର ସରକାର ଆନୁଷ୍ଠାନିକ ଭାବରେ ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ସୁବିଧାର ଉଦଘାଟନ କରିଥିଲେ। ଏହି ଅବସରରେ ଆରଏମଏଚପି ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଜୟଦୀପ ସେଠି, ଜିଏମ ମେକାନିକାଲ ଶ୍ରୀ ମାଧୋ ବାନ୍ରା, ଜିଏମ ଅପରେସନ ଶ୍ରୀ ବି ପ୍ରଭାକର କ୍ଷେଣ୍ଡେ, ଜିଏମ ଇଲେକ୍ଟ୍ରିକଲ ଶ୍ରୀ ମନୋଜ କୁମାର ଗିରି, ବିଭାଗର ଜିଏମ ଶ୍ରୀ ପ୍ରସନ୍ନ କୁମାର ନାୟକ, ଡ଼ିଜିଏମ ଶ୍ରୀ ପ୍ରସନ୍ନଜିତ୍ ରାୟ, ଏବଂ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ପ୍ରସନଜିତ ରାୟଙ୍କ ନେତୃତ୍ୱରେ ଗଠିତ ଦଳ ଡିଟେଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ବିକଶିତ କରିଛନ୍ତି।

ଉଲ୍ଲେଖନୀୟ ଯେ, ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ସୁନିଶ୍ଚିତ କରିବାରେ ଅଗ୍ନି ନିର୍ବାପକ ପମ୍ପ ହାଉସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ପମ୍ପ ଏବଂ ମୋଟରଗୁଡ଼ିକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ସ୍ଥାପନା ପରଠାରୁ, ସୀମିତ ସ୍ଥାନ ଏବଂ ପମ୍ପ ଉଠାଇବା ପାଇଁ ଅନୁପଯୁକ୍ତ ହୋଷ୍ଟ୍ ସ୍ଥିତି ଯୋଗୁଁ ପମ୍ପ ହାଉସ୍‌ରେ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ଏକ ପ୍ରମୁଖ ଆହ୍ୱାନ ରହିଆସିଥିଲା। ରକ୍ଷଣାବେକ୍ଷଣ କର୍ମଚାରୀମାନେ ପ୍ରାୟତଃ ଭାରୀ ଉପକରଣ ସ୍ଥାନାନ୍ତର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ଯେଉଥିପାଇଁ ବ୍ୟାପକ ମାନବସମ୍ବଳ, ସମୟ ଏବଂ ପ୍ରୟାସ ଆବଶ୍ୟକ ହେଉଥିଲା। ଏହା ବ୍ୟତୀତ, ସଂକୀର୍ଣ୍ଣ ସ୍ଥାନରେ ଏପରି ଉପକରଣଗୁଡ଼ିକୁ ପରିଚାଳନା କରିବାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦୁର୍ଘଟଣାର ଆଶଙ୍କା ମଧ୍ୟ ସୃଷ୍ଟି କରୁଥିଲା। ହୋଷ୍ଟ୍ ସର୍ବନିମ୍ନ ମାନବସମ୍ବଳ ସହିତ ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକର ଦକ୍ଷ ଏବଂ ସୁରକ୍ଷିତ ସ୍ଥାନାନ୍ତରଣକୁ ସକ୍ଷମ କରୁଛି। କେବଳ ଦୁଇଜଣ ବ୍ୟକ୍ତି ବର୍ତ୍ତମାନ କମ୍ ସମୟରେ କାର୍ଯ୍ୟ ସମାପ୍ତ କରିପାରିବେ, ଯାହା ପ୍ରୟାସ ଏବଂ ସମୟକୁ ଯଥେଷ୍ଟ ହ୍ରାସ କରିଛି । ହୋଷ୍ଟ୍ ର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ପୃଥକୀକରଣ, ୧୦ ମିନିଟ୍ ମଧ୍ୟରେ ଶୀଘ୍ର ନିଷ୍କାସନ କରିହୁଏ ଏବଂ ଏହାକୁ ପୋର୍ଟେବଲ୍ ଭାବରେ ଅନ୍ୟ ସ୍ଥାନରେ ଉପଯୋଗ ନିମନ୍ତେ ସ୍ଥାନାନ୍ତର ମଧ୍ୟ କରିହେବ।

ଏହି ଅନନ୍ୟ କୌଶଳ, ଆରଏସପିରେ ପୁରୁଣା ପମ୍ପ ହାଉସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ ଯାହା ମଧ୍ୟରୁ ଅନେକ ୨୦ ବର୍ଷରୁ ଅଧିକ ସମୟ ପୂର୍ବେ ସ୍ଥାପନା ହୋଇଥିଲେ। ଏହି ନବସୃଜନ ସାମଗ୍ରୀ ପରିଚାଳନାର ପାରମ୍ପରିକ ସମସ୍ୟାକୁ ଦୂର କରିବ ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବ।

# ଲକ୍ଷ୍ମୀ ଡୁଙ୍ଗୁରୀରେ ଇତିହାସ ଭିତ୍ତିକ ପ୍ରକୃତି ଉଦ୍ୟାନ ନିର୍ମାଣ ଦାବି

ସମ୍ବଲପୁର, ୨୦/୧ (ନି.ପ୍ର): ଅଗ୍ରଣୀ ସାମାଜିକ ସାଂସ୍କୃତିକ ସଂଗଠନ ଭାରତୀ ସମାଜ ପକ୍ଷରୁ ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶରେ ଲକ୍ଷ୍ମୀ ଡୁଙ୍ଗୁରୀକୁ ପ୍ରକୃତି ଉଦ୍ୟାନ ଭାବରେ ବିକଶିତ କରାଯିବା ନେଇ ପରିକଳ୍ପନା କରାଯାଇଥିଲା। ବୌଦ୍ଧ ଧର୍ମରେ ସହଜ ଯାନ ବା ତନ୍ତ୍ରଯାନର ପ୍ରବର୍ତ୍ତିକା ଲକ୍ଷ୍ମୀକରାଙ୍କ ସାଧନା କ୍ଷେତ୍ର ଭାବେ ଗୃହୀତ ଲକ୍ଷ୍ମୀ ଡୁଙ୍ଗୁରୀ ଦିନକୁ ଦିନ ଉଜୁଡିବାକୁ ବସିଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୪ ମସିହାରୁ ଏହାକୁ ସଂରକ୍ଷିତ ଐତିହାସିକ ପ୍ରକୃତି ଉଦ୍ୟାନ ଭାବରେ ବିକଶିତ କରିବା ପାଇଁ ଭାରତୀ ସମାଜ ଦାବି କରି ଆସୁଛି। ତେବେ ଆଜି ପର୍ଯ୍ୟନ୍ତ ସେ ଦିଗରେ ପଦକ୍ଷେପ ନିଆଯାଇ ପାରିନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ଏବଂ ବନ ବିଭାଗ ସହ ଆଲୋଚନା କରାଯାଇ ଖୁବଶିଘ୍ର ପ୍ରକୃତି ଉଦ୍ୟାନ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶରେ ହୀରାକୁଦ ବନ୍ଧ ନିର୍ମାଣ ସମୟର ସ୍ମୃତି ଚିହ୍ନ ରହିଥିବା ବେଳେ ଏଠାକାର ପରିବେଶ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାକୁ ଉତ୍କୃଷ୍ଟ ସ୍ଥାନ ବୋଲି ଭାରତୀ ସମାଜର ସଂଚାଳକ ଭବାନୀଶ ଭୋଇ କହିଥିଲେ। ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶରେ ସମ୍ବଲପୁର ଇତିହାସ ସହିତ ଜଡିତ ବ୍ୟକ୍ତି ବିଶେଷଙ୍କ ନାମରେ ପ୍ରାକୃତିକ ପରିବେଶର ବିକାଶ କରାଯିବା ପାଇଁ ପ୍ରସ୍ତାବ ଦିଆଯିବ। ସେହିପରି ଗୁରୁ ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ଭୂଇଁ ଉଦୟଗିରି ଠାରେ ପାଂଚ ଦିନିଆ ଗୁରୁ ପଦ୍ମସମ୍ଭବ ବୌଦ୍ଧ ମନ୍ତ୍ରଗାନ ସମାରୋହ ଗତ ୧୬ ତାରିଖ ରେ ସଫଳତାର ସହ ସମର୍ପିତ ହେବା ନେଇ ଆୟୋଜକ ମାନଙ୍କୁ ଭାରତୀ ସମାଜ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ରାଜ୍ୟ ସରକାର ରତ୍ନଗିରି, ଉଦୟଗିରି, ଲଳିତଗିରି ବୌଦ୍ଧ ଧର୍ମର ପ୍ରମୁଖ କୀର୍ତ୍ତିରାଜିକୁ ନେଇ ହୀରକ ତ୍ରିଭୂଜ ଭାବେ ବିକଶିତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ତେବେ ସମ୍ବଲପୁର ଗୁରୁ ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ ହୋଇଥିବା ଯୋଗୁଁ ସରକାର ସମ୍ବଲପୁରକୁ ଏହି ଯୋଜନାର ସାମିଲ କରିବା ଭାରତୀ ସମାଜ ତରଫରୁ ଦାବି କରାଯାଇଥିଲା। ଭାରତୀ ସମାଜର ରାଜ୍ୟ ସଂଯୋଜକ ଡ଼ଃ. ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗବେଷକ କୁଳମଣି ପଟେଲ, ପ୍ରମୋଦ ବହିଦାର, ଭାରତୀ ସମାଜର ମହାସଚିବ ଦେବୀପ୍ରସାଦ ଭୋଇ, ଏବଂ ସଂଚାଳକ ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଡାକରାରେ ଖପ୍ରାଖୋଲଠାରେ ମହାସମାବେଶ

ବଲାଙ୍ଗିର, ୨୦/୧ (ନି.ପ୍ର): ୧୯୫୯ ମସିହାରେ ନିଷ୍ଚିତ ହେଲା ଯେ ଗନ୍ଧମାର୍ଦ୍ଦନ ପର୍ବତ ମଧ୍ୟରେ ପ୍ରଚୁର ପରିମାଣର ଉନ୍ନତମାନର ବକ୍ସାଇଟ ଗଚ୍ଛିତ ରହିଛି, ଯାହାର ପରିମାଣ ପ୍ରାୟ ୨୦୦ ନିୟୁତ ଟନ୍ ? ?ରୁ ଅଧିକ ହୋଇପାରେ । ଏ ସମ୍ପର୍କରେ ବିଧିବଦ୍ଧ ରିପୋର୍ଟ ପ୍ରକାଶ ପାଇବା ପରେ ୧୯୭୫ ମସିହା ବେଳକୁ ମଧ୍ୟପ୍ରଦେଶର କୋରବା ଠାରେ ସ୍ଥାପିତ ଆଲୁମିନିୟମ କାରଖାନା ପାଇଁ ବକ୍ସାଇଟ ନେବାକୁ ବାଲକୋ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା । ମାତ୍ର ସ୍ଥାନୀୟ ଲୋକଙ୍କ ବିରୋଧରୁ ଏହା ସାକାର ହୋଇପାରିଲା ନାହିଁ । 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଆନ୍ଦୋଳନକୁ ଧୀରେ ଧୀରେ ସାଧାରଣ ଲୋକଙ୍କ ସମର୍ଥନ ମିଳିଲା । ସମସ୍ତେ ଏକଜୁଟ ହେବାରେ ଏମାନଙ୍କର ମିଳିତ ଶକ୍ତି ନିକଟରେ ସରକାର ଓ କମ୍ପାନୀର ଖଣିଲୁଟ୍ ଯୋଜନା ଫଳପ୍ରଦ ହେଲାନାହିଁ । ପ୍ରାୟ ୪୯ ବର୍ଷ ପରେ ପୁଣି ଗନ୍ଧମାର୍ଦ୍ଦନ ପ୍ରସଙ୍ଗ ଗଣମାଧ୍ୟମ ଠୁ ଆରମ୍ଭ କରି ପାର୍ଲ୍ୟାମେଂଟ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ହୋଇଛି । ରାଜ୍ୟରେ ବିଜେପି ସରକାର ପ୍ରଥମ ଥର ପାଇଁ କ୍ଷମତା ହାସଲ କରିବା ପରେ ରାଜ୍ୟର ପ୍ରମୁଖ ଲାଭକାରୀ ସଂସ୍ଥା, ସରକାରୀ ଉଦ୍ୟୋଗ, ବନ୍ଦର, ବିମାନ ବନ୍ଦର, ଖଣିଖଦାନ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ହାତରେ ଟେକିଦେବାକୁ ଉଦ୍ୟମ ଆରମ୍ଭ କରିଦେଇଥିବା ଆଲୋଚନା ହେଉଛି । ଏହା ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବପରିଷଦ ତରଫରୁ ଗତ ୫୫ ଦିନଧରି ଅନଶନରେ ବସିବା ପରେ ଆଜି ଖପ୍ରାଖୋଲ ଠାରେ ମହାସମାବେଶ ଅନୁଷ୍ଠିତ ହେବାକୁ ଯାଉଛି । ପାଖାପାଖି ସାତ ହଜାର ଆନ୍ଦୋଳନକାରୀ ଏହି ସମାବେଶରେ ଯୋଗଦେବେ ବୋଲି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ପରାମର୍ଶଦାତା ସୁଶୀଲ ନାଏକ ପ୍ରକାଶ କରିଛନ୍ତି ।

# କୋରାପୁଟ ଜିଲ୍ଲା ଖୋହଲଖଣ୍ଡ ଗୋପାଳ ସମାଜର ବୈଠକ

ଜୟପୁର, ୨୦/୧ (ନି.ପ୍ର): କୋରାପୁଟ ଜିଲ୍ଲା ଖୋହଲ ଖଣ୍ଡ ଗୋପାଳ ସମାଜର ଏକ ବୈଠକ ସ୍ଥାନୀୟ କୁମ୍ଭାର ସାହି ତ୍ରିପତି ବାଲାଜୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସଭାପତି ପର୍ଶୁରାମ ଗୌଡ଼, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶରତଚନ୍ଦ୍ର ଗୌଡ଼, ସମ୍ମାନିତ ଅତିଥି ରୂପେ ଆଇନଜୀବୀ ସୁଦର୍ଶନ ଗୌଡ଼, ଭାସ୍କର ଚନ୍ଦ୍ର ଗୌଡ଼, ପଦ୍ମନ ଗୌଡ଼ ଯୋଗ ଦେଇଥିଲେ । ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ସଂପାଦକୀୟ ବିବରଣୀ ପାଠ ସହ ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଘାସିରାମ ଗୌଡ଼, ସାଥି ରାମ ନାୟକ, ଉଦୟ ମହାଙ୍କୁଡ, ଡାକ୍ତର ସୁଦର୍ଶନ ଗୌଡ଼, ନାରାୟଣ ଗୌଡ଼, ବିଜୟ ଗୌଡ଼, ହରିହର ଗୌଡ଼, ବଂଶୀଧର ଗୌଡ଼, ରାମ ମହାଙ୍କୁଡ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ସଂଘ

ଜୟପୁର, ୨୦/୧ (ନି.ପ୍ର): ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟାକୁ ନେଇ ଜୟପୁର ଯାଦବ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ଓ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ଦାସ ଙ୍କ ଦ୍ୱାରା ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି ।

ମୁଖ୍ୟତଃ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ସରକାରୀ ନିତି ନିୟମ ର ଉଲଂଘନ କରିବା, ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆଦେଶ ସଂଖ୍ୟା ୧୯୯୯୬ ତା ୨୩.୦୮.୨୦୧୩, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଆଦେଶ ପତ୍ର ସଂଖ୍ୟା ୪୧୫୮୧ ତା ୦୮.୧୦ .୨୦୧୩, ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ଙ୍କ ଆଦେଶ ପତ୍ର ସଂଖ୍ୟା ୨୧୫୬୬ ତା ୨୪.୧୦.୨୦୨୪ ର ଖୋଲା ଖୋଲି ଉଲଂଘନ କରିବା ବାରମ୍ବାର ରାଜ୍ୟ ସଂଘ ଓ ଜିଲ୍ଲା ସଂଘ ଅବଗତ କରାଇବା ସତ୍ତ୍ୱେ ସଂଘକୁ ଅଣଦେଖା କରିବା ସହିତ ସଂଘକୁ ଗୁରୁତ୍ୱ ନ ଦେବା, ବେଆଇନ ପ୍ରୋଜେକଟର ପ୍ରେରଣ କରିବା ଆକ୍ରସ ମୂଳକ ଭାବେ କର୍ମଚାରୀ ମାନଙ୍କୁ ଅସୁବିଧା ରେ ପକାଇବା ପାଇଁ ଦୁର ଦୁରାନ୍ତକୁ କର୍ମାନ୍ତର ପ୍ରେରଣ କରିବା, ଯେଉଁ ମାନେ ଅସୁବିଧା ର ସମ୍ମୁଖୀନ ହୋଇ କର୍ମାନ୍ତର ପ୍ରେରଣ ନିମନ୍ତେ ଆବେଦନ କରିଛନ୍ତି। ସେମାନଙ୍କ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରି ସେମାନଙ୍କୁ କର୍ମାନ୍ତର ପ୍ରେରଣ ନ କରିବା, ଜଣେ ଅଧିକାରୀ ବିନା ଅନୁମତିରେ ସଦର ମହକୁମା ଛାଡି ଚାଲିଯାଇଥିବା ଓ ଦୀର୍ଘ ଦିନ ଧରି କାର୍ଯ୍ୟାଳୟ ରେ ଅନୁପସ୍ଥିତ ଥିବା ସତ୍ତ୍ୱେ ତାଙ୍କୁ ଘଂଟ ଘଡାଇ ରଖିବା ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ସଭାପତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଯଦି ୮ ଦିନ ମଧ୍ୟରେ ସଂଘର ଦାବି ପୁରଣ ନ ହୁଏ ତାହେଲେ ଓଡ଼ିଶା ଅମଲା ସଂଘ, ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି, ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଓଡ଼ିଶା ର କର୍ମକର୍ତ୍ତା ମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କୋରାପୁଟ ସମ୍ମୁଖରେ ଧାରଣା ଦେବା ନିମନ୍ତେ ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

ପ୍ରକାଶ ଥାଉକି, ଶ୍ରୀ ଶଶୀ ଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ରାଜ୍ୟ ସଭାପତି ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଓଡ଼ିଶା ଙ୍କ ସହିତ ଓଡ଼ିଶା ଅମଲା ସଂଘ ର ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ ଉପ ସଭାପତି ପଦବୀରେ ମଧ୍ୟ ରହିଛନ୍ତି ଓ ତେଣୁ ରାଜ୍ୟ ନେତୃତ୍ୱ ମଧ୍ୟ ଧାରଣା ରେ ଯୋଗଦାନ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମହେଶ୍ୱର ମିଶ୍ର ସମ୍ପାଦକ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା, ସଞ୍ଜୟ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସୁଜାତା ମହାପାତ୍ର କାର୍ଯ୍ୟ ନିର୍ବାହୀ ସଦସ୍ୟା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘ ଓଡ଼ିଶା, ବରିଷ୍ଠ ସଦସ୍ୟ ତ୍ରିନାଥ ପାଣିଗ୍ରାହୀ, ନିରଞ୍ଜନ ପଣ୍ଡା, ସୂର୍ଯ୍ୟ ମହାରଣା, କୁମୁଦ ମିଶ୍ର, ସାନ୍ତନୁ କୁମାର ଜେନା, ଅଜୟ କୁମାର ପ୍ରଧାନ, ସିମାଞ୍ଚଳ ବିଷୟୀ, ପ୍ରସାନ୍ତ କୁମାର ରାଉଳ, ଜ୍ଞାନ ରଞ୍ଜନ ଛାଟଇ, ନରସିଂହ ସାବତ, ବିଜୟ କୁମାର ଖଟୁଆ, ହେମନ୍ତ କୁମାର ଚାନ୍ଦ, ଦିଲିପ୍ କୁମାର ମିଶ୍ର, ରୁଦ୍ର ପ୍ରସନ୍ନ ପାଣିଗ୍ରାହୀଙ୍କ ସମେତ ବହୁ ସଦସ୍ୟ ଯୋଗଦାନ କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଗୌରବ ଆଣିଲେ ସଂସ୍କୃତି ସଂଚାଳିକା ପାଣିଗ୍ରାହୀ

ସୁବର୍ଣ୍ଣପୁର, ୨୦/୧ (ନି.ପ୍ର): ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବିକଶ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଭାଗନେଇ ସଂସ୍କୃତି ସଂଚାଳିକା ପାଣିଗ୍ରାହୀ ନିର୍ଭୀକ ଓ ଦକ୍ଷତାର ସହିତ ଯୁବ ନେତୃତ୍ୱ ବାର୍ତ୍ତା ପ୍ରଦାନ କରି ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସବୁ ମହଲରେ ଖୁସିର ଲହରୀ ଖେଳିଯାଇଛି।

ସୂଚନାଯୋଗ୍ୟ ଯେ, ସୁଶ୍ରୀ ସଂସ୍କୃତି ସଂଚାଳିକା ବିନିକା ବ୍ଲକ ସିଲାଟି ଗ୍ରାମର । ସେ ବିନିକା ସିଦ୍ଧାର୍ଥ ଡ଼ିଗ୍ରୀ କଲେଜ ଓଡ଼ିଆ ଅଧ୍ୟାପିକା ଶ୍ରୀମତୀ ପ୍ରମିତା କୁମାରୀ ମିଶ୍ର ଓ ପିତା ଜୟାନନ୍ଦ ପାଣିଗ୍ରାହୀଙ୍କ ଝିଅ । ସ୍କୁଲରେ ପାଠ ପଢିବା ସାଙ୍ଗକୁ ଦୃଢ ମନବଳ ନେଇ ସଂସ୍କୃତି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ମାନଙ୍କରେ ଭାଗନେଇ ସଫଳତା ପାହାଚ ଅତିକ୍ରମ କରିବାର ଲାଗିଛନ୍ତି । ସେ ବର୍ତ୍ତମାନ ସରକାରୀ ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମହାବିଦ୍ୟାଳୟରେ ନିଟ ପ୍ରସ୍ତୁତି ଚଳାଇଛନ୍ତି । ସରକାରଙ୍କ କ୍ରୀଡା ଓ ଯୁବ ବିକାଶ ମନ୍ତ୍ରଣାଳୟ ପତ୍ର ସଂଖ୍ୟା ୯୧ ତା ୨/୧/୨୦୨୫ ଦ୍ୱାରା ବିଜ୍ଞପ୍ତି କାର୍ଯ୍ୟକ୍ରମରେ ଭାଗନେଇ ସଂସ୍କୃତି ସୁବର୍ଣ୍ଣପୁର ଜିଲ୍ଲାରୁ ଚୟନ ହୋଇଥିଲେ । ଭାରତ ସରକାରଙ୍କ ତରଫରୁ ଚଳିତ ମାସ ୯ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ସଂସ୍କୃତି ସଂଚାଳିକା ଭୁବନେଶ୍ୱରରୁ ଦିଲ୍ଲୀ ଗସ୍ତ କରି ସେଠାରେ ଯୁବ ସଶକ୍ତି କରଣ ଉପରେ ତୃଣମୂଳ ସ୍ତରରେ ଯୁବକ ମାନଙ୍କୁକିପରି ସଶକ୍ତି କରାଯାଇ ପାରିବ ଓ ଏକ ରାଷ୍ଟ୍ର ଏକ ଶିକ୍ଷାନୀତି ଉପରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ । ସେହିପରି ନିଜ ମାଟି ବିନିକା ଅଂଚଳର ପ୍ରସିଦ୍ଧ ଶୈବପୀଠ ଚରଦା ସ୍ଥିତ ବାବା କପିଳେଶ୍ୱର ଓ ମା ଚରଦେଇଙ୍କ ଐତିହ୍ୟ ଓ ସଂସ୍କୃତି ଉପରେ ବର୍ଣ୍ଣିତ ଏକ ପୁସ୍ତକକୁ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଥିଲେ ।ଯୁବ ବିକାଶ କାର୍ଯ୍ୟକ୍ରମରେ ଭାଗନେଇ ସଂସ୍କୃତି ଦେଶ ପାଇଁ ଯୁବକ ମାନଙ୍କ ଲକ୍ଷ୍ୟ, କର୍ତ୍ତବ୍ୟ ଓ ବିକଶିତ ଭାରତ ଗଠନର ଭୂମିକା ଉପରେ ବାର୍ତ୍ତା ପ୍ରଦାନ କରି ଯୁବ ସମାଜକୁ ଜାଗ୍ରତ କରିଥିବାରୁ ସମ୍ପ୍ରତି ବିନିକା ଅଂଚଳବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି ।

# ମାଲକାନଗିରି ନବୋଦୟ ପରିବାରର ବନ୍ଧୁ ମିଳନ

ମାଲକାନଗିରି, ୨୦/୧ (ନି.ପ୍ର): ମାଲକାନଗିରି ନବୋଦୟ ପରିବାରର ୨୦୨୫ ର ଜିଲ୍ଲା ସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି ପୋଟେରୁ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜବାହର ନବୋଦୟ ବିଦ୍ୟାଳୟ- ୧ ର ପ୍ରିନ୍ସପାଲ ଅରବିନ୍ଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରିଷ୍ଠ ଅଭିଭାବକ କୁଷଧ୍ୱଜ ଆଚାର୍ଯ୍ୟ ଓ ପୁରାତନ ନବୋଦୟ କର୍ମଚାରୀ କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ସର୍ବ ପ୍ରଥମେ ଅତିଥି ଗଣ ଓ ସମସ୍ତ ପୁରାତନ ନବୋଦୟ ଛାତ୍ରଛାତ୍ରୀ ମାନେ ' ହମି ନବୋଦୟ ହୋ ' ପ୍ରାର୍ଥନା କୁ ସମବେତ କଣ୍ଠରେ ଗାନ କରିଥିଲେ । ପରେପରେ ସମସ୍ତେ ନିଜ ନିଜର ପରିଚୟ ପ୍ରଦାନ ସହ ବର୍ତ୍ତମାନ ସମୟରେ କିଏ କେଉଁ କେଉଁ ପେଶାରେ ଉପନୀତ ହୋଇ ସମାଜର ସେବା କାର୍ଯ୍ୟକୁ ଆଗକୁ ନେଉଛନ୍ତି ତା ଉପରେ ସବିଶେଷ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପାତ୍ର କହିଥିଲେ ଯେ ନବୋଦୟ ଛାତ୍ରଛାତ୍ରୀ ମାନଙ୍କ ଗୋଟିଏ ଲକ୍ଷ ହେବା ଉଚିତ ତାହା ହେଉଛି ' ଏଠାକୁ ଆସ ଶିଖିବା ପାଇଁ ଓ ବାହାରିଯାଅ ସମଜର ସେବା ପାଇଁ ' । ଅଭିଭାବକ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ନବୋଦୟ ଛାତ୍ରଛାତ୍ରୀ ଯେଉଁଠି ରହିଲେ ମଧ୍ୟ ନିଜର ବୁଦ୍ଧି ବିବେକର ପରିଚୟ ଦେବା ସହ ସମାଜରେ ଏକତା, ଶାନ୍ତି ଓ ଭାତୃତ୍ୱ ଭାବର ପରିପ୍ରକାଶ କରିଥାନ୍ତି । ଏହି ଅବସରରେ ୫୦ ରୁ ଉର୍ଦ୍ଧ୍ୱ ପୁରାତନ ନବୋଦୟ ପରିବାର ଯୋଗ ଦେଇଥିଲା ବେଳେ ପାଖାପାଖି ୧୫୦ ଉର୍ଦ୍ଧ୍ୱ ମହିଳା/ପୁରୁଷ ଯୋଗଦେଇ ଥିଲେ । ଶେଷରେ ଛୋଟଛୋଟ କୁନିପିଲାଙ୍କୁ ନେଇ ବିଭିନ୍ନ କୌତୁକିଆ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା ଯାହାକୁ ସମସ୍ତେ ମନଭରି ଉପଭୋଗ କରିଥିଲେ ।

ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ କୁ ମାଲକାନଗିରି ନବୋଦୟ ଆଲୁମିନା ଆସୋସିଏସନ୍ ର ବରିଷ୍ଠ ସଦସ୍ୟ ଭଗବାନ ସାହୁ, ଆସୋସିଏସନ୍ ସଭାପତି ନନୀ ଗୋପାଲ ମଲ୍ଲିକ, ସମ୍ପାଦକ ସୁଧୀର ରଞ୍ଜନ ସିକଦାର, କୋଷାଧ୍ୟକ୍ଷ ଅଙ୍ଗଦ ଖୋସଲା, ଲକ୍ଷ୍ମୀଧର ମାଝୀ ଓ କାର୍ତ୍ତିକ ନାୟକ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# କାମାକ୍ଷାନଗର ବସଷ୍ଟାଣ୍ଡରୁ ଯୁବକ ନିଖୋଜ

ଭୁବନ, ୨୦/୧ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମର ଅକ୍ଷୟ ନାୟକଙ୍କ ପୁଅ ଅଜିତ୍ ନାୟକ (୨୫) ସୁଦୂର ପୋଲାଭରମ୍ ରେ ସମ୍ପର୍କୀୟ ଭାଇ ବାପି ନାୟକ ପାଖରେ ହେଲପର ଭାବେ କାର୍ଯ୍ୟ କରୁଥିଲେ । ଦୁଇଭାଇ ମିଶି ପୋଲାଭରମରୁ ଘରକୁ ଫେରୁଥିଲେ । ଢେଙ୍କାନାଳରୁ ବସ୍ ଯୋଗେ କାମାକ୍ଷାନଗର ବସଷ୍ଟାଣ୍ଡରେ ପହଂଚିଥିଲେ । ଅଜିତ୍ ନାୟକଙ୍କୁ ଭୋକ ଲାଗିବାରୁ ଭାଇ ବାପି ନାୟକଙ୍କୁ ଖାଇବା ପାଇଁ କହିଲେ ଏବଂ ସଙ୍ଗେ ସଙ୍ଗେ ଯାଇ ଖାଇବା ଆଣି ଆସିଲା ବେଳକୁ କୁଆଡେ ନିଖୋଜ ହୋଇଯାଇଥିଲେ । ତାଙ୍କ ଉଚ୍ଚତା ୫'୬,କଲର ଗୋରା, କଳା ପ୍ୟାଂଟ ଓ ହ୍ୱାଇଟବ୍ଲାକ ଗଞ୍ଜି ପିନ୍ଧିଥିଲେ। ଯଦି କେହି ସହୃଦୟ ବ୍ୟକ୍ତି ଅଜିତ୍ ଙ୍କୁ ଠାବ କରିପାରିଲେ ତେବେ ତୁରନ୍ତ ୮୭୬୩୩୮୪୩୦୨ ନମ୍ବର ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଆଗଲପୁର ବ୍ଲକସ୍ତରୀୟ ପ୍ରାଥମିକ ଶିକ୍ଷକ ସମାବେଶ ଅନୁଷ୍ଠିତ

ବଲାଙ୍ଗିର, ୨୦/୧ (ନି.ପ୍ର): ଆଜି ଆଗଲପୁର ବ୍ଲକର ଡୁଡୁକାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅନ୍ତର୍ଗତ ପ୍ରାଥମିକ ଶିକ୍ଷକ ସମାଜର ଏକ ମହାସମାବେଶ ଅନୁଷ୍ଠିତ ହୋଇଯାଇଅଛି । 'ଶିକ୍ଷାର ବିକାଶରେ ଶିକ୍ଷକ ଓ ଶିକ୍ଷାୟତନର ଭୂମିକା 'ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜୟରାମ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଅଧିକାରୀ ଶ୍ୟାମ ମେହେର ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ରଜନୀକାନ୍ତ ସାହୁ ଯୋଗଦେଇ ଶିକ୍ଷାର ବିକାଶରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି କହିଥିଲେ । ଦୀପ ପ୍ରଜ୍ୱଳନ ପରେପରେ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ଯୋଗଦାନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ଭାବେ ନିୟମିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ ଯୋଗୀନ୍ଦ୍ର ଦାଶ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୁଣା ପେନସନଭୁକ୍ତ ଶିକ୍ଷକ ସଂଘର ସଭାପତି ଦୁର୍ଯ୍ୟୋଧନ ପସାୟତ ସଂପାଦକ ଦୀଲିପ କୁମାର ବେହେରା, କନିଷ୍ଠ ଶିକ୍ଷକ ସଂଘର ସଭାପତି ସୁମନ୍ତ ବିଶ୍ୱାଳ ସଂପାଦକ ପ୍ରଦୀପ ମହାନନ୍ଦ,ଏକ୍ସକ୍ୟାଡର ସଂଘର ସଭାପତି ମୁରଲୀଧର ପଧାନ ସଂପାଦକ ଗୋବିନ୍ଦ ନାଏକ, ବରିଷ୍ଠ ଶିକ୍ଷୟିତ୍ରୀ ସରୋଜିନୀ ନନ୍ଦ, ସିଆରସିସି ଚନ୍ଦ୍ରକାନ୍ତ ବେହେରା, ସୁଶାନ୍ତ ନନ୍ଦ ଆଦି ମତାମତ ରଖିଥିଲେ । ଏହି ସମାବେଶରେ ବ୍ଲକର ସମସ୍ତ ବର୍ଗର ମୋଟ ଚାରି ଶହ(୪୦୦) ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ପ୍ରଧାନଶିକ୍ଷକ ଜୟଦେବ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ସୁବର୍ଣ୍ଣପୁର, ୨୦/୧ (ନି.ପ୍ର): ଡୁଙ୍ଗୁରିପାଲି କବି ଓ କଳାକାର ସଂଘ ଅନୁକୂଲ୍ୟରେ ସ୍ଥାନୀୟ ବସ୍ତି କଲ୍ୟାଣ ମଣ୍ଡପ ଠାରେ ପାଂଚଦିନ ଧରି ଚାଲିଥିବା ୧୬ତମ ନାଟକ ମହୋତ୍ସବ ଗତକାଲି ଉଦଯାପିତ ହୋଇଯାଇଛି। ସଂଘର ସଭାପତି ବିପ୍ରଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନା ଦିବସରେ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡିଓ ଦିଲ୍ଲୀପ କୁମାର ବାରା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବଡ଼କର୍ତେ ବୀଣାପାଣି ସାହିତ୍ୟ କଳା ସଂସଦ ପକ୍ଷରୁ ସମିର ସାହୁଙ୍କ ନିର୍ଦ୍ଦେଶନା, ସୁମନ୍ତ ସାହୁଙ୍କ ରଚିତ ଓ ହୃଷୀକେଶ ଭୋଇଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ 'ବଳଦ' ମଂଚସ୍ଥ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅମୃତଲାଲଙ୍କ ରଚିତ ଓ ଶିଶୁପାଳ କଲେତଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ 'ବୁହେନ୍' ମଂଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଘନଶ୍ୟାମ ମେହର, ଅମୂଲ୍ୟ ବେହେରା, ନରୋତମ ବରିହା, ଜୟ ପଧାନ, ବିଭୁଦତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ଶିକ୍ଷା ବିଭାଗର ପଦକ୍ଷେପକୁ ଶିକ୍ଷା ବଂଚାଅ ଅଭିଯାନର ସ୍ୱାଗତ

ବ୍ରହ୍ମପୁର, ୨୦/୧ (ନି.ପ୍ର): ଗତ କିଛି ବର୍ଷ ଧରି ଶିକ୍ଷା ବିଭାଗ ଅଧିକାରୀଙ୍କ ଏକଛତ୍ରବାଦ ଓ ମନୋମୁଖି କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ସମ୍ପ୍ରତି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜାନୁୟାରୀ ୧୭ ତାରିଖରେ ଜିଲା ଶିକ୍ଷାଧିକାରୀ ମାନଙ୍କ ବଦଳି ବିଜ୍ଞପ୍ତିକୁ ଗଞ୍ଜାମ ଜିଲା ଶିକ୍ଷା ବଂଚାଅ ଅଭିଯାନ ତରଫରୁ ସ୍ୱାଗତ କରାଯାଇଛି। ଗଞ୍ଜାମ ଜିଲା ଶିକ୍ଷାଧିକାରୀଙ୍କ ଭଳି ଅନ୍ୟ ଜିଲା ଅଧିକାରୀଙ୍କ ଅହେତୁକ କ୍ଷମତା ବର୍ହିଭୂତ ତଥା ବେଆଇନ କାର୍ଯ୍ୟକୁ ହୃଦବୋଧ କରି ନେଇଥିବା ପଦକ୍ଷେପକୁ ଶିକ୍ଷା ବଂଚାଅ ଅଭିଯାନ ତରଫରୁ ସାଧୁବାଦ ଜଣାଇ ଦିଆଯାଇଛି।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଗଞ୍ଜାମର ବିଦାୟୀ ଡିଇଓଙ୍କ ଏକଛତ୍ରବାଦ ଓ ବେଆଇନ କାର୍ଯ୍ୟକଳାପ ବିରୋଧରେ ଗଞ୍ଜାମ ଜିଲା ଶିକ୍ଷା ବଂଚାଅ ଅଭିଯାନ ତରଫରୁ ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀ ତଥା ଗଞ୍ଜାମ ଜିଲାର ସମସ୍ତ ବିଧାୟକମାନଙ୍କୁ ଏକାଧିକବାର ଅଭିଯୋଗ କରାଯାଇଥିଲା। ପୂର୍ବ ଡିଇଓଙ୍କ ଶିକ୍ଷକ ଓ କର୍ମଚାରୀ ମାରଣ ନୀତି ଦ୍ୱାରା ସମଗ୍ର ଜିଲାର ଶୈକ୍ଷିକ ବାତାବରଣ କଳୁଷିତ ହୋଇଯାଇଥିଲା ସସ୍ପେଣ୍ଡ ଓ ବହିଷ୍କାର ତାଙ୍କ ପାଇଁ ଏକ ମାମୁଲି ନିଷ୍ପତି ଥିଲା ଏବଂ ମାନବିକତା ବିହୀନ କାର୍ଯ୍ୟକଳାପର ସେ ଖୁସି ମନାଉଥିଲେ ନୂତନ ଭାବେ ବଦଳି ହୋଇ ଆସିଥିବା ଡିଇଓ ତାଙ୍କର କାର୍ଯ୍ୟକଳାପକୁ ସ୍ୱଚ୍ଛ, ସୁନ୍ଦର କରି ଗଢ଼ି ଜିଲାର ଶୈକ୍ଷିକ ବାତାବରଣକୁ ସଜାଡ଼ିବା ପାଇଁ ଉଦ୍ୟମ କରିବେ ଏବଂ ଜିଲା ଶିକ୍ଷା ବଂଚାଅ ଅଭିଯାନ ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରିବା ପାଇଁ ଅଭିଯାନର ଏକ ବୈଠକରେ ସଭାପତି ରବି ରଥ, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ସାଧାରଣ ସମ୍ପାଦକ କାମରାଜୁ ମହାରଣା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଅଶୋକ କୁମାର ଦଳାଇ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ରଂଜନ ସାହୁ, ମାନସ ରଂଜନ ତ୍ରିପାଠୀ ପ୍ରମୁଖ ଏକ ମିଳିତ ପ୍ରେସ୍ ବିବୃତିରେ ପରାମର୍ଶ ଦେଇଛନ୍ତି।

# ସରକାରୀ ଉଚ୍ଚ ବିଦ୍ୟାଳୟ, ଶଗଡାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ




ଭବାନୀପାଟଣା, ୨୦/୧ (ନି.ପ୍ର): ଭବାନୀପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ,ଶଗଡାରେ ବାର୍ଷିକ ଉତ୍ସବ(ପୂଜ୍ୟ ପ୍ରଣାମ)-୨୦୨୫ ଏକ ସୃଜନଶୀଳ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗାଚାର୍ଯ୍ୟ ତଥା ଅତିରିକ୍ତ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ କଳାହାଣ୍ଡି ଡାକ୍ତର ନୀହାରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶାରୀରିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ ବଂଶୀବାଦକ ତଥା ଧର୍ମଗଡ଼ ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସଂଜୀବ ମୁଣ୍ଡ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବଂଶୀ ବାଦନ କରିବା ସହ ବାଦ୍ୟଶିଳ୍ପୀ ହେବାର କୌଶଳ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ ଜୀବନରେ ଚିତ୍ରକଳାର ପ୍ରୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ତଥା କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ସୁନ୍ଦର କଣ୍ଠ ସଙ୍ଗୀତ ପରିବେଷଣ ପୂର୍ବକ ଜୀବନରେ ସଙ୍ଗୀତ କଳାର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୋଧଗମ୍ୟ କରାଇଥିଲେ। ଏହି କାର୍ଯ୍ୟାଳୟରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସର୍ଗୀଗୁଡା କ୍ଲଷ୍ଟରର ସି.ଆର.ସି.ସି ମହମ୍ମଦ ଜାର୍କି, ଶଗଡା ଗ୍ରାମପଞ୍ଚାୟତର ସରପଞ୍ଚ ଗୋବିନ୍ଦ ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆସନ୍ତ ନାଏକ ଯୋଗଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାହୁ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ଓ ଶିକ୍ଷୟିତ୍ରୀ ଜୟାପ୍ରଦା ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେପରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଏବଂ ସ୍ୱତନ୍ତ୍ର ପାରଦର୍ଶିତା କ୍ଷେତ୍ରରେ ଚଳିତ ଶିକ୍ଷାବର୍ଷରେ ସର୍ବଶ୍ରେଷ୍ଠ ଉପସ୍ଥାପନ ପାଇଁ କୁନ୍ତଳା ଦଣ୍ଡସେନା, ପରିଚ୍ଛନ୍ନତା ପାଇଁ ବୈଷ୍ଣବୀ ନାଏକ,ଶ୍ରେଷ୍ଠ ଛାତ୍ର ଭାବରେ ନିତିନ୍ ନାଏକ, ୨୦୦୪ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କସିସ୍ ନାଏକ ଆଦି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶୈଳେନ୍ଦ୍ର ବାବୁ, କୌତୁକ ରଣା,ସରୋଜ କୁମାର ସାହୁ, ସୁନୀଲ ନାଏକ, ବିଭୀଷଣ ନାଗ, ଗଜେନ୍ଦ୍ର ମାଝୀ ଓ ଶିକ୍ଷୟିତ୍ରୀ ମାନିନୀ ପୁଝାରୀ,ଚନ୍ଦନଲତା ବେହେରା, ମଧୁସ୍ମିତା ପଣ୍ଡା,ଜ୍ୟୋସ୍ନାରାଣୀ ସାହୁ, ସ୍ନିଗ୍ଧା ବୁଢ଼ିଆ,ରାଧା ସ୍ୱାଇଁ, ମନୀଷା ମାଝୀ ପ୍ରମୁଖ ସହଯୋଗକରିଥିଲେ।

# ଆରୁହା ପଞ୍ଚାୟତରେ ଲକ୍ଷପତି ଦିଦି ହେବା ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଜଳେଶ୍ୱର, ୨୦/୧ (ନି.ପ୍ର): ଓଡ଼ିଆ ଜୀବିକା ମିଶନ ଓ ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗଙ୍କ ପରାମର୍ଶ କ୍ରମେ ଆଜି ଜଳେଶ୍ୱର ବ୍ଲକ ଆରୁହା ପଂଚାୟତର ଏସଏଚଜି ଗ୍ରୁପର ପ୍ରଥମ ପର୍ଯ୍ୟାୟରେ ୧୬୮ ଜଣ ମହିଳା ମାନଙ୍କୁ ନେଇ ପଞ୍ଚାୟତରେ ଲକ୍ଷପତି ଦିଦି ହେବା ପାଇଁ ପଞ୍ଚାୟତ ମହାସଂଘର ସଭାପତି ସ୍ନେହଲତା ସାହୁଙ୍କ ସଭାପତିତ୍ୱରେ ଏକ ଉଦଘାଟନୀ ସମାରୋହରେ ଉଦ୍ଘାଟକ ତଥା ମୁଖ୍ୟ ଅତିଥି ଭାବେ ସରପଞ୍ଚ ତପନୀ ଭୁୟାଁ ଯୋଗ ଦେଇ ଲକ୍ଷପତି ଦିଦି ହେବା ସଂମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର,ସମାଜ ସେବୀ ଦିଲ୍ଲୀପ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଗୀତାଞ୍ଜଳି ପତି ଓ ସବିତା ଜେନା ଏହି ପ୍ରଶିକ୍ଷଣ ଶିବିରରେ ମହିଳା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏମବିକେ ଜ୍ୟୋସ୍ନାରାଣୀ ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଆଠ ଜଣ ସିଆରପି ୧୬ ଜଣ ଇସି ମେମ୍ବର ସହଯୋଗ କରିଥିଲେ। ଶେଷରେ ମହାସଂଘର ସମ୍ପାଦକ ସୁକାନ୍ତି ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହି ପ୍ରଶିକ୍ଷଣ ଶିବିର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# ତୃତୀୟ ବାର୍ଷିକ ହଳଦୀପଦା ମହୋତ୍ସବ ଉଦ୍‌ଘାଟିତ



ରୂପସା , ୨୦/୧ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ପଶୁ ଡାକ୍ତରଖାନା ପଡିଆରେ ତୃତୀୟ ବାର୍ଷିକ ହଳଦୀପଦା ମହୋତ୍ସବ ଉଦଘାଟିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ଅଜୟ କୁମାର ଜେନା ଏହି ଉତ୍ସବରେ ପୌରାହିତ୍ୟ କରି ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ବିକ୍ରମ ପଣ୍ଡା, ମୁଖ୍ୟ ବକ୍ତା ଆଚାର୍ଯ୍ୟ ବିଜୟ ଜୀ ଯୋଗ ଦେଇ ମହୋତ୍ସବ ଭାଇଚାରା, ଅତ୍ମୀୟତା ମିଳନର ପର୍ବ ବୋଲି ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ସମାଜସେବୀ ସୁମନ୍ତ ଜେନା, ଡ କୁମାର ଚନ୍ଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ,ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ୍ସ ନିର୍ଦ୍ଦେଶକ ଘନଶ୍ୟାମ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ହୋଇ ମହୋତ୍ସବ ମାଧ୍ୟମରେ ଐତିହ୍ୟ,ସଂସ୍କୃତି, ପରମ୍ପରା ଉଜ୍ଜୀବିତ ହୋଇଥାଏ ବୋଲି କହିଥିଲେ । କମିଟି ସମ୍ପାଦକ ଡ. ପ୍ରତାପ ଚନ୍ଦ୍ର ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଇପ୍ସିତା ନନ୍ଦ ମଞ୍ଚ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ ହୋଇଥିଲା । କୋଷାଧକ୍ଷ ଭବାନୀ ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ନୃତ୍ୟ, ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ କମିଟି ସଦସ୍ୟ ରଜତ ସାମଲ, ସାଗର ସାହୁ, ଅମିତ ସାହୁ, କରୁଣାକର ଲେଙ୍କାଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ । ମହୋତ୍ସବ ପଡିଆରେ ବିଭିନ୍ନ ଷ୍ଟଲ, ମୀନାବଜାର, ଚକ୍ରି, ଦୋଳି, ସର୍କସ ସାଙ୍ଗକୁ ଉଠା ଦୋକାନୀଙ୍କ ପସରା ମେଳିଥିଲା । ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ହୋଇଥିଲା ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର ଡିଭିଜନର ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର/OP ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। **(୧) ସଂଖ୍ୟା: RSO-KGP- NMP-MEAL-RR-25; କାର୍ଯ୍ୟର ବର୍ଣ୍ଣନା:** ବାହାର ସଂସ୍ଥା ଦ୍ୱାରା ନିମପୁରା (NMP) ର ରନିଂ ରୁମରେ ୨ ବର୍ଷ ପାଇଁ ସବସିଡିଯୁକ୍ତ ଏବଂ ବ୍ୟକ୍ତିଗତ ରାସନ ଭୋଜନ ପ୍ରସ୍ତୁତି ଏବଂ ବଗିଚା କାର୍ଯ୍ୟ ଅର୍ଥାତ୍ ୭୩୦ ଦିନ; **ଟେଣ୍ଡର ମୂଲ୍ୟ:** ୧,୦୦,୩୮,୭୩୨.୨୦; **ଇ.ଏମ୍.ଡି:** ୨,୦୦,୨୦୦.୦୦; **ଖୋଲିବାର ତାରିଖ:** ୧୨.୦୨.୨୦୨୫; **ଦାଖଲ ତାରିଖ:** ୧୨/୦୨/୨୦୨୫ ର ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ: **(୨) ସଂଖ୍ୟା: RSO- KGP-FSD-WT-Deto-25; କାର୍ଯ୍ୟର ବର୍ଣ୍ଣନା:** FSD, ୱାକି-ଟକି, ଡେଟୋନେଟର (କ୍ରୁ, ଟ୍ରେନ ମ୍ୟାନେଜର, ସଣ୍ଟରକୁ ଏବଂ ପ୍ରଯୁଜ୍ୟ ଅନୁଯାୟୀ) ବଣ୍ଟନ ଏବଂ ସଂଗ୍ରହ ପାଇଁ କାର୍ଯ୍ୟକୁ ଆଉଟସୋର୍ସିଂ କରିବା, ଉପକରଣଗୁଡ଼ିକର ଚାର୍ଜିଂ, ରେଜିଷ୍ଟରଗୁଡ଼ିକର ରକ୍ଷଣାବେକ୍ଷଣ, ଏହି ଉପକରଣଗୁଡ଼ିକର ରେକର୍ଡ ରଖିବା ଇତ୍ୟାଦି ଖଡଗପୁର, ନିମପୁର, ସାନ୍ତରାଗାଛି ଏବଂ ଆନ୍ଦୁଲର ମିଳିତ କ୍ରୁ ଲବିରେ ୨ ବର୍ଷ ପାଇଁ ଅର୍ଥାତ୍ ୭୩୦ ଦିନ ପାଇଁ ୨୪ ଘଣ୍ଟା ପାଇଁ; **ଟେଣ୍ଡର ମୂଲ୍ୟ:** ୧,୧୨,୫୯,୬୯୬.୨୩; **E.M.D:** ୨,୦୬, ୩୦୦.୦୦; **ଖୋଲିବା ତାରିଖ:** ୧୩.୦୨.୨୦୨୫; **ଦାଖଲ ତାରିଖ:** ୧୩/୦୨/୨୦୨୫ ର ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ; **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ୫,୦୦୦.୦୦ (ଉଭୟ ପାଇଁ); **ସମାପ୍ତି ଅବଧି:** ୦୨ ବର୍ଷ (୭୩୦ ଦିନ) (ଉଭୟ ପାଇଁ); ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟିପ୍ପଣୀ: ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ।

(PR-1030)

# ଲୋକନାଥ ପାଠାଗାରର ୪୦ ତମ ବାର୍ଷିକ ଉତ୍ସବ

## କବି ରାଧାଶ୍ୟାମ ପଣ୍ଡାଙ୍କ ୨ୟ ଶ୍ରଦ୍ଧା ବାର୍ଷିକୀ କବି ରାଧାଶ୍ୟାମ ଗ୍ରନ୍ଥାବଳୀ ଲୋକାର୍ପିତ




ଔପଦା, ୨୦/୧ (ନି.ପ୍ର): ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିହରପୁର ଶାସନ ସମାଜ ସେବୀ ତଥା କବି ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା ଲୋକନାଥ ପାଠାଗାରର ୪୦ ବାର୍ଷିକ ଉତ୍ସବ ରାଧାଶ୍ୟାମ ପଣ୍ଡାଙ୍କ ବାସଭବନ ରେ ଅନୁଷ୍ଠିତ ହୋଇଯାଇଛି । ସକାଳେ ପଣ୍ଡିତ କୃଷ୍ଣ ଚନ୍ଦ୍ର ପତ୍ରୀ ଓ ପଣ୍ଡିତ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଦ୍ୱାରା ପଣ୍ଡା ପରିବାର ସମସ୍ତ ସଦସ୍ୟଙ୍କ ଦ୍ୱାରା ଦାସ ପୋଖରୀ ଟିଳୋତର୍ପଣ କରାଯାଇଥିଲା । ପରେ ଭାଗବତ ପରାୟଣ ଓ ଗୀତା ପାଠ କରାଯାଇ ଥିଲା । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନରହରି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ଦ୍ୱିତୀୟ ବର୍ଷିକ ଉତ୍ସବ ଓ ଲୋକନାଥ ପାଠଗାର ର ୪୦ ତମ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ କହିଥିଲେ ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ଆତ୍ମ ଜୀବନୀ କହିବା ସହ ପାରିବାରିକ ସମ୍ପର୍କରେ ଜଡିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ କବି ରାଧାଶ୍ୟାମ ସ୍ମୃତି ପରିଷଦ ଓ କବି ଲୋକନାଥ ପାଠାଗାର ପକ୍ଷରୁ କବି ରାଧାଶ୍ୟାମ ଗ୍ରନ୍ଥାବଳି ଉନ୍ମୋଚିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ କବି ଡକ୍ଟର ବିପିନ ବିହାରୀ ବିଶ୍ୱାଳ, ଡକ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀ, କବି ବ୍ରଜେନ୍ଦ୍ର ନାଥ ଗିରି, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରି, ଅବସରପ୍ରାପ୍ତ ପ୍ରଫେସର ମୁକ୍ତିକାନ୍ତ ଶତପଥୀ, ଡକ୍ଟର ଭାଗବବତ ଲେଙ୍କା, ହରିହର ପାଣିଗ୍ରାହୀ , ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷ୍ୟକ ରଘୁନାଥ ପତ୍ରୀ ମଞ୍ଚ ଆହ୍ୱାନ କରିଥିଲେ । ସମାଜସେବୀ ନାରାୟଣ ପେଡା ବାର୍ଷିକ ବିବରଣୀ ପାଠ କରିବା ସହିତ କବି ଡ଼ ଭଗବାନ ବେହେରାଙ୍କ ଦ୍ୱାରା ରଚିତ କବିତାକୁ ଗୀତିକାର ଗୌତମ ବାରିକ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ପରିବେଶବିତ ସମାଜସେବୀ ମନୋରଞ୍ଜନ ଦାସ, ନାଟ୍ୟକାର ତଥା ବିଶିଷ୍ଟ କବି ଡକ୍ଟର ଭଗବାନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ଙ୍କ ପତ୍ନୀ ସରସ୍ୱତୀ ପଣ୍ଡା ଶୀତ ବସ୍ତ୍ର ବଣ୍ଟନ କରିଥିଲେ । ଏଥିରେ ରାଧାଶ୍ୟାମ ପଣ୍ଡା ସ୍ମୃତି ପରିଷଦ ପକ୍ଷରୁ ସ୍ୱର୍ଗତ ରାଧାଶ୍ୟାମ ପଣ୍ଡା ଙ୍କ ପୁତ୍ର ବିଜୟ କୁମାର ପଣ୍ଡା,ଅକ୍ଷୟ କୁମାର ପଣ୍ଡା, ସଞ୍ଜୟ କୁମାର ପଣ୍ଡା, ଧନଞ୍ଜୟ ପଣ୍ଡା ଓ ଉଦୟ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ବାସୁଦେବପୁର, ୨୦/୧ (ନି.ପ୍ର): ବାସୁଦେବପୁର ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ୪୧ ତମ ପ୍ରତିଷ୍ଠା ଦିବସ ଓ ପ୍ରତିଷ୍ଠାତା ବାଇଧର ପାଢ଼ୀ ଙ୍କ ୧୭ ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅଧକ୍ଷା ସ୍ନିଗ୍ଧା ମହାନ୍ତି ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ପୁରୋଦୃଷ୍ଟି ସାହିତ୍ୟ ପତ୍ରିକା ର ସମ୍ପାଦକ କବି ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଓ ଶହୀଦ ତୀର୍ଥଯାତ୍ରୀ ସଂଘ ର ପ୍ରତିଷ୍ଠାତା ତଥା ସାମ୍ୟବାଦୀ ନେତା ଓ ସାହିତ୍ୟିକ ତ୍ରି ଲୋଚନ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ବିଧାୟକ ଅଶୋକ କୁମାର ଦାସ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା କର୍ମଚାରୀ ଗୋପାଳ ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରାଧାପିକା ଆରତି ଦାଶ। ମହାବିଦ୍ୟାଳୟର ମୁଖପତ୍ର ସତ୍ୟଭାମା ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଅଭିଯୋଗ ପରେ ଡିମଳା ଗ୍ରାମରେ ଅବକାରି ଚଢ଼ଉ

ଜୟପୁର, ୨୦/୧ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଡିମଳା ଗ୍ରାମରେ ଆଜି ଅବକାରି ଚଢଉ ହୋଇଛି । ଡିମଳା ଗ୍ରାମରେ ଦେଶି ମଦ ପ୍ରସ୍ତୁତି ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଓ ଅବକାରି ସେଟଲାଇଟ ବିଭାଗ ତରଫରୁ ମିଳିତ ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ୩ଟି ମଦ ଭାଟି ଭଙ୍ଗିବା ସହ ୬ ଶହ ଲିଟର ପୋଟ ଜବତ କରି ନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ଗତ ୧୮ ତାରିଖରେ ଡିମଳା ଗ୍ରାମର ମହିଳା ମାନେ ଜୟପୁର ଅବକାରି ଥାନାର ଦ୍ୱାରସ୍ଥ ହୋଇ ଗ୍ରାମର ଦେଶି ଓ ବିଦେଶି ମଦ ବନ୍ଦ କରିବାକୁ ଦାବି କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଅଭୟାକୁ ମିଳିଲା...

ହସ୍ପିଟାଲରେ କାମ କରୁଥିବା ଜଣେ ଟ୍ରେନି ଡାକ୍ତରଙ୍କର । ସବୁଦିନ ପରି ସେଦିନ ବି ଅଭୟା ନାଇଟ ସିଫ୍ଟରେ ଥିଲେ । କାମ ସାରି ଟିକେ ଆରାମ କରିବାକୁ ସେ ସେମିନାର ହଲକୁ ଯାଇଥିଲେ । ହେଲେ ସେ ଜାଣିନଥିଲେ ସେ କେବେ ବି ଆଉ ହଲରୁ ବାହାରକୁ ବାହାରି ପାରିବେନି । କାରଣ ହଲରେ ଥିଲା ତାଙ୍କ ମୃତ୍ୟୁ । ଅଭୟାଙ୍କୁ ସେମିନାର ହଲରେ ଦେଖି ଅଭିଯୁକ୍ତ ସଞ୍ଜୟ ସିଂଙ୍କ ପାଲଟିଯାଇଥିଲା ପିଶାଚ । ଆଉ ଅଭୟାଙ୍କ ଶରୀରକୁ ରାକ୍ଷସ ଭଳି ଝୁଣି ଖାଇଥିଲା । ଅପରାଧ ଘଟାଇବା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା ଅଭିଯୁକ୍ତ । ଆଉ ସକାଳୁ ପୀଡିତାଙ୍କ ରକ୍ତାକ୍ତ ଶରୀର ଦେଖି ସାରା କୋଲକାତା କାନ୍ଦି ପକାଇଥିଲା । ଏହି ଘଟଣାରେ କୋଲକାତା ପୋଲିସ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଗିରଫ କରିଥିଲା । ଟ୍ରେନି ଡାକ୍ତରଙ୍କ ସହ ହୋଇଥିବା ଏହି ଘଟଣା ପରେ ସାରା ଦେଶରେ ବିକ୍ଷୋଭ ଦେଖିବାକୁ ମିଳିଥିଲା । ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ରାଜରାସ୍ତାକୁ ଓହ୍ଲାଇଥିଲେ ଡାକ୍ତର ସଂଘ । କେବଳ ପଶ୍ଚିମବଙ୍ଗ ନୁହେଁ ସାରା ଦେଶରେ ନ୍ୟାୟର ସ୍ୱର ତିବ୍ର ହୋଇଥିଲା । ଏହି ଘଟଣାରେ କେବଳ ସଞ୍ଜୟ ସିଂ ନୁହେଁ ବରଂ କଲେଜର ପୂର୍ବତନ ପ୍ରିନ୍ସପାଲ ସନ୍ଦିପ ଘୋଷଙ୍କ ସହ ଅନ୍ୟ ୩ଜଣଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଏବେ ଏହି ଘଟଣାରେ କେବଳ ସଞ୍ଜୟ ରାୟଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ । ଆଉ ନ୍ୟାୟ ପାଇଛି ଅଭୟା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୋର୍ଟ ଏହାକୁ ସାଧାରଣ ଘଟଣା କହିନଥିଲେ ବି ଏହାକୁ ବିରଳରୁ ଅତି ବିରଳତମ ଘଟଣା ମଧ୍ୟ କହିନାହାନ୍ତି। ଜାନୁଆରୀ ୧୮ ତାରିଖରେ ସିଆଲଦା କୋର୍ଟ ସଞ୍ଜୟ ରୟକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଦଣ୍ଡାଦେଶ ଶୁଣାଣି ବେଳେ ଜଜଙ୍କ ଆଗରେ ନେହୁରା ହୋଇଥିଲା ସଂଜୟ। କୋର୍ଟଙ୍କ ଆଗରେ କହିଥିଲା ଯେ ସେ ଦୋଷୀ ନୁହେଁ। ସେ କିଛି ବି ଦୋଷ କରିନାହାନ୍ତି। ତାକୁ ଫସାଇ ଦିଆଯାଇଛି। ଦୋଷ ସ୍ୱୀକାର କରିବାକୁ ତା' ଉପରେ ଚାପ ପକାଯାଇଥିବା କହିଛି ସଂଜୟ। ତେବେ ଏହି ଘଟଣାରେ କେବଳ ସଞ୍ଜୟ ଦୋଷୀ ନା ଆଉ କାହାର ସମ୍ପୃକ୍ତି ଅଛି ?

## ଆମ ହାତରେ ମାମଲା ...

ଆଜୀବନ କାରାଦଣ୍ଡ ଦେଇଛନ୍ତି। ଯଦି ମାମଲାଟି ସିବିଆଇକୁ ହସ୍ତାନ୍ତର କରାଯାଇ ନଥାନ୍ତା ଏବଂ ଆମ ହାତରେ ଥାଆନ୍ତା, ତେବେ ବହୁତ ପୂର୍ବରୁ ମୃତ୍ୟୁଦଣ୍ଡ ଦିଆଯାଇଥାଆନ୍ତା। ମୁଁ ଏହି ନିଷ୍ପତ୍ତିରେ ସନ୍ତୁଷ୍ଟ ନୁହେଁ।" କେବଳ ଏତିକି ନୁହେଁ, ଭାରତୀୟ ଜନତା ପାର୍ଟି ନେତା ଏବଂ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର କହିଛନ୍ତି, "ଆମେ ମୃତ୍ୟୁଦଣ୍ଡ ଚାହୁଁଥିଲୁ। ତାହା ଘଟିଲା ନାହିଁ। ପୀଡିତାଙ୍କ ପରିବାର ଟଙ୍କା ଚାହାଁନ୍ତି ନାହିଁ। ପଶ୍ଚିମବଙ୍ଗର ଲୋକମାନେ ଭାବୁନାହାଁନ୍ତି ଯେ ଏଥିରେ କେବଳ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିଲେ, ଏହାର ତଦନ୍ତ ହେବା ଉଚିତ।

## ଯୋଜନାବଦ୍ଧ ଥିଲା କି ...

କିନ୍ତୁ ମୃତ୍ୟୁ ପରେ ନା କ୍ରାଇମବ୍ରାଞ୍ଚ ପାଖରେ ରକ୍ତଭିଜା ସାର୍ଟ ରହିଛି, ନା ପରୀକ୍ଷା ପାଇଁ ଫୋରେନ୍ସିକ୍ ଲାବ୍‌କୁ ପଠାଯାଇଛି । ଆଉ ଏ ଭିତରେ କ୍ରାଇମବ୍ରାଞ୍ଚ୍ ସୂତ୍ରରୁ ମିଳିଥିବା ଚାଞ୍ଚଲ୍ୟକର ତଥ୍ୟଟି ହେଉଛି ଝାରସୁଗୁଡ଼ାରୁ ଭୁବନେଶ୍ୱର ଆସିବା ପରେ ଯେଉଁ ଆପୋଲୋ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା, କୋଭିଡ୍ ଆଳରେ କୁଆଡ଼େ ଆପୋଲୋ ହସ୍ପିଟାଲ କର୍ତ୍ତୃପକ୍ଷ ତାକୁ ପୋଡ଼ି ଦେଇଛନ୍ତି । ଆହୁରି ସାଂଘାତିକ କଥାଟି ହେଉଛି କି ନବଙ୍କ ହତ୍ୟାର ୩ ମାସ ପୂର୍ବରୁ କୋଭିଡ୍ କଟକଣାକୁ ହଟାଇ ସାରିଥିଲେ ରାଜ୍ୟ ସରକାର । ତେଣୁ ପ୍ରଶ୍ନ ପୂରା ସରକାର ହସ୍ପିଟାଲରେ ଉପସ୍ଥିତ ଥିଲା ବେଳେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଗୁଳିମାଡ଼ ଭଳି ସାଂଘାତିକ ଘଟଣାର ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ କେମିତି ଜାଳି ଦିଆଯାଇ ପାରିଲା ? ହସ୍ପିଟାଲ୍ କର୍ତ୍ତୃପକ୍ଷ ଜାଣିଶୁଣି ଏମିତି କରିଛନ୍ତି ନା କାହା ନିର୍ଦ୍ଦେଶରେ ପ୍ରମାଣ ଲିଭେଇ ଦେଇଛନ୍ତି ? ହେଲେ ଏନେଇ କ୍ୟାମେରା ସାମ୍ନାରେ ମୁହଁ ଖୋଲି ନାହାନ୍ତି ଆପୋଲୋ ହସ୍ପିଟାଲ୍ କର୍ତ୍ତୃପକ୍ଷ । ପୁଣି ସେଇ ଦୃଶ୍ୟ ପାଖକୁ ଫେରନ୍ତୁ । ନବଙ୍କୁ ଗୁଳିମାଡ଼ ବେଳେ ତାଙ୍କୁ ଧରିଥିବା ବ୍ୟକ୍ତି ହେଉଛନ୍ତି ଶୁଭେନ୍ଦୁ ପଟ୍ଟନାୟକ । ସ୍ପଷ୍ଟ ଦିଶୁଥିଲା ଶୁଭେନ୍ଦୁ ପିନ୍ଧିଛନ୍ତି ହଳଦିଆ ରଙ୍ଗର ସାର୍ଟ । ପ୍ରପର୍ଟି ସିଜର ଲିଷ୍ଟରେ ବି ସେଇ ସମାନ କଥା ଉଲ୍ଲେଖ ଅଛି । ହେଲେ ସାକ୍ଷୀଙ୍କ ବୟାନ ରେକର୍ଡ ବେଳେ ହଳଦୀ ରଙ୍ଗ ସାର୍ଟ ବଦଳି ଧଳା ହେଇଯାଉଛି । ଧାରା ୧୬୧ ଅନୁସାରେ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ସାକ୍ଷୀଙ୍କ ଏ ବୟାନ୍ । ଏଠି ପ୍ରଶ୍ନ ପ୍ରପର୍ଟି ସିଜରରେ ହଳଦିଆ ଥିବା ସାର୍ଟ ବୟାନ ରେକର୍ଡ ସମୟରେ ଧଳା କେମିତି ହେଲା ? ଏତେ ବଡ଼ ତ୍ରୁଟି କେମିତି କଲା କ୍ରାଇମବ୍ରାଞ୍ଚ ? ଏମିତି କରିବାକୁ ଚାପ ନଥିଲା ତ କ୍ରାଇମବ୍ରାଞ୍ଚ ଉପରେ ? ସବୁଠୁ ବଡ଼ କଥା ହେଉଛି ଓଟିଭିକୁ ଏକ୍ସକ୍ଲୁସିଭ୍ ଇଣ୍ଟରଭ୍ୟୁ ଦେଇ ସାକ୍ଷୀ ଶୁଭେନ୍ଦୁ ବି କହିଛନ୍ତି ମୁଁ ହଳଦିଆ ସାର୍ଟ ହିଁ ପିନ୍ଧିଥିଲି ।

## ରାସନ କାର୍ଡରେ ଅଛନ୍ତି ..

ତାଲିକାର ୫୧ ନମ୍ବରରେ ଥିବା ନାରାୟଣପୁର ଗାଁର ଶ୍ୟାମଘନ ବାରିକ ଜଣେ ହୋମିଓପ୍ୟାଥି ଡାକ୍ତର, ସେ ଏବେ ବାଲେଶ୍ୱରରେ ଜିଲ୍ଲା ହୋମିଓପ୍ୟାଥି ମେଡିକାଲ ଅଫିସର। ୯୫ ନମ୍ବରରେ ଯିଏ ଅଛନ୍ତି ସେ ହେଲେ ବାଗଡ଼ା ଗାଁର ଜଣେ ପୋଲିସ୍ ବାବୁ, ସବଇନସପେକ୍ଟର ଭାବେ ବାରିପଦାରେ କାର୍ଯ୍ୟରତ। ଏ ତାଲିକା ବେଶ୍ ଲମ୍ବା। ଏମାନଙ୍କ ମଧ୍ୟରୁ ସୁବର୍ଣ୍ଣରେଖା ମହାବିଦ୍ୟାଳର ପ୍ରିନସିପାଲ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଦାସଙ୍କୁ ରାସନ କାର୍ଡ କେମିତି ପାଇଲେ, ପଚରାଯିବାରେ ସେ ଗୋଳମାଳିଆ ଉତ୍ତର ରଖିଥିଲେ। ତେବେ ରାସନକାର୍ଡର ଏ ମହାଘୋଟାଲା ପାଇଁ ସ୍ଥାନୀୟ ଲୋକେ ସିଧାସଳଖ ବିଜେଡି ସରକାରଙ୍କୁ ଦୋଷ ଦେଇଛନ୍ତି। ଖାଲି ବାଲିଆପାଳ ନୁହେଁ, ଏଚଆରଏମଏସ୍ ତଥ୍ୟ ଅନୁସାରେ ବାଲେଶ୍ୱର ଜିଲ୍ଲାର ଭୋଗରାଇରେ ୩୦୨ ଓ ଜଳେଶ୍ୱରରେ ୧୮୦ ଜଣ ସରକାରୀ ଚାକିରିଆ ବର୍ଷ ବର୍ଷ ଧରି ରାସନ ସାମଗ୍ରୀ ହାତୋଉଥିବା ଇକେୱାଇସିରୁ ଧରା ପଡ଼ିଛି। ତେଣୁ ସେମାନଙ୍କୁ ଚିହ୍ନଟ କରି କାର୍ଡ ପ୍ରତ୍ୟାହାର ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ଖାଦ୍ୟ ଓ ଯୋଗାଣ ବିଭାଗ ପ୍ରମୁଖ ସଚିବ। ତେଣେ ଏସବୁ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଉଠିଲାଣି ଦାବି। ସେପଟେ ବାଲେଶ୍ୱର ଜିଲ୍ଲାରେ ରାସନ କାର୍ଡ ଘୋଟାଲା ସମ୍ପର୍କରେ ଜାଣିବାକୁ ଯୋଗାଣ ବିଭାଗ ଅଧିକାରୀ ଓ ଜିଲ୍ଲାପାଳଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ କେହି ବି କ୍ୟାମେରା ଆଗରେ କିଛି କହିନଥିଲେ। ଅନ୍ୟ ପକ୍ଷରେ ଯୋଗାଣ ମନ୍ତ୍ରୀ କହିଛନ୍ତି- ଇ କେୱାଇସି ଫଳରେ ସାରା ରାଜ୍ୟରୁ ଏଭଳି ଲକ୍ଷ ଲକ୍ଷ ଅଯୋଗ୍ୟ ହିତାଧିକାରୀ ଧରାପଡିଛନ୍ତି। ସେମାନଙ୍କୁ ରାସନ କାର୍ଡ ଫେରାଇ ଦେବାକୁ ଅପିଲ୍ କରାଯାଉଛି। ଇ--କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଗଲେ, କି କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା ବିଚାର କରାଯିବ।

## ଓଡ଼ିଶାର ପ୍ରାକୃତିକ ସମ୍ପଦ...

ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱର ମିଳାଇଛନ୍ତି କେନ୍ଦ୍ର ଖଣିମନ୍ତ୍ରୀ ଜି କିଶନ ରେଡ୍ଡୀ। ଦେଶର ବିକାଶ ପାଇଁ ଖଣି ଶିଳ୍ପର ବିକାଶ କେନ୍ଦ୍ର ସରକାରଙ୍କ ଫୋକସରେ ଥିବା କହିଛନ୍ତି । ଦେଶର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଖଣି ଶିଳ୍ପର ବଡ ଭୂମିକା ରହିଛି। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ମିଳିତ ଭାବେ ଖଣି ଶିଳ୍ପକୁ ଏବେ ଫୋକସରେ ରଖିଛନ୍ତି।

## ପୂର୍ବତନ ବିଧାୟକଙ୍କ ଉପରୁ ...

ଯୁକ୍ତି ସଂଗଠନ ମଜବୁତ ପାଇଁ ବିଜୁ ଲିଗାସି ନେତାଙ୍କୁ ଖୋଜି ଦଳକୁ ଫେରାଇବାର ଆବଶ୍ୟକତା ଅଛି। ଅନ୍ୟପଟେ ବିଜେପି ଓ କଂଗ୍ରେସ ପାଲଟା ପ୍ରଶ୍ନ କରିଛନ୍ତି, ବର୍ଷକରେ ଜନବିରୋଧୀରୁ ଜନପ୍ରିୟ କେମିତି ହୋଇଗଲେ ସୁଧାଂଶୁ। ଦୁର୍ନୀତି ନାଁରେ ଯାହାକୁ ଦିନେ ବହିଷ୍କାର କରିଥିଲେ, ତାଙ୍କୁ ପୁଣି କୋଳେଇ ନେଇଛି ବିଜେଡି। ୨୧ ସେପ୍ଟେମ୍ବର ୨୦୨୩। କୃଷି ଯନ୍ତ୍ରାଂଶ କିଣାରେ ଦୁର୍ନୀତି ପାଇଁ ସେତେବେଳର ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କୁ ଖୋଦ୍ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳରୁ ବହିଷ୍କାର କରିଥିଲେ। କିନ୍ତୁ ରବିବାର ତାଙ୍କ ଉପରୁ ନବୀନ ବହିଷ୍କାର ଆଦେଶ ଉଠାଇ ଦେଇଛନ୍ତି। ତେବେ କାହିଁକି ବର୍ଷେ ୪ ମାସ ପରେ ସୁଧାଂଶୁଙ୍କୁ ପୁଣି ଥରେ ଆପଣାଇ ନେଲା ବିଜେଡି ? ସୁଧାଂଶୁ କହିଛନ୍ତି କିଛି କୁଚକ୍ରୀଙ୍କ ପାଇଁ ତାଙ୍କୁ ବହିଷ୍କାର କରାଇଯାଇଥିଲା। ଅନ୍ୟପଟେ ବିଜେଡିର ଜଳେଶ୍ୱର ବିଧାୟକଙ୍କ ମତ ହେଲା, ଦଳକୁ ସଂଗଠିତ କରିବାକୁ ବିଜୁ ଆଦର୍ଶରେ ଅନୁପ୍ରାଣିତ ନେତାଙ୍କୁ ଦଳକୁ ପୁଣି ଥରେ ଫେରାଯାଉଛି। ଯାହାଫଳରେ ଦଳ ଅଧିକ ସଶକ୍ତ ହେବ। ବାଲେଶ୍ୱରରେ ବିଜେଡି ଗଡ଼ ଭୁଶୁଡିବା ଆରମ୍ଭ କରିଛି। ଗଲା ନିର୍ବାଚନରେ ରେମୁଣା, ବାଲେଶ୍ୱର ସଦର, ସିମୁଳିଆରେ ପରାଜିତ ହୋଇଛି ବିଜେଡି। ଗୋଷ୍ଠୀ କନ୍ଦଳ ବି ତୀବ୍ର। ସିମୁଳିଆରେ ପୂର୍ବତନ ବିଧାୟକ ଜ୍ୟୋତି ପାଣିଗ୍ରାହୀ ଓ ଶଶି ସାହୁଙ୍କ ଭିତରେ ବିବାଦ ବଢି ବଢି ଚାଲିଛି। ଏବେ ବିପର୍ଯ୍ୟୟ ପରେ ଦଳ ବାଲେଶ୍ୱର ଗଡ଼ ସଜାଡିବାକୁ ପୂର୍ବତନ ନେତାଙ୍କୁ ଗୁରୁତ୍ୱ ଦେବା ଆରମ୍ଭ କରିଛି। ବିଜେପିର ଯୁକ୍ତି, ବିଜେଡି ଜନବିରୋଧୀ କହି ସୁଧାଂଶୁଙ୍କୁ ବହିଷ୍କାର କରିଥିଲା, ଏବେ କଣ ସିଏ ଜନପ୍ରିୟ ହୋଇଗଲେ ? ପକେଇବା ଛେପ ଚୋକି, ବିଜେଡି ବାର୍ତ୍ତା ଦେବାରୁ ଚାହୁଁଛି ଯେ ଦଳକୁ ବି ନେତା ଫେରୁଛନ୍ତି। ମାତ୍ର ଲୋକେ ଆଉ ଗ୍ରହଣ କରିବେନି। ସେପଟେ କଂଗ୍ରେସ କଡା ସମାଲୋଚନା କରି କହିଛି, ବିଜେଡିରେ ନେତା ନଥିଲେ। ପାଣ୍ଡିଆନ୍ ହିଁ ସର୍ବେ ସର୍ବା ଥିଲେ। ଏବେ ସଂଗଠିତ ପାଇଁ ବିଜେଡି ଯେଉଁ ରଣନୀତି କରୁଛି ତାହା ଫେଲ୍ ମାରିବ।

## କାଙ୍ଗପୋକପିରୁ ବିପୁଳ ...

ବିସ୍ଫୋରଣ ସାମଗ୍ରୀ ଉଦ୍ଧାର କରାଯାଇଛି। ଉଦ୍ଧାର ସାମଗ୍ରୀରେ ୭.୬୨ ମିମୀ ସ୍ନାଇପର ରାଇଫଲ ଗୋଟିଏ,୯ ମିମୀ ପିସ୍ତଲ ପାଞ୍ଚ ଏବଂ ମ୍ୟାଗାଜିନ ପାଞ୍ଚ ,ଏସବୀବୀଏଲ ଗନ ଦୁଇଟି ,ନମ୍ବର ୩୬ ହ୍ୟାଣ୍ଡ ଗ୍ରେନେଡ ଦୁଇଟି,ଜୀବନ୍ତ ଗୁଳି ଛଅଟି,ଷ୍ଟନ ସେଲ ଦୁଇଟି,ଟିଲି ଟିୟର ସ୍ମୋକ ସେଲ ଗୋଟିଏ,ଟୀୟର ସ୍ମୋକ ସେଲ ଗୋଟିଏ,ଏବଂ ଗୋଟିଏ ମୋଟୋରୋଲା ମେଟ ସେଟ ଅନ୍ତର୍ଭୁକ୍ତ ।ସୁରକ୍ଷାବାହିନୀ ଦ୍ୱାରା ସମ୍ବେଦନଶୀଳ ପାହାଡୀ ଏବଂ ଘାଟି ଅଞ୍ଚଳରେ ଚୋରାଚାଲାଣ ତଥା ଅପରାଧକୁ ରୋକିବା ପାଇଁ ଏହି ଅପରେସନ ଆରମ୍ଭ କରାଯାଇଥିଲା ।ଘଟଣାରେ ତଦନ୍ତ ଜାରି ରହିଛି।

## କଂଗ୍ରେସର ଗର୍ଜନରେ କମ୍ପିଲା ...

ଅନ୍ୟପଟେ ପରିଚୟ ସଙ୍କଟ ଦୂର କରିବାକୁ ସମାବେଶ ଶରଣରେ ଯୁବ କଂଗ୍ରେସ ପଶିଥିବା କହିଛନ୍ତି ବିଜେପି ଯୁବମୋର୍ଚ୍ଚା ସଭାପତି। ଓଡ଼ିଶାରେ କଂଗ୍ରେସ ବ୍ରାଞ୍ଚକୁ ବନ୍ଦ କରିଛି ବୋଲି କହି ଟାର୍ଗେଟ କରିଛନ୍ତି ଅଭିଳାଷ। ରାଜ୍ୟ ସରକାରଙ୍କ ବିରୋଧରେ ଯୁବ କଂଗ୍ରେସର ହଲ୍ଲାବୋଲ ଜରିଆରେ କଂଗ୍ରେସ ନିଜର ଉପସ୍ଥିତି ଜାହିର କରୁଛି। କିନ୍ତୁ ଏଯାଏଁ କଂଗ୍ରେସର ସଙ୍ଗଠନର ନା ନବକଳେବର ହୋଇପାରୁଛି ନା ମୁଖିଆ ଘୋଷଣା ହେଉଛି। ମାସ ଶେଷ ସୁଦ୍ଧା ପିସିସି ସଭାପତି ଘୋଷଣା ନେଇ ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

ମଙ୍ଗଳବାର, ଜାନୁଆରୀ ୨୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କ୍ଲଷ୍ଟରସ୍ତରୀୟ ମାସିକ ମୌଳିକ ଜ୍ଞାନ ଓ ସାକ୍ଷରତା ବୈଠକ

ବସ୍ତା , ୨୦/୧ (ନି.ପ୍ର): ବସ୍ତା ବ୍ଲକ ରଘୁନାଥ ପୁର ପଞ୍ଚାୟତ କାଣ୍ଡଗାଁ ନୂତନ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ମାସିକ ମୌଳିକ ଜ୍ଞାନ ଓ ସାକ୍ଷରତା ବୈଠକ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମକୁ ପାଉଁଶକୁଲି ଶିକ୍ଷା କ୍ଲଷ୍ଟରର ସିଆରସିସି ତପନ କୁମାର ସେଣ ସଭାପତିତ୍ୱ କରିଥିବା ବେଳେ, ସ୍ଥାନୀୟ ସରପଞ୍ଚ ଅନନ୍ତ କୁମାର୍ ବାରିକ ଉଦ୍ଘାଟନ କରିଥିଲେ। ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଜୟ କୁମାର ଜେନା,ଅଜୟ କୁମାର ସେଠୀ,ପରେଶ୍ କୁମାର୍ ହାସଦା, ଶମ୍ଭୁନାଥ ମହାନ୍ତି ଯୋଗ ଦେଇଥିଲେ। ତୃଣ ମୂଳ ସ୍ତରରୁ ବିଭିନ୍ନ ନୂତନ କୌଶଳ ମାଧ୍ୟମରେ ପ୍ରଥମ ରୁ ତୃତୀୟ ଶ୍ରେଣୀ ପିଲାଙ୍କ ର ଗଣିତ ଓ ସାହିତ୍ୟ ଜ୍ଞାନ କୁ ସଶକ୍ତ କରିବା ଏହି ବୈଠକ ର ମୂଳ ଉଦ୍ଦେଶ୍ୟ।ଯାହା ଦ୍ୱାରା ହସ ଖୁସିରେ , ଖେଳ ଖେଳରେ ଦୁର୍ବଳ ଓ ପଛୁଆ ପିଲା ମାନେ ବେସ ଉପକୃତ ହୋଇପାରିବେ। ଏହି ଅବସରରେ ପାଉଁଶକୁଲି ଶିକ୍ଷା କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଏଫ୍‌ଏଲ୍‌ଏନ ଶିକ୍ଷକ ଉପସ୍ଥିତ ରହି ନୂତନ ଶିକ୍ଷା କୌଶଳ ଓ ତଥ୍ୟ ଗ୍ରହଣ କରିଥିଲେ ,ଯାହା ସେମାନେ ବିଦ୍ୟାଳୟର ଶ୍ରେଣୀ ଗୃହରେ ପିଲାଙ୍କ ଉଦ୍ଦେଶ୍ୟରେ ପ୍ରାୟୋଗ କରିବେ। ଶିକ୍ଷକ ପ୍ରଦୀପ କୁମାର୍ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ



ନୀଳଗିରି, ୨୦/୧ (ନି.ପ୍ର): ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ଗୋପୀନାଥ ପରିଡ଼ା, ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ପଞ୍ଚାୟତସମିତି ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ତହସିଲଦାର ତଥା ଏନଏସି ନିର୍ବାହୀ ଅଧିକାରୀ ସୋନମ ଦାସ, ଏନଏସି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ଉକ୍ତ ଜନଶୁଣାଣୀ ଶିବିରରେ ଯୋଗଦେଇଥିଲେ । ନୀଳଗିରି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରୁ ୧୦୨ ଜଣ ଅଭିଯୋଗକାରୀଙ୍କ ମଧ୍ୟରେ ବ୍ୟକ୍ତିଗତ ଓ଼ ସାମୁହିକ ଅଭିଯୋଗର ଶୁଣାଣି କରାଯାଇଥିଲା । ଅଭିଯୋଗ ମଧ୍ୟରେ, ଜଙ୍ଗଲ ଜମିପଟ୍ଟା, ଜଳ ସେଚନ, ବିଦ୍ୟୁତ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ରେସନକାର୍ଡ ସମ୍ବନ୍ଧୀୟ ,ବାର୍ଦ୍ଧକ୍ୟ ଭତ୍ତା, ଆଇନ ଶୃଙ୍ଖଳା, ଦିବ୍ୟାଙ୍ଗ ଭତ୍ତା, ସହାୟତରୁ ବଞ୍ଚିତ ହେବା ଅଭିଯୋଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଏହି ସମସ୍ତ ଅଭିଯୋଗ ଗୁଡିକୁ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀଙ୍କୁ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ଓ଼ ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ଉପଖଣ୍ଡ ଓ଼ ଜିଲ୍ଲା ସ୍ତରୀୟ ସମସ୍ତ ପଦାଧିକାରୀ ଓ଼ ଅଭିଯୋଗକାରୀ ଉପସ୍ଥିତ ଥିଲେ ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ ଓ ପ୍ରଥମ ବାର୍ଷିକୀ ସ୍ମୃତିଚାରଣ ଉତ୍ସବ

ବାଲିଆପାଳ, ୨୦/୧ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ନବ ବାଲିଆପାଳର ବିଶ୍ୱକର୍ମା ବାଲେଶ୍ୱର ଜିଲ୍ଲାର ଅଦ୍ୱିତୀୟ ଜନ ନେତା ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବାଲିଆପାଳ ବ୍ଲକ ଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନ ପରିସରରେ ଜୟନାରାୟଣ ମହାନ୍ତିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ କମିଟି ପକ୍ଷରୁ ଆୟୋଜିତ ସ୍ମୃତି ସଭାରେ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ସହପାଠୀ ପ୍ରଧାପକ ହୃଦୟ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ତଥା ଉଦଘାଟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧାର ଗମାଙ୍ଗ ଯୋଗଦେଇ



ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ବରେଣ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବାଲେଶ୍ୱର ସାଂସଦ ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ବିଜନ ନାୟକ, ରବିନ୍ଦ୍ର ଅଣ୍ଡିଆ, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା କମିଟି ର ଆବାହକ ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ , ବ୍ରଜକିଶୋର ଭୂୟାଁ, ସ୍ୱର୍ଗତ ମହାନ୍ତିଙ୍କ ବଡ଼ଭାଇ ଶିକ୍ଷକ ନେତା ଜଗନ୍ନାଥ ମହାନ୍ତି , ଜଳେଶ୍ୱର ପୌରପାଳିକାର ଅଧକ୍ଷ ପ୍ରତୀକ ପ୍ରଧାନ, ବାଲେଶ୍ୱରର ଯୁବ ନେତା ବିକ୍ରମ ପଣ୍ଡା, ଯାଦବେଶ ମିଶ୍ର ପ୍ରମୁଖ ଯୋଗଦେଇ ଦିବ୍ୟଙ୍ଗତ ଆତ୍ମାଙ୍କ ସ୍ମୃତି ଚାରଣ କରିବା ସହିତ ଜୟନାରାୟଣ ତାଙ୍କର ଅତୁଳା କୀର୍ତ୍ତି ପାଇଁ ଜନମାନସ ସେ ସବୁଦିନ ମନେ ରହିବେ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁବ୍ରତ ପଣ୍ଡା, ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା,ଇଂ ବିଜୟ ସେଠୀ ବରିଷ୍ଠ କଂଗ୍ରେସ ନେତା ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ସଞ୍ଜୟ ଦେ ସ୍ୱର୍ଗତ ମହାନ୍ତିଙ୍କ ଶିଷ୍ୟ ଅମର ପାତ୍ର,ଶ୍ରୀଧର ବିଶ୍ୱାଳ, ସୁଶାନ୍ତ ରଣା, ଅଶୋକ ବାଗ, ଅଶ୍ୱିନୀ ଦାସ, ପ୍ରତାପ କୁମାର ପାତ୍ର ସଞ୍ଜୀବ ପାତ୍ରଙ୍କ ସହିତ ବାଲେଶ୍ୱର, ଜଳେଶ୍ୱର, ଭୋଗରାଇ ବାଲିଆପାଳ ତଥା ବିଭିନ୍ନ ସ୍ଥାନରୁ ବହୁ ନେତୃବୃନ୍ଦ ସମାଜସେବୀ ଯୋଗଦେଇ ଥିଲେ। ରବିନାରାୟଣ ମହାନ୍ତି ଏବଂ ସେଇଠୁ ଆରମ୍ଭର ସମ୍ପାଦକ ତଥା ସ୍ୱର୍ଗତ ମହାନ୍ତିଙ୍କ ଭଣଜା ଶୁଭେନ୍ଦୁ ଦାସ ମଞ୍ଚ ପରିଚାଳନା କରିଥିଲେ। ପୁତ୍ର ସତ୍ୟକାମ ମହାନ୍ତି ଏବଂ ଦିବ୍ୟକାମଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ମରଣିକା 'ଜନନେତା ଜୟନାରାୟଣ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସ୍ମୃତି କମିଟିର ସମସ୍ତ କର୍ମକର୍ତ୍ତା ମାନଙ୍କ ସହଯୋଗରେ କାର ?ୟକ୍ରମ ସଫଳତାର ସହିତ ସମାପନ ହୋଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ଭଣଜା ଡ. ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସର ପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ବ୍ରହ୍ମା ନନ୍ଦ ମାଝୀଙ୍କର ପରଲୋକ

ବେତନଟୀ , ୨୦/୧ (ନି.ପ୍ର): ଶ୍ରୀ ବ୍ରହ୍ମା ନନ୍ଦ ମାଝୀ (୮୨)(ହାଁସଦା) ଅବସର ଓଡିଶା ପ୍ରଶାସନିକ ଅଧିକାରୀ, କୃଷ୍ଣଚନ୍ଦ୍ରପୁର୍ ରଙ୍କ ଗତ କାଲି ରାତିରେ ଏସସିବି କଟକ ମେଡିକାଲରେ ଚିକିତ୍ସା ଧିନ୍ ବେଳେ ଦେହାନ୍ତ ହେଇଯାଇଛି। କିଛି ଦିନ ହେବ ରଗ ଶଯ୍ୟା ସାୟୀ ଥିଲେ । ଦେହ ବେଶୀ ଖରାପ ହେବାରୁ ତାଙ୍କୁ ପିଆରଏମ ମେଡିକାଲରେ ଆଡ଼ମିଶନ କରିଥିଲେ ପରେ ତାଙ୍କୁ ଏସସିବି କଟକୁ ରେଫର୍ କରିଥଲେ। ତାଙ୍କ ମୃତ ମୃତ୍ୟୁ ଶଯ୍ୟାରେ ତାଙ୍କର ପୁଅ ଶ୍ରୀ ବୁଧୁରାମ ହାଁସଦା, ଶ୍ରୀ କରୁଣା କର ହାଁସଦା ଏବଂ ମାଷ୍ଟର ଭଣଜା ଶ୍ରୀ ବିଦ୍ୟାଧର ସରେନ୍, ଅଧୀକ୍ଷକ ନବୋଦୟ ବିଦ୍ୟାଳୟ ସହିତ ଝିଅ ବନ୍ଧୁ ବାନ୍ଧବ ଉପସ୍ଥିତି ଥିଲେ। ଶ୍ରୀ ବ୍ରହ୍ମା ନନ୍ଦ ମାଝୀଙ୍କର ମୃତ୍ୟୁ ଏ ଅଞ୍ଚଳରେ ଦୁଃଖର ଛାୟା ଖେଳି ଯାଇଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୪-୨୫ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୦/୧ (ନି.ପ୍ର): ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୪-୨୫ ଅନୁଯାୟୀ ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକମାନଙ୍କର ଚୟନ କରାଯାଇ ତୀର୍ଥଯାତ୍ରା ଆୟୋଜନ କରାଯାଉଅଛି ଓ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ, କେନ୍ଦୁଝର ଓ ଯାଜପୁର ଆଦି ୫ ଟି ଜିଲ୍ଲାର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଫେବୃଆରୀ ୨୭ ତାରିଖ ଦିନ ବାଲେଶ୍ୱର ରେଳ ଷ୍ଟେସନ ଠାରୁ ଶିରଡ଼ି-ନାଶିକ ଅଭିମୁଖେ ଯାତ୍ରା କରିବେ ଓ ଏହି ଯୋଜନା ଅନ୍ତର୍ଗତ ୭୭୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଓ ସମ୍ମିଳିତ ଜିଲ୍ଲାଗୁଡିକର ୨୫ ଜଣ ଏସ୍କର୍ଟ ଅଧିକାରୀ ରେଳ ବିଭାଗ ଯୋଗାଇଦେଉଥିବା ସ୍ୱତନ୍ତ୍ର ରେଳ ଯୋଗେ ଯାତ୍ରା କରିବେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୪-୨୫ ନିମନ୍ତେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ବୈଠକ ଅନୁଯାୟୀ ଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ଫେବୃଆରୀ ୨୬ ତାରିଖରେ ଜିଲ୍ଲା ପ୍ରଶାସନ ମାନଙ୍କର ସହାୟତାରେ ନିଜ ଗ୍ରାମରୁ ସଦର ମହକୁମା ଏବଂ ସେଠାରୁ ବାଲେଶ୍ୱର ଆସି ପହଞ୍ଚିବା ପରେ ସେଠାରେ ସେମାନଙ୍କର ପଞ୍ଜୀକରଣ କରାଯାଇ ଭବ୍ୟ ସ୍ୱାଗତ କରାଯିବ ଓ ଯାତ୍ରା ଦିନ ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟବସ୍ଥାରେ ତୀର୍ଥଯାତ୍ରୀମାନଙ୍କୁ ଷ୍ଟେସନ ଅଣାଯାଇ ପାରମ୍ପରିକ ନୃତ୍ୟ ବାଦ୍ୟ ମଧ୍ୟରେ ସେମାନଙ୍କର ବିଦାୟ କରାଯିବ। ସୂଚନା ଯୋଗ୍ୟ ଯେ ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ବିଶ୍ୱରଞ୍ଜନ ନାୟକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଜୀବନର ଲକ୍ଷ୍ୟ ପୂରଣରେ ଦକ୍ଷତା ବିକାଶର ଭୂମିକା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା , ୨୦/୧ (ନି.ପ୍ର): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାରିପଦା ଉପଖଣ୍ଡ ସ୍ତରୀୟ ଜୀବନର ଲକ୍ଷ୍ୟ ପୂରଣରେ ଦକ୍ଷତା ବିକାଶର ଭୂମିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ବାରିପଦା ଉପଖଣ୍ଡର ୧୦ ଟି ବ୍ଲକର ନବମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ପ୍ରବନ୍ଧ (ସିନିୟର) ରେ ଓଡିଶା ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର ଧ୍ରୁବଲୋଚନ ବେହେରା, ଜୁନିୟରରେ ଏମ କେ ସି ଉଚ୍ଚ ବିଦ୍ୟାଳୟର ସୁହାନା ପରବିନ, ଭାଷଣ (ସିନିୟର) ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳର କଲ୍ୟାଣୀ ଦେଓ ଓ ଜୁନିୟରରେ ଅରଜ୍ୟୋତି ପ୍ରଧାନ, କୁଇଜ (ସିନିୟର) ରେ ଏମ ପି ସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାହିଲ କୁମାର ମହାନ୍ତ, ଜୁନିୟର ରେ ପାଇକସାହି ଏସ ଡି ସରକାରୀ ଉଚ୍ଚ ବିଦ୍ୟାଳୟର ମୋନାଲିସା ବେହେରା, ଚିତ୍ରାଙ୍କନ (ସିନିୟର) ରେ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳ ର ବିନାୟକ ପ୍ରିତମ ବେହେରା ଏବଂ ଜୁନିୟର ବିଭାଗରେ ଦ୍ୱାରସୁଣୀ ସରକାରୀ ବାଳିକା ବିଦ୍ୟାଳୟର ଝାନ୍ସୀ ମହାନ୍ତ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଦିଗଦର୍ଶନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବିଚାରକ ଭାବେ ଡି ଆଇ ଇ ଟି ର ଶିକ୍ଷକ ପ୍ରଶିକ୍ଷକ ବଶିଷ୍ଠ କୁମାର ନାୟକ, ଯୋଗେଶ୍ୱର ଘୋଷ ମହାପାତ୍ର, ବରିଷ୍ଠ ଶିକ୍ଷକ ବାଞ୍ଛାନିଧି ପଣ୍ଡା କାର୍ଯ୍ୟ ତୁଲାଇଥିଲେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ, ସି ଆର ସି ସି ଧନଞ୍ଜୟ ସାହୁ, ଗୀତିକା ବେହେରା, ଭବାନୀ ଶଙ୍କର ସିଂହ, ରାଜକିଶୋର ସେଠୀ ତଥା ଚୈତନ ପ୍ରସାଦ ମାର୍ଣ୍ଡି, ଅଜିତ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।




# ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ



ଜଳେଶ୍ୱର, ୨୦/୧ (ନି.ପ୍ର): ଆଧୁନିକ ଜଳେଶ୍ୱରର ନିର୍ମାତା, ମହାବିଦ୍ୟାଳୟର ସୁପ୍ରତିଷ୍ଠାପକ, ସୁଦକ୍ଷ ପୁରୁଷ, ଲୋକପ୍ରିୟ, ମାନବବାଦୀ,ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦିବା ୧୦ ଘଟିକାରେ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ପରିସରରେ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତିଚାରଣ ସଭା ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୀବନ ବସା ଭିତରେ ମଣିଷ କର୍ମକୁ ନେଇ ବଞ୍ଚିଥାଏ ।କର୍ମହିଁ ଜଣେ ମଣିଷର ଇତିହାସ ପୃଷ୍ଠାରେ ସ୍ଥାନ ପାଇଥାଏ, ମଣିଷ କର୍ମକୁ ନେଇ ବଞ୍ଚିଥାଏ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲିଆପାଳ ବ୍ଲକର ବିଡ଼ିଓ ପୁନମ ରାଉତ, ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଜ୍ୟୋତ୍ସ୍ନାରାଣୀ ଘୋଷ,ରାଜେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଅଧ୍ୟାପକ ଅଶୋକ କୁମାର ରଥ ବେଦ ପାଠ ସହ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ରବଣ ନାଥ ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ଡ.ମୁନାଲିସା ଚାନ୍ଦ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜ୍ଞାନରଞ୍ଜନ ଜେନା,ସୌମ୍ୟ ରଞ୍ଜନ ମହାନ୍ତି,ନିରଞ୍ଜନ ପରିଡ଼ା,ବିଜେସ କୁମାର ସେନାପତି,ନିଷ୍ଠଳ କୁମାର ଘଡେଇ, ଇପ୍ସିତା ଦାସ, ରଶ୍ମିରେଖା ପାତ୍ର, ମୃତ୍ୟୁଞ୍ଜୟ ମଲ୍ଲିକ,ଧନଞ୍ଜୟ ଜେନା, ଆଶୁତୋଷ ପାତ୍ର ପ୍ରମୁଖ ଅଧାପକ ଅଧାପିକା ମାନେ ପରିଚାଳନା କରିଥିବା ବେଳେ ରଣଜିତ୍ ରାୟ,ସମ୍ବିତ ପ୍ରଧାନ, ବେବିରଣୀ ନନ୍ଦୀ, ପଦ୍ମଲୋଚନ ସାମଲ, ଗୌରୀ ବେର,ସତ୍ୟଜିତ ମହାନ୍ତି ପ୍ରମୁଖ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଓଡ଼ିଶା ବିଧାନସଭା ପବ୍ଲିକ୍ ଅଣ୍ଡର ଟେକିଂ କମିଟିର ଭଦ୍ରକ ଗସ୍ତ



ଭଦ୍ରକ , ୨୦/୧ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ବିଧାନ ସଭାର ପବ୍ଲିକ ଅଣ୍ଡର ଟେକିଂ କମିଟି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ୩ ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଭଦ୍ରକରେ ପହଞ୍ଚି କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। କମିଟିର ଅଧକ୍ଷ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧକ୍ଷତାରେ କମିଟିର ଅନ୍ୟତମ ସଦସ୍ୟ ତଥା ବିଧାୟକ ଭାବେ ବଦ୍ରିନାରାୟଣ ପାତ୍ର, ଅଶ୍ୱିନୀ କୁମାର ପାତ୍ର, ସଞ୍ଜିବ୍ କୁମାର ମଲ୍ଲିକ୍, ଅଖିଳ ଚନ୍ଦ୍ର ନାୟକ, ମଙ୍ଗୁଖିଲ ପ୍ରମୁଖ ଏହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ପ୍ରମୁଖ ମଧ ସେମାନଙ୍କ ସହିତ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟକି କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ପ୍ରଶାସନ ଅଧିକାରୀ ଓ କମିଟି ସଦସ୍ୟମାନେ ଭଣ୍ଡାରିପୋଖରୀ ବ୍ଲକ୍ ଓ ଆଖୁଆପଦା ଅଞ୍ଚଳର ନେରେଡ଼ା ଓ ବାଲିପୋଖରୀ ଗ୍ରାମପଞ୍ଚାୟତର ସୁବର୍ଣ୍ଣମୁଖୀ ବାଲି ଖାଦାନ ପରିଦର୍ଶନ କରି ସେଠାରୁ ଯାଜପୁର ଓ ଭଦ୍ରକକୁ ଚୋରା ବାଲିଚାଲାଣ ଅଭିଯୋଗ ଓ ସମସ୍ୟାର ତଦାରଖ କରିଥିଲେ। ସେହିପରି ରହଣିଆ ଧାନମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ଠାରୁ ସେମାନଙ୍କ ଅଭିଯୋଗ ଓ ସମସ୍ୟା ଶୁଣି ସମାଧାନ ପାଇଁ ଆଶୁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ୨୦୨୪-୨୫ ବର୍ଷର ଉକ୍ତ କମିଟିର ୯ମ ବୈଠକ ଓ କ୍ଷେତ୍ର ସ୍ତରୀୟ ପରିଦର୍ଶନ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ଆଖୁଆପଦା ଅଞ୍ଚଳର ବାଲିଖନନ ସ୍ଥଳୀ ଓ ଧାନ ମଣ୍ଡି ପରିଦର୍ଶନ ପରେ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଓ.ଏସ୍.ଆର.ଟି.ସି., ପର୍ଯ୍ୟଟନ, ଓଡ଼ିଶା ବନ ନିଗମ, ଓଡ଼ିଶା ପୋଲିସ୍ ହାଉସିଂ କର୍ପୋରେସନ୍, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିକ୍ କର୍ପୋରେସନ୍, ଓ.ପି.ଟି.ସି.ଏଲ୍., ଯୋଗାଣ ନିଗମ ଆଦି ଦ୍ୱାରା ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ଯୋଜନା ଆଦିର କାର୍ଯ୍ୟକାରୀତା, ସଫଳତା ଓ ସଦସ୍ୟା ସମ୍ବନ୍ଧଷର ଟିକିନିଖି ସମୀକ୍ଷା କରିଥିଲେ। ବିଶେଷ କରି ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବା ପାଇଁ କମିଟିର ଅଧକ୍ଷ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିନା କଟନୀ ଛଟନୀରେ ଏଫ୍ ଏ କ୍ୟୁ ମାନର ଧାନ କ୍ରୟ ପ୍ରତି ଯତ୍ନବାନ୍ ହେବାକୁ କୁହାଯାଇଥିଲା। ସେହିପରି ବାଲି ଉତ୍ତୋଳନରେ ମାଫିଆ ରାଜ୍ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ କମିଟିର କ୍ଷେତ୍ର ସ୍ତରୀୟ ପରିଦର୍ଶନ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକରେ ଉପସ୍ଥିତ ରହି ସମୀକ୍ଷାରେ ଆବଶ୍ୟକ ମତେ ସଂପୃକ୍ତ ବିଭାଗର ତଥ୍ୟ ଓ ସମସ୍ୟା ସମ୍ବନ୍ଧରେ କମିଟିକୁ ଅବଗତ କରାଇଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଏହି ସମୀକ୍ଷା ବୈଠକ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ନିଗମ ମାନଙ୍କର ସାଧାରଣ ପରିଚାଳକ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆବଶ୍ୟକ ମତେ କମିଟି ନିକଟରେ ନିଜ ନିଜ ବିଭାଗୀୟ ତଥ୍ୟ ଉପସ୍ଥାପନ କରିଥିଲେ।

# ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବାସୁଦେବପୁର, ୨୦/୧ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବାସୁଦେବ ସ୍ୱାଇଁ, ବିଡ଼ିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଦତ୍ତ, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଧାଂଶୁ ବଳ , ସାଂସଦ ଙ୍କ ପ୍ରତିନିଧି ଜୟ ପ୍ରକାଶ ମଲ୍ଲିକ,ପ୍ରମୁଖ ଏହି ଶିବିର ରେ ଅତିଥି ଭାବେ ଯୋଗ ଦେଇଥିଲେ ଓ ଜନ ସାଧାରଣ ଙ୍କ ସମସ୍ୟା କୁ ବୁଝିଥିଲେ । ସମୁଦାୟ ଏହି ଶିବିର ରେ ୨୧୭ ଟି ଅଭିଯୋଗ ଶୁଣାଣି ହୋଇ ଥିଲା । ଏହି ଶିବିର ରେ ସହକାରୀ ଯନ୍ତ୍ରୀ ଅନିମେଶ ସୁବୁଦ୍ଧି ରାୟ, ମେଡ଼ିକାଲ ଅଫିସର ଡାକ୍ତର ସୁଶାନ୍ତ ସାମନ୍ତ, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ଯୋଗାଣ ବିଭାଗ ଅଧିକାରୀ ମଧୁସ୍ମିତା ସେନାପତି, ସି ଡି ପି ଓ ସନ୍ଧ୍ୟାରାଣୀ ମଲ୍ଲିକ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ । ବିଭିନ୍ନ ପଞ୍ଚାୟତରୁ ଲୋକମାନେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida